

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୯ ସେପ୍ଟେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 19 SEPTEMBER 2021
Vol.No. 32 ■ No. 240 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଇସ୍ତଫା ଦେଲେ ପଞ୍ଜାବ ମୁଖ୍ୟମନ୍ତ୍ରୀ

ଅମୃତସର,୧୮/୦୯ (ନି.ପ୍ର): ଦୀର୍ଘ ଦିନ ଧରି ପଞ୍ଜାବ କଂଗ୍ରେସରେ ଚାଲିଥିବା କଳି ଶେଷରେ ବିସ୍ଫୋରକ ରୂପ ଧାରଣ କରିଛି। ଦିନକୁ ଦିନ ବିବାଦ ବଢୁଥିବାରୁ ଆଜି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି କ୍ୟାପଟେନ ଅମରିନ୍ଦର ସିଂହ। ସେ ଆଜି ରାଜ୍ୟପାଳ ବନୱାରୀ ଲାଲ ପୁରୋହିତଙ୍କୁ ଭେଟି ନିଜର ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ଏହାପରେ ରାଜଭବନ ବାହାରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏଥିସହ ସେ ଆଉ ସକ୍ରିୟ ରାଜନୀତି କରିବେ ନାହିଁ ବୋଲି ତାଙ୍କ ପୁଅ ଟ୍ୱିଟ କରି ସଙ୍କେତ ଦେଇଛନ୍ତି। ରାଜ୍ୟପାଳଙ୍କୁ ଅମରିନ୍ଦର ସିଂହ ଇସ୍ତଫାପତ୍ର ଦେବା ବେଳେ ତାଙ୍କ ପୁଅ ରଣିନ୍ଦର ସିଂହ ମଧ୍ୟ ଉପସ୍ଥିତ ରହିଥିଲେ। ଅମରିନ୍ଦର ଇସ୍ତଫା ଦେଇଥିବାରୁ ଏବେ ପଞ୍ଜାବରେ ନୂଆ ମୁଖ୍ୟମନ୍ତ୍ରୀ ଚୟନ ପାଇଁ କସରତ ଆରମ୍ଭ



ହୋଇଛି। ରାଜଭବନ ଗେଟ୍ ପାଖରେ ସେ କହିଛନ୍ତି, "ମୁଁ ଇସ୍ତଫା ସମ୍ପର୍କରେ ସକାଳୁ ସୋନିଆ ଗାନ୍ଧିଙ୍କୁ ଜଣାଇ ସାରିଛି। ଗତ ୨ ମାସ ମଧ୍ୟରେ ତୃତୀୟ ଥର ପାଇଁ ବିଧାୟକ ଦଳ ବୈଠକ ବସୁଛି। ବିଧାୟକ ଦଳ ବୈଠକ କରି ମନଇଚ୍ଛା ନିଷ୍ପତ୍ତି ନିଆଯାଉଛି। ଏସବୁରେ ମୁଁ ଅପମାନିତ ହେଉଥିବା ସୋନିଆ ଗାନ୍ଧିଙ୍କୁ ଜଣାଇଥିଲି। ଏଥିସହ ଏପରି କାର୍ଯ୍ୟ ଜାରି ରହିଲେ ଇସ୍ତଫା ଦେଇଦେବି ବୋଲି କହିଥିଲି। ଏବେ ସେମାନେ ଯାହାକୁ ଇଚ୍ଛା ତାଙ୍କୁ ମୁଖ୍ୟମନ୍ତ୍ରୀ କରନ୍ତୁ। ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ ମଧ୍ୟ କଂଗ୍ରେସ ସହ ରହିଛି। ସମର୍ଥକଙ୍କ ମତାମତ ଓ ସମୟ ଆସିଲେ ମୁଁ ବିକଳ୍ପ କଥା ଚିନ୍ତା କରିବି। ଇସ୍ତଫା ଦେବି ବୋଲି ମୁଁ ସକାଳୁ ନିଷ୍ପତ୍ତି ନେଇ ସାରିଥିଲି।"

ବିଜେପି ଯେଉଁଭଳି ଭାବେ ଦଳୀୟ କନ୍ଦଳ ପାଇଁ ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ କରିଥିଲା, ଆଜି କଂଗ୍ରେସ ସମାନ ସ୍ଥିତିର ସମ୍ମୁଖୀନ ହୋଇ କ୍ୟାପଟେନ ଅମରିନ୍ଦର ସିଂହଙ୍କୁ ପଦ ଛାଡ଼ିବାକୁ କହିଛି। ପଞ୍ଜାବ କଂଗ୍ରେସ ମୁଖ୍ୟ ନବଜୋତ ସିଂହ ସିଦ୍ଧୁଙ୍କ ସହ ଅମରିନ୍ଦରଙ୍କ ଦୀର୍ଘ ଦିନ ହେଲା ବିବାଦ ଲାଗି ରହିଥିଲା।

ଏହାକୁ ଦୃଷ୍ଟିରେ ରଖି ସିଦ୍ଧୁଙ୍କୁ ସମର୍ଥନ କରୁଥିବା ୪୦ ଜଣ ବିଧାୟକ ଦଳୀୟ ହାଇକମାଣ୍ଡଙ୍କୁ ଅମରିନ୍ଦରଙ୍କ ବିରୋଧରେ ଚିଠି ଲେଖିଥିଲେ। ଆସନ୍ତାବର୍ଷ ରାଜ୍ୟରେ ବିଧାନସଭା ନିର୍ବାଚନ ଥିବାରୁ ହାଇକମାଣ୍ଡ ମଧ୍ୟ ଦଳୀୟ ଅସନ୍ତୋଷକୁ ପ୍ରଶମିତ କରିବା ପାଇଁ ଅମରିନ୍ଦରଙ୍କୁ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ କହିଥିଲେ। ଶେଷରେ ହାଇକମାଣ୍ଡଙ୍କ କଥାରେ ସେ ଇସ୍ତଫା ଦେଇଛନ୍ତି।

▶▶ପୃଷ୍ଠା ୭

## ୨୦ରୁ ଯୁକ୍ତ ୩ ପ୍ରଥମ ବର୍ଷ ପାଠପଢା

ଭୁବନେଶ୍ୱର,୧୮/୦୯ (ନି.ପ୍ର): ଆସନ୍ତା ସେପ୍ଟେମ୍ବର ୨୦ ତାରିଖରୁ ଯୁଜି ପ୍ରଥମ ବର୍ଷ ପିଲାଙ୍କ କ୍ଲାସରୁମ୍ ପାଠପଢ଼ା ଆରମ୍ଭ ହେବ। ଉଭୟ ଯୁଜି ୩ ବର୍ଷ ଓ ୪ ବର୍ଷ ପିଲା ଅଫଲାଇନ୍ ରେ ପାଠ ପଢିବେ। ଏନେଇ ସବୁ ଭିସି ଓ କଲେଜ ଅଧ୍ୟକ୍ଷଙ୍କୁ ଉଚ୍ଚଶିକ୍ଷା ସଚିବ ଚିଠି ଲେଖିଛନ୍ତି। ଏଥିସହ କ୍ଲାସରୁମ୍ ପାଠପଢ଼ା ନେଇ ଗାଇଡ୍ ଲାଇନ ଜାରି କରିଛି ବିଭାଗ। ରାଜ୍ୟରେ କରୋନା ସଂକ୍ରମଣ ମାମଲା ହ୍ରାସ ପରେ ଏହି ନିଷ୍ପତି ନିଆଯାଇଛି । ଏଥିସହ କୋଭିଡ୍ କଟକଣା ମଧ୍ୟରେ ୧୯ ତାରିଖ ଠାରୁ ହଷ୍ଟେଲ ଖୋଲିବ । ନିଷ୍ପତି ଅନୁଯାୟୀ କରୋନା ଗାଇଡଲାଇନ୍ ମାନି ଶ୍ରେଣୀଗୃହରେ ଶିକ୍ଷା ଦାନ କରାଯିବ।

▶▶ପୃଷ୍ଠା ୭

## ବିଶିଷ୍ଟ ସାହିତ୍ୟିକା ମନୋରମା ମହାପାତ୍ରଙ୍କ ପରଲୋକ

ଭୁବନେଶ୍ୱର,୧୮/୦୯ (ନି.ପ୍ର): ଦୈନିକ ସମାଜର ପୂର୍ବତନ ସଂପାଦିକା , ଶିକ୍ଷାବିତ୍ ତଥା ବିଷିଷ୍ଟ ସାହିତ୍ୟିକା ମନୋରମା ମହାପାତ୍ରଙ୍କର ୮୭ ବର୍ଷ ବୟସରେ ପରଲୋକ ଘଟିଛି। ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ କଟକ ଏସସିବି ମେଡିକାଲରେ ଭର୍ତି କରାଯାଇଥିଲା। କିନ୍ତୁ ଚିକିତ୍ସାଧିନ ଅବସ୍ଥାରେ ଶନିବାର ତାଙ୍କର ବିୟୋଗ ଘଟିଛି । ୧୯୩୪ ମସିହା ଜୁନ୍ ୧୦ ତାରିଖରେ କଟକ ଆଠଗଡରେ ତାଙ୍କର ଜନ୍ମ ଗ୍ରହଣ କରିଥିବା ସ୍ୱର୍ଗତା ମନୋରମା ମହାପାତ୍ର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କର ଝିଅ। ପ୍ରାଥମିକ ଶିକ୍ଷା ଶେଷ ପରେ ରେଭେନସା ଗାର୍ଲସ ହାଇସ୍କୁଲରୁ ମାଟ୍ରିକ୍ ପାସ୍ କରିଥିଲେ। ୧୯୭୦ ମସିହାରେ ଓଡ଼ିଶା ଶିକ୍ଷା ବିଭାଗରେ ଯୋଗ ଦେଇ ଅର୍ଥନୀତି ପ୍ରାଧ୍ୟାପିକା ଭାବରେ ଦୀର୍ଘ ୧୫ବର୍ଷ କାଳ ଶିକ୍ଷାଦାନ କରିଛନ୍ତି। ୧୯୮୫ ମସିହାରେ ସେ ସରକାରୀ ଚାକିରୀରୁ ଅବସର ନେଇ ସାମ୍ବାଦିକତା ଓ ସାହିତ୍ୟ ସେବାରେ ନିଜକୁ ନିୟୋଜିତ ରଖିଥିଲେ। ୧୯୮୪ ମସିହାରେ ସେ ସାହିତ୍ୟ



ଏକାଡେମୀ ଆୱାର୍ଡ ପାଇଥିଲେ । ୧୯୯୧ ମସିହାରେ ସେ ଓଡ଼ିଶା ସାହିତ୍ୟ ଏକାଡେମୀର ଅଧ୍ୟକ୍ଷା ଥିଲେ। ସେ ଏକାଧାରରେ ଜଣେ କବୟିତ୍ରୀ, ଲେଖିକା, ସ୍ତମ୍ଭକାର, ସାମ୍ବାଦିକା ଓ ଅବସରପ୍ରାପ୍ତ ଅଧ୍ୟାପିକା ଥିଲେ। ମନୋରମାଙ୍କ ଅନେକ ଉପନ୍ୟାସ, ଗଳ୍ପ ଓ କବିତା ମଧ୍ୟରେ ବଣରାଇଜର କଥା, ବୈଦେହୀ ବିସର୍ଜିତା, ଏକଲା ନଈର ଗୀତ , ଜହ୍ନରାତିର ମୁହଁ , ସାତ ସମୁଦ୍ର ତେର ନଈ , ଟିକି ବଗିଚାର ଟିକି ଚଢ଼େଇ , ଆଇଙ୍କ ମୁଣିରୁ ବିଜ୍ଞାନ ଗପ , ବନ୍ଦ ଘରର କବାଟ , ଆମେ ସବୁ ନୀରବ ଦର୍ଶକ , ଝଡ଼ପରେ ସୂର୍ଯ୍ୟୋଦୟ , ପାହାନ୍ତି ତାରାର ଲୁହ , ସମୟ ପୁରୁଷ ଆଦି ପ୍ରସିଦ୍ଧ ଗପ ଓ ଉପନ୍ୟାସ ରହିଛି।

## ଚାନ୍ଦିପୁର: ୫ ଅଭିଯୁକ୍ତଙ୍କ ୭ ଦିନିଆ ରିମାଣ୍ଡ ମଞ୍ଜୁର

### କଟକରେ ମାରାଥନ ଜେରା କରିବ କ୍ରାଇମବ୍ରାଂଚ ସ୍ପେଶାଲ ଟିମ୍

ବାଲେଶ୍ୱର,୧୮/୦୯ (ନି.ପ୍ର): ଚାନ୍ଦିପୁର ଡିଆରଡିଓରୁ ତଥ୍ୟ ଲିକ୍ ଅଭିଯୋଗ ମାମଲାରେ ଗିରଫ ହୋଇଥିବା ୫ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଲା କ୍ରାଇମବ୍ରାଞ୍ଚ। ସମସ୍ତ ଅଭିଯୁକ୍ତଙ୍କୁ ବାଲେଶ୍ୱର ଜେଲରୁ କଟକ ଆଣୁଛି କ୍ରାଇମବ୍ରାଞ୍ଚ। ୭ ଦିନିଆ ରିମାଣ୍ଡ ପାଇଁ ଅନୁମତି ଦେଇଛନ୍ତି ବାଲେଶ୍ୱର ଏସ୍ଡିଜେଏମ୍ଙ୍କ କୋର୍ଟ। ଡିଆରଡିଓର ଗୁପ୍ତ ତଥ୍ୟ ଲିକ୍ ମାମଲାରେ ଗତ ବୁଧବାର ବାଲେଶ୍ୱର ପୁଲିସ୍ ଚାନ୍ଦିପୁର ଆଇଟିଆର ଜଣେ କର୍ମଚାରୀ ଓ ୪ ଜଣ ଠିକା କର୍ମଚାରୀଙ୍କୁ ଗିରଫ କରିଥିଲା ପୁଲିସ। ସେମାନେ ହେଲେ ଝାମ୍ପରାହାଟ ଗାଁର ବସନ୍ତ ବେହେରା, ଶ୍ରୀକୋଣା ଗ୍ରାମର ଶେଖ୍ ମୁଶାଫିର, ପାଳଶିଆର ତାପସ ରଞ୍ଜନ ନାୟକ, ବୁଆଁଳ ଗାଁର ହେମନ୍ତ କୁମାର ମିସ୍ତ୍ରୀ ଓ ଉତ୍ତରପ୍ରଦେଶର ସଚିନ କୁମାର ଓରଫ ଛତା। ଏମାନେ ଦୀର୍ଘ ବର୍ଷ ଧରି ଆଇଟିଆରରେ କାମ କରୁଥିଲେ। କିଏ ୧୦ ବର୍ଷ ଧରି କାମ କରୁଥିଲା, ତ ଆଉ କିଏ ୨୦ ବର୍ଷ ଧରି ଚାକିରି କରୁଥିଲା। ଏହା ସତ୍ତ୍ୱେ ଏମାନେ କେମିତି ଦେଶଦ୍ରୋହ ଭଳି ସଂଗୀନ ଅପରାଧ କରୁଥିଲେ କେଉଁ ଲାଳସା ଏମାନେ ଶତ୍ରୁ ରାଷ୍ଟ୍ରକୁ ଦେଶର ଗୁପ୍ତ ତଥ୍ୟ ଦେଉଥିଲେ ? କୁହାଯାଉଛି ଏମାନେ କୁଆଡ଼େ ପାକିସ୍ତାନୀ ସୁନ୍ଦରୀଙ୍କ ମାୟା



ଜାଲରେ ପଡ଼ି ଡିଆରଡିଓର ଗୁପ୍ତ ତଥ୍ୟ ଦେଇଛନ୍ତି। ତେବେ ଏମାନଙ୍କ ଭିତରେ ମାଷ୍ଟର ମାଇଣ୍ଡ କିଏ କିଏ ? ଉତ୍ତରପ୍ରଦେଶର ସଚିନ କୁମାର ଆଇଟିଆରର କର୍ମଚାରୀ ହୋଇଥିବା ବେଳେ ବଡ଼ ବଡ଼ ଅଫିସରଙ୍କ ଗାଡ଼ି ଚଲାଉଥିଲେ। ସେହି ଦୃଷ୍ଟିରୁ ସେ ମାଷ୍ଟର ମାଇଣ୍ଡ ହୋଇଥିବା ଅନୁମାନ କରାଯାଉଛି। କାରଣ ସେ ବଡ଼ବଡ଼ ଅଫିସରଙ୍କ ଗାଡ଼ି ଚଳାଉଥିବାରୁ କିଏ କେତେବେଳେ ଆଇଟିଆରକୁ ଆସୁଛି, ସେ ସମ୍ପର୍କରେ ତାଙ୍କ ପାଖରେ ପୂରା ସୂଚନା ଥାଇପାରେ। ତେବେ ଯାହା ହେଉନା କାହିଁକି ପୂରା ଘଟଣା ଉପରେ ଏବେ କ୍ରାଇମବ୍ରାଞ୍ଚ ଓ ଏନ୍ଆଇଏ ତଦନ୍ତ କରୁଛି।

## ୧୨ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା



ଭୁବନେଶ୍ୱର,୧୮/୦୯ (ନି.ପ୍ର): ଉତର ପଶ୍ଚିମ ତତସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ଆସନ୍ତା ୧୨ ଘଂଟା ମଧ୍ୟରେ ଓଡିଶା ଉପକୂଳ ଆଡକୁ ଗତି କରିବ। ଏହାର ପ୍ରଭାବରେ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, ଢେଙ୍କାନାଳ, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଆଦି ଜିଲ୍ଲା ଜିଲ୍ଲାଗୁଡ଼ିକରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଉକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୧୯ରୁ ୨୦ ତାରିଖ ମଧ୍ୟରେ ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ ,ସୁବର୍ଣ୍ଣପୁର, ନୂଆପଡ଼ା, ବଲାଙ୍ଗୀର ଓ ଦେବଗଡ଼ ଆଦି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏଥିସହିତ ୨୦ରୁ ୨୧ ତାରିଖ ମଧ୍ୟରେ ନବରଙ୍ଗପୁର, ନୂଆପଡ଼ା ଓ ବଲାଙ୍ଗୀର ଆଦି ଜିଲ୍ଲାରେ ବି ପ୍ରବଳ ବର୍ଷା। ସମ୍ଭାବନା ଦୃଷ୍ଟିରେ ରଖି ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ମହାନଦୀରେ ବନ୍ୟା ଆଶଙ୍କା ଟଳିଲା

ଭୁବନେଶ୍ୱର,୧୮/୦୯ (ନି.ପ୍ର): ମହାନଦୀରେ ଆଉ ବନ୍ୟା ସମ୍ଭାବନା ନାହିଁ। ମଧ୍ୟମ ଧରଣର ବନ୍ୟା ଆଶଙ୍କା ଟଳିଯାଇଛି ବୋଲି ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଧୀରେନ ସାମଲ ସୂଚନା ଦେଇଛନ୍ତି। ସେ କହିଛନ୍ତି, ମହାନଦୀ ସିଷ୍ଟମରେ ଛୋଟ ଧରଣର ବନ୍ୟା ହୋଇଛି ।ଏବେ କୌଣସି ବିପଦ ନାହିଁ। ମୁଣ୍ଡଳୀ ଠାରେ ୬ ଲକ୍ଷ ୬୭ ହଜାର କ୍ୟୁସେକ ଜଳ ଅତିକ୍ରମ କରୁଛି। ଗତ ୩ ରୁ୪ ଘଂଟା ହେଲା ଏ ସ୍ଥିତି ରହିଛି। ହୀରାକୁଦ ଜଳ ଭଣ୍ଡାରକୁ ଜଳ ପ୍ରବେଶ କମିଛି। ତେଣୁ ଏବେ ଗୋଟିଏ ପରେ ଗୋଟିଏ ଗେଟ ବନ୍ଦ କରାଯାଉଛି। ବ୍ରାହ୍ମଣୀ,ବୈତରଣୀ ଓ ସୁବର୍ଣ୍ଣରେଖାରେ ବି ଜଳସ୍ତର କମିଛି। ବନ୍ୟା ପରିସ୍ଥିତି ନାହିଁ। ଅବଶ୍ୟ କିଛି ତଳିଆ ଅଂଚଳରେ ବର୍ଷା ପାଣି ଅଟିକିଛି। ଜଳ ନିଷ୍କାସନ ନହୋଇ ପାରିବାରୁ ସମସ୍ୟା ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି।

## ରାଜ୍ୟରେ ସଂକ୍ରମଣ ହାର ସ୍ଥିର, ଆଗାମୀ ତିନି ମାସ ଗୁରୁତ୍ୱପୂର୍ଣ୍ଣ: ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୧୮/୦୯ (ନି.ପ୍ର): ରାଜ୍ୟରେ ଗତ ୩ଦିନ ଧରି କରୋନା ସଂକ୍ରମଣ ମାମଲା ବୃଦ୍ଧି ପାଉଥିବାବେଳେ ଆଜି ସାମାନ୍ୟ ହ୍ରାସ ପାଇଛି। ତେବେ ଆସନ୍ତା ୩ମାସ ବେଶ୍ ଗୁରୁତ୍ୱପୂର୍ଣ୍ଣ ଓ ଏଥିପାଇଁ ସମସ୍ତଙ୍କୁ ସଚେତନ ରହିବାକୁ ପଡ଼ିବ ବୋଲି ରାଜ୍ୟ ସରକାର ପରାମର୍ଶ ଦେଇଛନ୍ତି। ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ଆଜି



ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ରାଜ୍ୟରେ କରୋନା ସଂକ୍ରମଣ ସ୍ଥିତି ଏବେ ସ୍ଥିର ରହିଛି । ହସ୍ପିଟାଲରେ ଭର୍ତ୍ତି ମାମଲା ମଧ୍ୟ ହ୍ରାସ ପାଉଛି। ଆଇସିୟୁରେ ମଧ୍ୟ ରୋଗୀଙ୍କ ସଂଖ୍ୟା କମିଛି । ସେହି ଅନୁପାତରେ ମୃତ୍ୟୁ ସଂଖ୍ୟା ବି କମିଛି। ଏବେ ଦୈନିକ ହାରାହାରି ୫୦୦ରୁ ୬୦୦ ମଧ୍ୟରେ ସଂକ୍ରମଣ ମାମଲା ରାଜ୍ୟରେ ଚିହ୍ନଟ ହେଉଛି।

▶▶ପୃଷ୍ଠା ୭

## ଜାମ୍ମୁ-କାଶ୍ମୀରର ଗୁଲମର୍ଗରେ ଭୂମିକମ୍ପ ଅନୁଭୂତ

ବାରାମୁଲା,୧୮/୦୯ (ନି.ପ୍ର): ଜାମ୍ମୁ-କାଶ୍ମୀରର ବାରାମୁଲା ଜିଲ୍ଲାର ଗୁଲମର୍ଗରେ ଶନିବାର ସକାଳେ ଭୂମିକମ୍ପ ଅନୁଭୂତ ହୋଇଥିଲା । ଏହାର ତୀବ୍ରତା ୪.୩ ଥିଲା। ନେସନାଲ ସେଂଟର ଫର୍ ସିସ୍ମୋଲୋଜି(ଏନ୍ସିଏସ୍) ଅନୁସାରେ ଶନିବାର ପୂର୍ବାହ୍ନ ୧୦.୧୪ରେ ଗୁଲମର୍ଗରେ ରିକ୍ଟର ସ୍କେଲରେ ୪.୩ ତୀବ୍ରତା ବିଶିଷ୍ଟ ଭୂକମ୍ପା ଆସିଥିଲା। ଭୂକମ୍ପର କେନ୍ଦ୍ର ଗୁଲମର୍ଗରୁ ୨୭୦ କି.ମି. ଉତର-ଉତର-ପଶ୍ଚିମରେ ଆସିଥିଲା। ନ୍ୟାସନାଲ୍ ସେଂଟର ଫର ସିସ୍ମୋଲୋଜି ନିଜ ଆଧିକାରିକ ଟ୍ୱିଟ୍ର ଆକାଉଂଟରେ ଏକ ପୋଷ୍ଟ ମାଧ୍ୟମରେ ଏହି ସୂଚନା ଦେଇଥିଲା। ଏହି ଭୂକମ୍ପରେ କୌଣସି ପ୍ରକାର କ୍ଷୟକ୍ଷତିର କୌଣସି ସୂଚନା ନାହିଁ।

## ଦକ୍ଷତା ମାଧ୍ୟମରେ ଯୁବକଙ୍କୁ ଆତ୍ମନିର୍ଭର କରାଯାଉଛି : ଧର୍ମେନ୍ଦ୍ର

ଭୁବନେଶ୍ୱର,୧୮/୦୯ (ନି.ପ୍ର): ଆଗାମୀ ଦିନରେ ଦେଶରେ ଉତ୍ପାଦନ ଓ ଅର୍ଥନୀତିକୁ ବଢ଼ାଇବା ପାଇଁ ଯୁବକଯୁବତୀଙ୍କୁ ଦକ୍ଷତା ମାଧ୍ୟମରେ ସ୍ୱାବଲମ୍ବୀ ଓ ଆତ୍ମବିଶ୍ୱାସୀ କରିବାକୁ ପଡ଼ିବ। ଏହି ପୃଷ୍ଠଭୂମିରେ ସେମାନଙ୍କୁ ଆତ୍ମନିର୍ଭର କରିବା ହେଉଛି ଅମୃତ ମହୋତ୍ସବର ଅମୃତ ବିନ୍ଦୁ। ତେଣୁ ସ୍ୱାଧୀନତାର ୧୦୦ ବର୍ଷ ପୂରଣ କରିବା ତଥା ଆଗାମୀ ୨୫ ବର୍ଷ ପର୍ଯ୍ୟନ୍ତ ଏହାକୁ ସଂକଳ୍ପରେ ପରିଣତ କରି ଯୁବକମାନଙ୍କୁ ସଶକ୍ତ କରିବା ପାଇଁ ଏହି ସୁଯୋଗକୁ ଉପଯୋଗ କରିବା ନିମନ୍ତେ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ ଦେଇଛନ୍ତି। ଶୁକ୍ରବାର ଦିନ ବିଶ୍ୱକର୍ମା ପୂଜା ଅବସରରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ଦେଶର ବିଭିନ୍ନ ରାଜ୍ୟରୁ ଦକ୍ଷ ପ୍ରଶିକ୍ଷକମାନଙ୍କୁ ଭର୍ଚୁଆଲ ପ୍ଲାଟଫର୍ମରେ ଉଦ୍ୟମିତା



ପ୍ରଶିକ୍ଷକ ସମେତ ବିଭିନ୍ନ ବିଭାଗରେ ୩୬ ଜଣ ପ୍ରଶିକ୍ଷକଙ୍କୁ କୌଶଲାଚାର୍ଯ୍ୟ ପୁରସ୍କାର-୨୦୨୧ରେ ସମ୍ମାନିତ କରିଛନ୍ତି। ଏହା ମଧ୍ୟରେ ଓଡ଼ିଶାରୁ ଅଛନ୍ତି ଜନ ଶିକ୍ଷଣ ସଂସ୍ଥାନର ହସ୍ତକଳା ପ୍ରଶିକ୍ଷକ ଚନ୍ଦ୍ରାବଳୀ ଖଟୁଆ, ଜନ ଶିକ୍ଷଣ ସଂସ୍ଥାର ବୈଷୟିକ ପ୍ରଶିକ୍ଷକ ଅଜୟ କୁମାର ସ୍ୱାଇଁ, ଆଇଟିଆଇରେ ମାଷ୍ଟର ଟ୍ରେନର ବିପିନ ବିହାରୀ ଗୌଡ଼ ଏବଂ ଆଇଟିଆଇରେ ଡିଜିଟି ମାଷ୍ଟର ଟ୍ରେନର ନିବେଦିତା ମୋହନପାତ୍ର। ଏହି ଅବସରରେ ଶ୍ରୀ ପ୍ରଧାନ କହିଥିଲେ ଯେ ସ୍ୱାଧୀନତାର ୭୫ ବର୍ଷ ପାଳନ କରୁଥିବା ବେଳେ ମୋଦୀ ସରକାର ସବ୍ ?କା ସାଥ୍, ସବ୍କା ବିକାଶ, ସବ୍କା ବିଶ୍ୱାସ ଏବଂ ସବ୍କା ପ୍ରୟାସ ଉପରେ ଗୁରୁତ୍ୱ ଦେଇଛନ୍ତି। ନୂତନ ବ୍ୟବସାୟ ଏବଂ ସ୍କିଲିଂ ମଡେଲଗୁଡିକ ବିକଶିତ ହେଉଛି, ଯାହା ମହାମାରୀ ପରବର୍ତୀ ଦୁନିଆରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏ ଦୃଷ୍ଟିରୁ ଆଗାମୀ ୨୫ ବର୍ଷ ଆମ ପାଇଁ ମହତ୍ୱପୂର୍ଣ୍ଣ। ୩୪ ବର୍ଷ ପରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସରକାରରେ ଅଣାଯାଇଥିବା ଜାତୀୟ ଶିକ୍ଷା ନୀତି ବିଦ୍ୟାର୍ଥୀଙ୍କୁ କୌଶଳ ସହ ରୋଜଗାର ଆଧାରିତ ଶିକ୍ଷା ପ୍ରଦାନ କରିବ। ପ୍ରଧାନମନ୍ତ୍ରୀଙ୍କ ମେକ୍ ଅନ୍ ଇଣ୍ଡିଆ ଏବଂ ଭାରତକୁ ବିଶ୍ୱର ଦକ୍ଷତା ରାଜଧାନୀ କରିବା ବାସ୍ତବରେ ଦୂରଦୃଷ୍ଟିରେ ପରିଣତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ଆଗାମୀ ଦିନରେ ଦେଶର ଆବଶ୍ୟକତା ବଢୁଥିବା ବେଳେ ଦକ୍ଷତା ଏବଂ ଉଦ୍ୟମିତା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଯୁବକ ଯୁବତୀଙ୍କୁ ରି-ସ୍କିଲିଂ ଏବଂ ଅପ୍ ସ୍କିଲିଂ କରିବାର ଆବଶ୍ୟକତା ରହିଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

## ବାବୁଲ ସୁପ୍ରିୟୋଙ୍କ ସୁରକ୍ଷା ବଳୟ ହ୍ରାସ କଲା କେନ୍ଦ୍ର

ନୂଆଦିଲ୍ଲୀ,୧୮/୦୯ (ନି.ପ୍ର): ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଜେପି ନେତା ବାବୁଲ ସୁପ୍ରିୟୋ ଟିଏମସିରେ ଯୋଗଦେବା ମାତ୍ରେ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି କେନ୍ଦ୍ର ସରକାର। ବାବୁଲ ସୁପ୍ରିୟୋଙ୍କ ଜୀବନ ପ୍ରତି ବିପଦ ଥିବାରୁ କେନ୍ଦ୍ର ସରକାର ତାଙ୍କ ସୁରକ୍ଷା ପାଇଁ କେନ୍ଦ୍ରୀୟ ସୁରକ୍ଷା ବଳର କମାଣ୍ଡୋଙ୍କୁ ନିୟୋଜିତ କରିଥିଲେ। ହେଲେ ଆଜି ଏହି ସୁରକ୍ଷା ବଳୟକୁ ହ୍ରାସ କରି ଦିଆଯାଇଛି। ପୂର୍ବରୁ ତାଙ୍କୁ ଜେଡ୍ ସ୍ତରୀୟ ସୁରକ୍ଷା ମିଳୁଥିଲା। କିନ୍ତୁ ଏବେ ଏହାକୁ ହ୍ରାସ କରି ୱାଇ ସ୍ତରୀୟ କରି ଦିଆଯାଇଛି।

ଦେଶର ଭିଭିଆଇପି ଓ ଜୀବନ ପ୍ରତି ବିପଦ ଥିବା ଲୋକଙ୍କ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ସ୍ତରର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥାଏ। ସ୍ଥିତିକୁ ଦେଖି ଜେଡ+, ଜେଡ, ୱାଇ+, ୱାଇ



ଓ ଏକ୍ସ ବର୍ଗର ସୁରକ୍ଷା ବ୍ୟବସ୍ଥା ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଯୋଗାଇ ଦିଆଯାଏ। ଏହି କ୍ରମରେ ବାବୁଲଙ୍କୁ ଜେଡ୍ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯାଇଥିଲା।

କିନ୍ତୁ କେନ୍ଦ୍ରୀୟ ସୁରକ୍ଷା ଏଜେନ୍ସି ଓ ଗୁଇନ୍ଦା ବିଭାଗର ତଥ୍ୟ ଆଧାରରେ ବାବୁଲଙ୍କ ସୁରକ୍ଷା ବଳୟକୁ ଆଜି ହ୍ରାସ କରାଯାଇଥିବା କେନ୍ଦ୍ର ସରକାର କହିଛନ୍ତି। ପୂର୍ବରୁ ବାବୁଲଙ୍କୁ ସିଆରପିଏଫ ଯବାନମାନେ ସବୁ ପ୍ରକାରର ସୁରକ୍ଷା ଯୋଗାଇ ଦେଉଥିଲେ। ସେ ଯିବା ଆସିବା କରିବା ବେଳେ ୬ରୁ ୭ ଜଣ କମାଣ୍ଡୋ ତାଙ୍କୁ ଘେରି ରହୁଥିଲେ। ହେଲେ ଏବେ କେବଳ ଦୁଇ ଜଣ ଯବାନ ତାଙ୍କ ସୁରକ୍ଷା ଦାୟିତ୍ୱରେ ରହିବେ। ପୂର୍ବରୁ ମଧ୍ୟ ବିଜେପି ଛାଡ଼ି ଟିଏମସିରେ ମିଶିଥିବା ମୁକଲ ରୟଙ୍କ କ୍ଷେତ୍ରରେ କେନ୍ଦ୍ର ସରକାର ସମାନ ପଦକ୍ଷେପ ନେଇଥିଲେ।

# ସୋନାଲିକା ଟ୍ରାକ୍ଟର ପକ୍ଷରୁ ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଲାଟେରୀ ଉଠାଣ କାର୍ଯ୍ୟକ୍ରମ

ମାଲକାନଗିରି,୧୮/୯ (ନି.ପ୍ର): ମାଲକାନଗିରି ଜିଲ୍ଲା ସଦର ମହକୁମା ଠାରେ ଥିବା ସୋନାଲିକା ଟ୍ରାକ୍ଟର ର ଅଧିକୃତ ବିକ୍ରେତା ଏମ ଏସ ଧନଲକ୍ଷ୍ମୀ ଏଂଟରପ୍ରାଇଜର୍ସ ଠାରେ ଆଜି ସୋନାଲିକା ଟ୍ରାକ୍ଟର ର ୨୫ ବର୍ଷ ପୂର୍ତି ଉପଲକ୍ଷ ଗ୍ରାହକ ମାନଙ୍କ ପାଇଁ ଏକ ଲାଟେରୀ ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସୋନାଲିକା ଟ୍ରାକ୍ଟର ର ଓଡିଶା ମୁଖ୍ୟ ବିବେକ ବାଜପେୟୀ, ଏରିଆ ମ୍ୟାନେଜର ଚିତରଞ୍ଜନ ଦାସ, ପ୍ରୋଜେକ୍ଟ କୋଡ଼ିନେଟର ଚୟନ ମୟୀତି ଉପସ୍ଥିତ ରହି ସୋନାଲିକା ଟ୍ରାକ୍ଟରର ଗ୍ରାହକ ମାନଙ୍କୁ ସୋନାଲିକା ଟ୍ରାକ୍ଟରର ସମ୍ବନ୍ଧରେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ । ପରେ ଲଟେରୀଉଠାଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଲଟେରୀ ଉଠାଣର ପ୍ରଥମ ପୁରସ୍କାର ବିଜେତା ସୋମନାଥ ବାଟଲାଙ୍କୁ ଏକ ଫ୍ରିଜ ପାଇଥିଲେ । ଦ୍ୱିତୀୟ ପୁରସ୍କାର ବିଜେତା ରବି ବରଜାଙ୍କୁ ଡିନରସେଟ, ତୃତୀୟ ପୁରସ୍କାର ବିଜେତା ଦେବା ବେଟିଙ୍କୁ ମିକ୍ସ ଗ୍ରାଇଣ୍ଡର, ଚତୁର୍ଥ ପୁରସ୍କାର ବିଜେତାଙ୍କୁ ପ୍ରେସର କୁକର,ପଂଚମ ପୁରସ୍କାର ବିଜେତାଙ୍କୁ ୱାଟର ଫିଲଟର ଓ ଅନ୍ୟ ମାନଙ୍କୁ ସାନ୍ତାନାମୂଳକ ପୁରସ୍କାର ଭାବେ ଗୋଟିଏ ଲେଖାଏଁ ହଟକେଶ ପ୍ରଦାନ କରାଯାଇଥିଲା । ଏହି ୨୫ ବର୍ଷ ପୂର୍ତି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମ ମଧ୍ୟରେ ଆଜି ୪ଟି ଗାଡି ମଧ୍ୟ ବିକ୍ରି ହୋଇଥିଲା । ଆଜିର ଏହି କାର୍ଯ୍ୟକ୍ରମ ରେ ଜିଲ୍ଲାରେ ବିକ୍ରି ହୋଇଥିବା ସୋନାଲିକା ଟ୍ରାକ୍ଟର ଗ୍ରାହକ ମାନଙ୍କ ମଧ୍ୟରୁ ପ୍ରାୟ ୬୦ ରୁ ୭୦ ଜଣ ଗ୍ରାହକ ଉପସ୍ଥିତ ଥିବାରୁ ମାଲକାନଗିରି ସୋନାଲିକା ଟ୍ରାକ୍ଟର ର ଅଧିକୃତ ବିକ୍ରେତା ପି ଗୋବିନ୍ଦା ବହୁତ ଆନନ୍ଦ ଅନୁଭବ କରିଥିଲେ । ଆଗାମୀ ଦିନରେ କିପରି ଅଧିକ ବିକ୍ରି କରାଯିବ ଗ୍ରାହକ ମାନଙ୍କ ସହ ଆଲୋଚନା ମଧ୍ୟ କରିଥିଲେ । ମାଲକାନଗିରି ସୋନାଲିକା ଟ୍ରାକ୍ଟରର ସେଲସମ୍ୟାନ ଓ ଅଫିସ

# କୋରାପୁଟ ଜିଲ୍ଲାକୁ ମରୁଡି ପ୍ରଭାବିତ ଅଂଚଳ ଘୋଷଣା କରାଯାଉ

ଜୟପୁର,୧୮/୯ (ନି.ପ୍ର): ଜୟପୁର ବିଜେପି କାଯ୍ୟାଳୟରେ ଆଜି ଏକ ସାମ୍ବାଦିକ ସମ୍ମିଳନି ଆୟୋଜନ କରି କୋରାପୁଟ ଜିଲାକୁ ମରୁଡି ପ୍ରଭାବିତ ଅଂଚଳ ଘୋଷଣା କରାଯାଉ ବୋଲି ବିଜେପି ର ସାଧାରଣ ସମ୍ପାଦକ ରବି ନାୟକ ଦାବି କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନିରେ ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠି, ଜିଲା ସଭାପତି ସୁମନ୍ତ ପ୍ରଧାନ, ରାଜ୍ୟ କାଯ୍ୟକାରିଣି ସ୍ଥାୟୀ ସଦସ୍ୟ ଗୌତମ ସାମନ୍ତରାୟ ମଣ୍ଡଳ ସଭାପତି ,ସାଧୁ ଦାଶ ଚୈଧୁରି, ଜିଲା ସାଧାରଣ ସମ୍ପାଦକ ଦେବେନ୍ଦ୍ର ମହାନ୍ତି. ଜିଲା ଯୁବ ମୋର୍ଚ୍ଚା ସଭାପତି ସାବନ ମହାନ୍ତି ଉପସ୍ଥିତ ଥିଲେ । ଏହି ସମ୍ମିଳନିରେ ୬ଟି ପ୍ରସଙ୍ଗ ଉପରେ ରାଜ୍ୟ ସରକାର ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି କରିଛି । ସେଗୁଡିକ ହେଲା ଓଡିଶା ଓ ଆନ୍ଧ୍ର ସୀମା ବିବାଦ କୋଟିଆ ପ୍ରଶାସନର ଅପାରଗତା ଯୋଗୁଁ କୋଟିଆ ଅଂଚଳରେ ଆନ୍ଧ୍ର ପ୍ରଦେଶର ବାରମ୍ବାର ଅନୁପ୍ରବେଶ, ସ୍ୱାସ୍ଥ୍ୟ ସେବାର ଅବ୍ୟବସ୍ଥା , କେନ୍ଦ୍ର ସରକାର ତୃତିୟ ଲହର ପାଇଁ ବାରମ୍ବାର ସୁଚନା ଦେଇଥିଲେ ସୁଦ୍ଧା ରାଜ୍ୟ ସରକାର କୋରାପୁଟ ଜିଲାରେ ଡାକ୍ତର, ଶିଶୁ ବିଶେଷଜ୍ଞ,ନର୍ସ, ଫର୍ମାସିଷ୍ଟ ଓ ଆବଶ୍ୟକୀୟ ପଦବୀ ଓ ଯନ୍ତ୍ରାଂଶ ଉପକରଣ ବ୍ୟବସ୍ଥାନ କରି ଅବହେଳା କରୁଛନ୍ତି, ତେଣୁ ଏହାର ତୁରନ୍ତ ସମାଧାନ କରି ବିହିତ କାଯ୍ୟାନୁଷ୍ଠାନ ପାଇ ବିଜେପି ଦାବୀ କରିଛି । ଜିଲାରେ ମରୁଡି ସମସ୍ୟା ଲାଗିରହିଛି । ଜିଲାର ବିଭିନ୍ନ ବ୍ଲକରେ ସ୍ୱଳ୍ପ ବୃଷ୍ଟି ଜନିତ ମରୁଡି ସମସ୍ୟା ଅତ୍ୟନ୍ତ ଦୃଭାଗ୍ୟ ଜନିତ ହୋଇଥିଲେ ମଧ ମରୁଡି ଅଂଚଳ ଘୋଷଣା କରାଯାଉ ନାହିଁ । ତେଣୁ ରାଜ୍ୟ ସରକାର କୋରାପୁଟ ଜିଲାକୁ ମରୁଡି ଅଂଚଳ ଘୋଷଣା କରାଯାଉ, ଚାଷୀଙ୍କୁ ସାର ଯୋଗାଣର ଅବ୍ୟବସ୍ଥା ଦେଖାଯାଇଛି । କେନ୍ଦ୍ର ସରକାର ଚାଷୀ ମାନଙ୍କ ପାଇଁ ସୁଲଭ ମୁଲ୍ୟରେ ଯୋଗାଇ ଦେବା ପାଇଁ ପ୍ରଯ୍ୟପ୍ତ ପରିମାଣରେ ସାର ଯୋଗାଇ ଥିଲେ ସୁଦ୍ଧା ରାଜ୍ୟ ସରକାରଙ୍କ ବଂଟନ ବ୍ୟବସ୍ଥାରେ ଅବ୍ୟବସ୍ଥା ହେତୁ ଚାଷି ମାନେ ସୁଲଭ ମୁଲ୍ୟରେ ସାର ପାଇ ପାରୁ ନାହାଁନ୍ତି । ରାଜ୍ୟ ସରକାରଙ୍କ ସ୍ୱାର୍ଥରେ କିଛି ଅସାଧୁ ବ୍ୟବସାୟୀଙ୍କ ଦ୍ୱାରା ସାର ଯୋଗାଣ ହେତୁ ଚାଷୀ ମାନେ ଉକ୍ତ ସାରକୁ ଚଢା ଦରରେ କିଣିବାକୁ ବାଦ୍ୟ ହେଉଛନ୍ତି । ତେଣୁ ରାଜ୍ୟ ସରକାର ତୁରନ୍ତ ସମାଧାନ କରିବା ସହିତ ସୁଲଭ ମୁଲ୍ୟରେ ଚାଷୀଙ୍କୁ ସାର ଯୋଗାଇ ଦେବା ପାଇ ଭାଜପା ଦାବୀ କରିଛି । ଏହା ସହ ଟାଟା କମ୍ପାନିର ବିଦ୍ୟୁତ ଦୁନିତି, ସେବା ପେପର ମିଲର ଅଚଳାବସ୍ଥା ଉପରେ ବିଜେପି ତୁରନ୍ତ ରାଜ୍ୟ ସରକାର ହସ୍ତକ୍ଷେପ କରି ପେପର ମିଲକୁ କାଯ୍ୟକ୍ଷମ କରିବାକୁ ଦାବୀ କରିଛି ।

# ସିନାପାଲି ଗୋଷ୍ଠୀ ଶିକ୍ଷା ବିଭାଗର ରକ୍ତଦାନ ଶିବିର ପ୍ରସ୍ତୁତି ବୈଠକ

ନୂଆପଡ଼ା,୧୮/୯ (ନି.ପ୍ର): ନୂଆପଡ଼ା ଜିଲ୍ଲା ଶିକ୍ଷା ବିଭାଗର ନିଷ୍ପତି ଓ ଜିଲ୍ଲା ରେଡ଼କ୍ରସ ଏବଂ ସ୍କାଉଟର ସହଯୋଗ କ୍ରମେ ସିନାପାଲି ଗୋଷ୍ଠୀ ଶିକ୍ଷା ବିଭାଗ ତରଫରୁ ଏକ ରକ୍ତଦାନ ଶିବିରର ଆୟୋଜନ ନିମନ୍ତେ ମହଗାଁ ଉଚ୍ଚ ବିଦ୍ୟାଳୟ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଗୋଷ୍ଠୀ ଶିକ୍ଷାଧିକାରୀ ଚୈତନ୍ୟ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଶିକ୍ଷାଧିକାରୀ ରୁଦ୍ରେଶ୍ୱର ମେହେର, ବରିଷ୍ଠ ଶିକ୍ଷକ ଧବଳେଶ୍ୱର ମେହେର, ବୁଦ୍ଧୁରାମ ମେହେର, ଓଷ୍ଟାର ଜିଲ୍ଲା ସଂପାଦକ ରବିଂଦ୍ରନାଥ ଯୋଷୀ, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରସନ୍ନ ମାଝୀ, ସଂପାଦକ ବୈଷ୍ଣବ ମେହେର ପ୍ରମୁଖ ମଂଚାସିନ ଥିଲେ । ଆସନ୍ତା ସେପଟ୍ମେର ୨୬ ତାରିଖରେ ମହଗାଁ ହାଇସ୍କୁଲ ଠାରେ ରକ୍ତଦାନ ଶିବିର ଆୟୋଜନ ପାଇଁ ସ୍ଥିର କରାଯାଇଥିଲା କ୍ଷ ନିଜେ ରକ୍ତଦାନ କରିବା ସହ ରକ୍ତଦାନ ଭଳି ମହତ କାର୍ଯ୍ୟ କରିବାକୁ ଅନ୍ୟ ମାନଙ୍କୁ ଉତ୍ସାହିତ କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା । ଶିବିରକୁ ସଫଳ କରିବାକୁ ସିଆରସିସି ଓ ଶିକ୍ଷକ ମାନଙ୍କୁ ବିଭିନ୍ନ ଦାୟିତ୍ୱ ଦିଆଯାଇଥିଲା । ଆଜିର ବୈଠକରେ ସିଆରସିସି ଦିବ୍ୟରଂଜନ ପାଢ଼ୀ, ରାକେଶ ମିଶ୍ର, ଶୋଭାରାମ ଜଗତ, ସୁଶିଲ ଯୋଷୀ, ମହେଶ୍ୱର ଗୁଆଲ, ସୁଦର୍ଶନ ଭୋଇ, ଜୟକୃଷ୍ଣ ଯୋଷୀ, ଦେବାନନ୍ଦ ବାଗ, ଶେଖର ଚଂଦ୍ର ବାଗ, ଶିକ୍ଷକ ରୁଦ୍ରମାଧବ ସା, ସଂଗ୍ରାମ କେଶରୀ ପ୍ରଧାନ, ମନୋରଞ୍ଜନ ମେହେର, କିଶୋର ସା, ତରୁଣ କୁମାର ମେହେର, ଦେବାଶିଷ ସାହୁ, ବସନ୍ତ ଦାଶ, ରମେଶ ଚନ୍ଦ୍ର ସା ପ୍ରମୁଖ ଉପସ୍ଥିତ ଥିଲେ ।

## କରୋନା ଯୋଦ୍ଧାଙ୍କୁ ସହାୟତା

ଖୋର୍ଦ୍ଧା,୧୮/୯ (ନି.ପ୍ର): କୋଭିଡ୍ ସମୟରେ ମୃତ୍ୟୁବରଣ କରିଥିବା ଭୁବନେଶ୍ୱରର ୪ ଜଣ କାର୍ଯ୍ୟରତ ସାମ୍ବାଦିକଙ୍କ ପରିବାରକୁ ଆଜି ଖୋର୍ଦ୍ଧା ଜିଲ୍ଲାପାଳ ସନତ କୁମାର ମହାନ୍ତି ୧୫ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଛନ୍ତି । କରୋନା ବିରୁଦ୍ଧରେ ଲଢ଼େଇରେ କାର୍ଯ୍ୟରତ ବେଳେ ପ୍ରାଣବଳି ଦେଇଥିବା ଏହି ସାମ୍ବାଦିକ ମାନେ ହେଲେ ଇଂରାଜୀ ଦୈନିକ ପତ୍ରିକା ଟାଇମସ ଅଫ୍ ଇଣ୍ଡିଆର ପ୍ରୀତିମାନ ମହାପାତ୍ର, ଆଜିକାଲି ଓଡ଼ିଆ ଦୈନିକ ପତ୍ରିକାର ସମ୍ପାଦିକା ବିଜୟଲକ୍ଷ୍ମୀ ମହାନ୍ତି, ମୁକୁବୃତ (ଫ୍ରିଲାନ୍ସ) ସାମ୍ବାଦିକ ବସନ୍ତ ଦାସ ଓ ଜି. ଓଡ଼ିଶା ପ୍ରତିନିଧି ମାନସ ରଂଜନ ଜୟପୁରିଆ । ଏମାନଙ୍କ ବ୍ୟାଙ୍କ ଆକାଉଂଟ ଜରିଆରେ ପରିବାରର ହିତାଧିକାରୀଙ୍କୁ ଏହି ସହାୟତା ରାଶି ସ୍ଥାନାନ୍ତର କରାଯାଇଛି ।

# ତିନି ପଂଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ

ଖୋର୍ଦ୍ଧା,୧୮/୯ (ନି.ପ୍ର): ହୀରାକୁଦ ଗେଟ୍ ଖୋଲିବା ପରେ ମହାନଦୀର ଶାଖା ନଦୀ ରାଜୁଆ, ମଲାଗୁଣୀ ଓ ଦୟାରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ଏହାର ପ୍ରଭାବରେ ଖୋର୍ଦ୍ଧା ବ୍ଲକ୍ ଓରବରସିଂ, ହିରିମୂଳ ଓ ଡିତଖଳା ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି । ଗ୍ରାମରେ ବନ୍ୟାଜଳ ପ୍ରବେଶ କରିବା ସହ ହିରିମୂଳ ଏବଂ ଡିହଖଳା ଗାଁରେ ଆଣ୍ଠୁଏ ଉଚ୍ଚରେ ପାଣିଚାଲିଛି । ହିରିମୂଳ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଏକାଧିକ ଚାଷଜମିରେ ପାଣି ଜମିରହିଛି । ଗ୍ରାମବାସୀଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି । ଅନ୍ୟପଟେ ଖୋର୍ଦ୍ଧା ତହସିଲଦାର ପଦ୍ମଚରଣ ସାହୁ କହିଛନ୍ତି ହିରିମୂଳ ଗ୍ରାମରେ ଗୋଟିଏ ଡଙ୍ଗା ପ୍ରସ୍ତୁତ ରହିଛି । ବନ୍ୟାଜଳ ବଢ଼ିଲେ ଗ୍ରାମବାସୀଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯିବ । ସ୍ଥାନୀୟ ସରପଂଚ, ଜନପ୍ରତିନିଧି ଘଟଣା ସ୍ଥଳରେ ପରିସ୍ଥିତି ଉପରେ ନଜର ରଖୁଛନ୍ତି । ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି । ଜିଲ୍ଲାପାଳ ସନତ ମହାନ୍ତି କହିଛନ୍ତି, ବନ୍ୟା ପରିସ୍ଥିତି ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତ ରହିଛି । ବନ୍ୟା ପ୍ରପୀଡ଼ିତଙ୍କ ପାଇଁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ । ପ୍ରକାଶ ଯେ, ମହାନଦୀର ଜଳସ୍ତର ବଢ଼ିଲା ପରେ ମହାନଦୀର ଶାଖା ନଦୀରେ ବନ୍ୟାଜଳ ପ୍ରଭାବିତ ହୋଇଥାଏ । ଫଳରେ ଖୋର୍ଦ୍ଧା ବ୍ଲକ୍‌ର ଓରବରସିଂ, ନରଣଗଡ଼ ଏବଂ ବ୍ରଜମୋହନପୁର ବନ୍ୟାଜଳ ପ୍ରଭାବିତ ହୋଇଥାଏ । ଓରବରସିଂ ପଂଚାୟତର ହିରିମୂଳ, ଡିହଖଳା, ଓରବରସିଂ, ମଶାଣିଆ, କୃଷ୍ଣପୁର, ରାୟପୁର, ନଗଣ୍ଡଗଡ଼ ପଂଚାୟତର ମାନପୁର, ଧବଳପୁର, ବଳପୁର, ଓରମି ଏବଂ ବ୍ରଜମୋହନପୁର ପଂଚାୟତର ଶରଧାପୁର ଆଦି ଗ୍ରାମ ଜଳମଗ୍ନ ହୋଇଥାଏ । ପ୍ରତିବର୍ଷ ଏହି ୩ ପଂଚାୟତରେ ବନ୍ୟାଜଳ ସମସ୍ୟା ଲାଗିରହିଛି । ରାଜୁଆ, ମଲାଗୁଣୀ ନଦୀ ଫୁଲିଲେ, ଏହି ଗ୍ରାମଗୁଡ଼ିକରେ ୪ରୁ ୫ଫୁଟ ବନ୍ୟାଜଳ ମାଡ଼ିଯାଇଥାଏ । ଗତବର୍ଷ ସ୍ୱଳ୍ପବୃଷ୍ଟି, ପ୍ରାକୃତିକ ବିପର୍ଯ୍ୟୟ, ଅନୁକୂଳ ପରିସ୍ଥିତି ସତ୍ୱେ ଚାଷୀ ଧାର ଆଣି ଚାଷ କରିଥିଲେ । କିନ୍ତୁ ବନ୍ୟାଜଳ ମାଡ଼ି ଏକର ଏକର ଚାଷଜମି ଜଳମଗ୍ନ ହୋଇପଡ଼ିଥିଲା । ସେହିପରି ଚଳିତ ବର୍ଷ ମଧ୍ୟ ସମାନ ସମସ୍ୟା । ଏହାର ପ୍ରତିକାର ପାଇଁ ବାରମ୍ବାର ଜିଲ୍ଲା ପ୍ରଶାସନ ନିକଟରେ ବାରମ୍ବାର ଦାବି ସତ୍ୱେ କୌଣସି ଗୁରୁତ୍ୱ ଦିଆଯାଉ ନାହିଁ । ଫଳରେ ଚାଷୀମାନେ ପ୍ରତିବର୍ଷ କ୍ଷତି ସହୁଛନ୍ତି ବୋଲି ପୂର୍ବତନ ଲୋକ ପ୍ରତିନିଧି ତଥା ସମିତି ସଭ୍ୟ ଝୁଲା ଶ୍ରୀଚନ୍ଦନ କହିଛନ୍ତି ।

## ବିକାଶ ମୂଳକ କାର୍ଯ୍ୟର ଲୋକାର୍ପଣ କଲେ ବିଧାୟକ

ଜୟପୁର ,୧୮/୯ (ନି.ପ୍ର): ଜୟପୁର ପୌରାଂଚଳର ବିକାଶ ମୂଳକ ପ୍ରକଳ୍ପର ଲୋକାର୍ପଣ କଲେ ବିଧାୟକ ତାରା ପ୍ରସାଦ ବାହିନିପତି । ୨୦ ଲକ୍ଷ ଟଙ୍କା ବିନିମୟ ରେ ବାରିଶିପୁଟ ଠାରେ ଆକର୍ଷଣିୟ ଆଦିବାସୀ ଙ୍କ କଳାକୃତି ର ସ୍ୱାଗତ ତୋରଣ, ୧୦ ଲକ୍ଷ ଟଙ୍କା ବିନିମୟରେ ସରକାରି ଉଚ୍ଚ ବିଦ୍ୟାଳୟ ନିକଟରେ ଓପନ ଜିମ, ୮ ଲକ୍ଷ ଟଙ୍କା ବିନିମୟରେ ହାଟପଦାରେ ଓପନ ଜିମ, ୧୨ ଲକ୍ଷ ଟଙ୍କା ବିନିମୟରେ ଲିଙ୍ଗରାଜ ନଗରରେ ମିନି ପାର୍କ, ସନ୍ତୋଷି ମା ନଗରରେ ୬ ଲକ୍ଷ ଟଙ୍କା ବିନିମୟରେ ମିନି ପାର୍କ, ୫ ଲକ୍ଷ ଟଙ୍କା ବିନିମୟରେ ଶ୍ରୀ ରାମନଗରରେ ମିନି ପାର୍କକୁ ଲୋକାର୍ପଣ କରିଛନ୍ତି ।

## କୋରାପୁଟ ଜିଲ୍ଲା ଗସ୍ତରେ ବରିଷ୍ଠ ପଦାଧିକାରୀ

ଜୟପୁର,୧୮/୯ (ନି.ପ୍ର): କୋରାପୁଟ ଜିଲା ଗସ୍ତରେ ଆଇଏଏସ ବରିଷ୍ଠ ପଦାଧିକାରୀ । ଆଜି ଜୟପୁର ଏୟାରଷ୍ଟ୍ରିପରେ ସ୍ୱତନ୍ତ୍ର ବିମାନ ଯୋଗେ ପହଂଚି ଥିଲେ । ରେଭିନ୍ୟୁ ପ୍ରିନ୍ସିପାଲ ସେକ୍ରେଟାରୀ ବିଷ୍ଣୁପଦ ସେଠୀ, ଓ କୃଷି ବିଭାଗ କମିଶନର କମ ସେକ୍ରେଟାରୀ ସୁରେଷ କୁମାର ବଶିଷ୍ଠ । ଅନ୍ୟ ୨ ଜଣ ବରିଷ୍ଠ ଆଇଏଏସ ଅଧିକାରି ଅରବିନ୍ଦ ଅଗ୍ରଓାଲ ଓ ଆର ରଘୁ ପ୍ରସାଦ ବଲାଙ୍ଗିର ଓ ରାୟଗଡା ଅଭିମୁଖେ ଯାଇଥିବା ଜଣାଯାଇଛି । ଏସବୁ ଜିଲାରେ ବିଭିନ୍ନ ବିଭାଗୀୟ ଅଧିକାରି ମାନଙ୍କ ସହ ଉନ୍ନୟନ ମୂଳକ କାଯ୍ୟର ସମିକ୍ଷା କରିବା କାଯ୍ୟକ୍ରମ ରହିଛି । କୋରାପୁଟ ଜିଲାପାଳ ମହମ୍ମଦ ଅବଦୁଲ୍ଲ ଆକ୍ତର, ଉପ ଜିଲାପାଳ ହେମ କାନ୍ତ ସାୟ, ରାସ୍ତା ଓ ଗୃହ ବିଭାଗ ର ନିବାହୀ ଯନ୍ତ୍ରୀ ଭାଷ୍କର ସାମନ୍ତରାୟ, ଜଳ ଚେସନ, ଜଙ୍ଗଲ, କୃଷି, ରେଭିନ୍ୟୁ ଓ ପରିବହନ ପ୍ରମୁଖ ବରିଷ୍ଠ ଅଧିକାରି ମାନେ ଉପସ୍ଥିତ ରହି ୪ ସଚିବଙ୍କୁ ସ୍ୱାଗତ କରିଥିଲେ ।

# ମହିଳାମାନଙ୍କ ଭରସା ନୟିଦିଶା

ଭୁବନେଶ୍ୱର,୧୮/୯ (ନି.ପ୍ର): ଆଜି ସାଲିଆସାହି ବସ୍ତିରେ ଗରିବ ଅସହାୟ ମହିଳାମାନଙ୍କୁ ରୋଜଗାର ଯୋଗାଇ ଦେବା ପାଇଁ 'ନୟିଦିଶା' ସଂଗଠନ ତରଫରୁ ଏକ ଅଭିନବ କାର୍ଯ୍ୟକ୍ରମ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବହୁଳ ମାତ୍ରାରେ ମହିଳାମାନେ ଅଂଶଗ୍ରହଣ କରି ଆଗାମୀ ଦିନରେ ରୋଜଗାର କରି ସ୍ୱାବଲମ୍ବୀ ହେବା ପାଇଁ ଇଚ୍ଛାପ୍ରକାଶ କରିଥିଲେ । ନୟିଦିଶାର ମୁଖ୍ୟ ପରିଚାଳିକା ଶ୍ରୀମତୀ ସସ୍ମିତା ମିଶ୍ର ଗରିବ ମହିଳାମାନଙ୍କୁ ଧୂପକାଠି ମେସିନ୍ ଓ ଫିନାଇଲ ତିଆରି ମେସିନ୍ ପ୍ରଦାନ କରିଥିଲେ । ମହିଳାମାନେ ସମ୍ମାନର ସହିତ ଯେପରି ନିଜେ ରୋଜଗାର କରି ସ୍ୱାବଲମ୍ବୀ ହେବେ ଏବଂ ଭଲରେ ଚଳିପାରିବେ ତଥା ସେମାନଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀର ବଜାର ସୁବିଧା ପାଇଁ ଉପଯୁକ୍ତ ତାଲିମ୍ ଦିଆଯାଇଥିଲା । ନୟିଦିଶା ତରଫରୁ ଏଭଳି ଅଭିନବ ପ୍ରୟାସକୁ ସମସ୍ତେ ଉଚ୍ଚ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ମହିଳାମାନଙ୍କୁ ମଧ୍ୟ ନଇଦିଶା ତରଫରୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ନୟିଦିଶାର ମୁଖ୍ୟ ପରିଚାଳିକା ସସ୍ମିତା ମିଶ୍ର ଏଭଳି ଅନେକ ରୋଜଗାରଭିତି କାର୍ଯ୍ୟକ୍ରମରେ ବହୁ ମହିଳାମାନଙ୍କୁ ଆଗାମୀ ଦିନରେ ସାମିଲ କରାଯିବ ବୋଲି ଚିନ୍ତା କରାଯାଇଥିବା ପ୍ରକାଶ କରିଥିଲେ ଏବଂ ତାଙ୍କୁ ତାଙ୍କର ସହକର୍ମୀ ଭାରତୀ ଗୁପ୍ତା, ସସ୍ମିତା ମହାପାତ୍ର, ମୀନାରାଣି ଦିଣ୍ଡା ସହଯୋଗ କରିଥିଲେ ।

# ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିବସରେ ବିଜେପିର ସେବା ଓ ସମର୍ପଣ ଅଭିଯାନ

ନିମାପଡ଼ା,୧୮/୯ (ନି.ପ୍ର): ଭାରତୀୟ ଜନତା ପାର୍ଟି ରାଷ୍ଟ୍ରୀୟ ସ୍ତରର ନିଷ୍ପତିକ୍ରମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିନ ସେପ୍ଟେମ୍ବର ୧୭ ତାରିଖ ଠାରୁ ଗୁଜରାଟର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବାର ଦିନ ଅକ୍ଟୋବର ୭ତାରିଖ ପର୍ଯ୍ୟନ୍ତ ଦଳ ଏହାକୁ ସେବା ଓ ସମର୍ପଣ ଅଭିଯାନ ଭାବେ ଦେଶବ୍ୟାପି ପାଳନ କରୁଛି । ଆଜି ଲୋକପ୍ରିୟ ପ୍ରଧାନ ମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ୭୧ତମ ଜନ୍ମ ଦିବସ ଅବସରରେ ନିମାପଡା ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ସୁସ୍ଥ ଓ ନିରୋଗ ଜୀବନ କାମନ କରି ନିମାପଡା ବଜାର ସ୍ଥିତ ପତିତପାବନ ମନ୍ଦିରରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଛି । ପୁରୀ ଜିଲ୍ଲା ସାଧାରଣ ସମ୍ପାଦ୍ଧିକ ମିନଲତା ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଉପ ସଭାନେତ୍ରୀ ପ୍ରଭାତୀ ପରିଡା ଯୋଗଦାନ କରି ମୋଦିଙ୍କ ବଳିଷ୍ଠ ନେତୃତ୍ୱରେ ଭାରତ ବିଶ୍ୱଗୁରୁ ଭାବେ ପରିଚିତ ହେବ ବୋଲି ପ୍ରଭୁଙ୍କ ଆଶିର୍ବାଦ ଭିକ୍ଷା କରିଥିଲେ । ନିମାପଡା ଉଚ୍ଚବିଦ୍ୟାଳୟରେ ଚାଲୁଥିବା ଟୀକାକରଣ କାର୍ଯ୍ୟକ୍ରମକୁ ପରିଦର୍ଶନ କରିବା ସହିତ ଡାକ୍ତରଖାନାରେ ଥିବା ରୋଗୀମାନଙ୍କୁ ଫଳ ବିତରଣ କରିଥିଲେ । ନିମାପଡା ମଣ୍ଡଳ ସବାପତି ମାନସ ପ୍ରଧାନ,ଧନୁଆ ମଣ୍ଡଳ ସଭାପତି ଯଚିନ୍ଦ୍ର ସ୍ୱାଇଁ,ନିମାପଡା ନଗର ସଭାପତି ଦିଲ୍ଲିପ ପାତ୍ରଙ୍କ ଉଦ୍ୟମରେ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଅନୁସୂଚିତ ମୋର୍ଚ୍ଚା ସମ୍ପାଦକ ଚନ୍ଦ୍ରଶେଖର ସେଠୀ,ଜିଲ୍ଲା ଯୁବମୋର୍ଚ୍ଚା ସୋସିଆଲ ମିଡିଆ ସଂଯୋଜକ ସନ୍ତୋଷ ପରିଡା, ବରିଷ୍ଠ ନେତା ପୁର୍ଣ୍ଣଚନ୍ଦ୍ର ସାହୁ, ରଂଜନଭୋଇ, ନଗର ମହିଳା ମୋର୍ଚ୍ଚା ସଭାନେତ୍ରୀ ମିନାକ୍ଷୀ ଦାସ ସସ୍ମିତା ସାମନ୍ତରାୟ,ମାମିନା ବେହେରା ପ୍ରମୁଖ ଉପସ୍ଥିତ ରହି ପରଚାଳନା କରିଥିଲୋ ।

# ନକଲି ଓଟିଇଟି ଘଟଣା: ୩ ଶିକ୍ଷକଙ୍କ ନାମରେ ମାମଲା ରୁଜୁ ସହ ନିଲମ୍ବିତ କଲେ ବିଇଓ

ଧର୍ମଶାଳା,୧୮/୯ (ନି.ପ୍ର): ଯାଜପୁର ଜିଲା ବଡଚଣା ମଣ୍ଡଳ ଶିକ୍ଷାଧିକାରୀଙ୍କ ଅଧିନରେ କାର୍ଯ୍ୟରତ ୩ଜଣ ଶିକ୍ଷକ ନକଲି ଓଟିଇଟି ସାର୍ଟିଫିକେଟ ଦେଇ ଶିକ୍ଷକ ଭାବେ ନିଯୁକ୍ତ ପାଇଥିବା ନେଇ ଅଭିଯୋଗ ହୋଇଥିଲା । ଏହି ଓଟିଇଟି ନକଲି ପ୍ରମାଣପତ୍ରକୁ ନେଇ ଚାଲିଥିବା ଘଟଣାରେ ଆଜି ବ୍ଲକ ଶିକ୍ଷାଧିକାରୀ ହରିହର ଦଳାଇ ସେମାନଙ୍କ ନାମରେ ବଡଚଣା ଥାନାରେ ଏତଲା କରିବା ସହ ସଂପୃକ୍ତ ୩ ଜଣ ଶିକ୍ଷକଙ୍କୁ ସେମାନଙ୍କ କାର୍ଯ୍ୟରୁ ଆଜି ନିଲମ୍ବିତ କରିଥିବା ସୂଚନା ଦେଇଛନ୍ତି । ଶିକ୍ଷା ବିଭାଗର ନିର୍ଦ୍ଦେଶାନୁସାରେ ଗତକାଲି ଏହି ୩ ଜଣ ଶିକ୍ଷକ ନକଲି ପ୍ରମାଣପତ୍ର ଦେଇ ଧରାପଡିବା ହେତୁ ସେମାନଙ୍କ ବିରୋଧରେ ବଡଚଣା ଥାନାରେ ଏଫଆଇଆର ଦେଇଥିଲେ । ତେବେ ଆଜି ସେମାନଙ୍କ କାର୍ଯ୍ୟରୁ ନିଲମ୍ବିତ କରିଥିବା ଜଣାପଡିଛି । ନିଲମ୍ବିତ ହୋଇଥିବା ଶିକ୍ଷକମାନେ ହେଲେ ଉକ୍ତ ଶିକ୍ଷାମଣ୍ଡଳ ଅଧିନରେ ଥିବା ତେଲିଗଡ ପ୍ରାଥମିକ ବିଦ୍ୟାଳୟର ଅନୀୟ କୁମାର ବରାଳ,ଅକବରାବାଦ ସ୍କୁଲର ଜୟନ୍ତୀ ସାହୁ ଏବଂ ଚାରିନଙ୍ଗଳ ସ୍କୁଲର ରେଜିଆ ସୁଲତାନ । ତେବେ ଏହି ନକଲି ଓଟିଇଟି ପ୍ରମାଣପତ୍ର ଦେଇ ଅନ୍ୟ ଜଣେ ଶିକ୍ଷକ ନିଯୁକ୍ତି ପାଇଥିବା ନେଇ ବଡଚଣା ଅଳରେ ବେଶ ଚର୍ଚ୍ଚା ହେଉଛି । ଏହାର ବିଧିବଦ୍ଧ ତଦନ୍ତ କରି ତୁରନ୍ତ ସଂପୃକ୍ତ ଶିକ୍ଷକଙ୍କ ବିରୋଧରେ ଶିକ୍ଷାବିଭାଗ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବାକୁ ଦାବି ହେଉଛି । ଗତକାଲି ମଣ୍ଡଳ ଶିକ୍ଷାଧିକାରୀଙ୍କ ପକ୍ଷରୁ ଦାଖଲ କରାଯାଇଥିବା ଅଭିଯୋଗକୁ ଆଧାର କରି ତଦନ୍ତ ଚାଲୁ ରହିଥିବା ନେଇ ବଡଚଣା ଥାନାଧିକାରୀ ପ୍ରିୟବ୍ରତ ରାଉତ ସୂଚନା ଦେଇଛନ୍ତି । ଯାହାକୁ ନେଇ ଜିଲାରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି ।

# ପଥରପଦା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ

କୋରାଇ,୧୮/୯ (ନି.ପ୍ର): ପଥରପଦା ପଂଚାୟତ ଅନ୍ତର୍ଗତ ପଥରପଦା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପୋଷଶକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ବିଦ୍ୟାଳୟର ଚେୟାରପର୍ସନ ଶ୍ରୀନିବାସ ବେହରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଅତିଥିଭାବେ ସରପଂଚ ପ୍ରକାଶ ଚନ୍ଦ୍ର ମଲ୍ଲିକ, ସମିତିସଭ୍ୟା ପ୍ରତିନିଧି ସନ୍ତୋଷ କୁମାର ବେହେରା ଏମଇସ୍କୁଲର ପ୍ରଧାନ ଶିକ୍ଷକ ଯଦୁମଣି ସାହୁ ଯୋଗଦେଇଥିଲେ । ବିଦ୍ୟାଳୟର ମୋଟ ୧୦୭ଜଣ ଛାତ୍ର/ଛାତ୍ରୀଙ୍କୁ ପୋଷାକ ବିତରଣ କରାଯାଇଥିଲା । ପ୍ରଧାନ ଶିକ୍ଷୟତ୍ରୀ ବିଣାପାଣୀ ମଲ୍ଲିକ ଶିକ୍ଷକ ହୃଷିକେଶ ସାହୁ, ପ୍ରମିଳା କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । କୋଭିଡ କଟକଣା ଯୋଗୁ କିଛି ପିଲାଙ୍କୁ ଅତିଥିମାନଙ୍କ ଦ୍ୱାରା ପୋଷାକ ବଂଟନ ପରେ ପ୍ରତି ପିଲାଙ୍କ ଘରକୁ ଯାଇ ସେମାନଙ୍କୁ ପୋଷାକ ବିତରଣ କରାଯାଇଥିଲା । ପରିଚାଳନା କମିଟିର ସଦସ୍ୟ ନିରଂଜନ ବେହେରା, ଉତ୍କଳ ଦାସ, ପୂଜାରାଣୀ ବାରିକ, ଚକ୍ରଧର ବେହେରା ଓ ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ଅଭିଭାବକ ଓ ଅଭିଭାବିକାମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

# ପଟ୍ଟାମୁଣ୍ଡାଇ ବନ୍ୟା ପରିସ୍ଥିତି ଅପରିବର୍ତ୍ତିତ

ପଟ୍ଟାମୁଣ୍ଡାଇ,୧୮/୯ (ନି.ପ୍ର): ଉପର ମୁଣ୍ଡରେ ଲଗାଣ ବର୍ଷାରେ ସୃଷ୍ଟି ହୋଇଛି ବନ୍ୟା ପରିସ୍ଥିତି । ପଟ୍ଟାମୁଣ୍ଡାଇ ଅଂଚଳ ଦେଇ ପ୍ରଭାହିତ ବ୍ରାହ୍ମଣୀ ଓ କାଣୀ ନଦୀରେ ବନ୍ୟା ଆସି ସମଗ୍ର ଧୋୟା ଅଂଚଳ ଜଳମଗ୍ନ ହୋଇପଡିଛି ।କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବନ୍ୟା ପରିସ୍ଥିତି ଆଜି ମଧ ଅପରିବର୍ତିତ ରହିଛି । ବ୍ରାହ୍ମଣୀ ଓ କାଣୀ ନଦୀରେ ବନ୍ୟା ପରିସ୍ଥିତି ଦେଖା ଦେଇଥିବାରୁ ସମଗ୍ର ଧୋୟାଚଂଳ ଜଳମଗ୍ନ ହୋଇପଡିଛି । ପଟ୍ଟାମୁଣ୍ଡାଇ ବ୍ଲକର ସବୁ ଠାରୁ ଦୂର୍ଗମ ଅଚଂଳ ସିଂହଗାଁ ପଚାଂୟତ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଥିବାବେଳେ ଲୋକଙ୍କ ଦୂର୍ଦ୍ଦଶା ଅବର୍ଣ୍ଣନୀୟ ହୋଇପଡିଛି । ଲଘୁଚାପଜନିତ ବର୍ଷା ବିପୃାତରେ କ୍ଷତିଗ୍ରସ୍ତ ଲୋକମାନେ ବନ୍ୟା ବିଭିଷିକା ଦେଖି ଭୟଭୀତ ହୋଇପଡିଛନ୍ତି । ଅମୃତମଣୋହି ଛତାମଠ ଠାରେ ପୂର୍ତ ବିଭାଗ ରାସ୍ତାରେ ଅମୃତମଣୋହି କଟ ଉପରେ ନିର୍ମିତ ୩୦ ବର୍ଷ ତଳର କଲଭର୍ଟଟି ଧୋଇ ଯିବା କାରଣରୁ ଯୋଗାଯୋଗ ବିଛିନ୍ନ ହୋଇଯାଇଛି । ଫଳରେ ଅଣ୍ଡରା, ଅମୃତମଣୋହି, ବଲୁରିଆ ଓ ଆଳି ବ୍ଲକର ନୂଆପଡା, ପାଟଂଣପଡା ପ୍ରଭୃତି ପଚାଂୟତ ଗୁଡିକୁ ସଡକ ପଥରେ ଯୋଗାଯୋଗ ବିଛିନ୍ନ ହୋଇଯାଇଛି । ଧୋଇ ଯାଇଥିବା କଲଭର୍ଟ ସ୍ଥାନରେ ଯୁଦ୍ଧକାଳୀନ ଭିତିରେ ହ୍ୟୁମ ପାଇପ ପକାଇ ପୋଲ ନିର୍ମାଣ କରିବାକୁ ପୂର୍ତବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି । ଘଟଣାସ୍ଥଳରେ ସହନିର୍ବାହୀଯନ୍ତ୍ରୀ ରାମଚନ୍ଦ୍ର ନାୟକ ଓ ସହକାରୀଯନ୍ତ୍ରୀ ତପନ ସେଠୀ ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରୁଛନ୍ତି । ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ବନ୍ୟା ପ୍ରଭାବିତ ଅଂଚଳ ବୁଲି ଦେଖିବା ସହ ବନ୍ୟା ଯୋଗୁଁ ଉତ୍ପନ୍ନ ସମସ୍ୟା ସମ୍ପର୍କରେ ବନ୍ୟା ପୀଡିତଙ୍କ ସହ ଆଲୋଚନା କରିଥିଲେ । ସେହିପରି ସେ ଅମୃତମଣୋହି ଛତାମଠ ଠାରେ ପୂର୍ତ୍ତ ବିଭାଗ ରାସ୍ତାରେ ହୋଇଥିବା ଘାଇ ପରିଦର୍ଶନ କରିଥିଲେ । ଯଥାଶୀଘ୍ର ରିଲିଫ୍ ଔଷଧ ଓ ଗୋଖାଦ୍ୟ ପ୍ରଭାବିତ ଅଂଚଳରେ ରିଲିଫ ଯୋଗାଇ ଦେଇ ଜନସାଧାରଣଙ୍କ ଜୀବନ ରକ୍ଷା କରିବାକୁ ଶ୍ରୀ ବେହେରା ଦାବି କରିଛନ୍ତି ।କେନ୍ଦ୍ରାପଡା ଉପଜିଲ୍ଲାପାଳ ନିରଞ୍ଜନ ବେହେରା, ପଟ୍ଟାମୁଣ୍ଡାଇ ତହସିଲଦାର ଦିଲ୍ଲୀପ କୁମାର ସେଠୀ ବନ୍ୟାଚଂଳ ପରିଦର୍ଶନ କରି ଲୋକଙ୍କ ସମସ୍ୟା ସଂପର୍କରେ ପଚାରି ବୁଝିବା ସହିତ କଲଭର୍ଟ ଧୋଇ ଯାଇ ଘାଇ ସୃଷ୍ଟି ହୋଇଥିବା ସ୍ଥାନ ପରିଦର୍ଶନ କରିଛନ୍ତି । ପଟ୍ଟାମୁଣ୍ଡାଇ ବ୍ଲକର ଅଣ୍ଡରା, ଅମୃତମଣୋହି, ବଲୁରିଆ, ପେଣ୍ଡପାଳ, ତରଡିପାଳ, ଅଳପୁଆ, ସିଂହଗାଁ, ଶ୍ରୀରାମପୁର, ଡାମରପୁର , ବଳଭଦ୍ରପୁର, ଶାସନ, ନୀଳକଣ୍ଠପୁର, ବାଲିପାଟଣା, ବାଛରା ଆଦି ପଚାଂୟତର ବ୍ୟାପକ ଅଚଂଳ ଓ ଚାଷଜମି ଜଳମଗ୍ନ ହୋଇପଡିଛି । ଅଳପୁଆ ଓ ତୁଳସୀଡିଆ ଡାକ୍ତରଖାନା ପାଣିଘେରରେ ରହିଛି । ଡାମରପୁର, ଶ୍ରୀରାମପୁର ଓ ବଳଭଦ୍ରପୁର ପଚାଂୟତ ଅବସ୍ଥା ଶୋଚନୀୟ ହୋଇପଡିଛି । ମାଳିପୁର ରାସ୍ତା ବୁଡି ପାଣି ଚାଲିବାରୁ ଏହି ୩ଟି ପଚାଂୟତକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଗତ ବନ୍ୟା ସମୟରୁ ପ୍ରଶାସନ ନିକଟରୁ ଡଙ୍ଗା ମାଲିକମାନଙ୍କୁ ଭଡା ପରିଶୋଧ କରିନଥିବାରୁ ଡଙ୍ଗା ମାଲିକମାନେ ବନ୍ୟାଚଂଳକୁ ଡଙ୍ଗା ଯୋଗାଇ ଦେବା ପାଇଁ ଅନିଚ୍ଛୁକ ଥିବାରୁ ଯାତାୟତରେ ଅସୁବିଧା ସୃଷ୍ଟି ହୋଇଛି ।ନୀଳକଣ୍ଠପୁର ପଚାଂୟତର ୫ନଂ. ଓ ୬ନଂ. ୱାର୍ଡ ମଧ୍ୟରେ ବନ୍ୟାଜଳ ପ୍ରବେଶ କରି ଲୋକମାନଙ୍କ ଦୂର୍ଦ୍ଦଶା ବୃଦ୍ଧି କରିଛି । କଷଣଅଂଟା-ବାଛରା ରାସ୍ତା ବୁଡି ଯାଇଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ବନ୍ୟାଚଂଳରେ କିରୋସିନି ଓ ଗୋଖାଦ୍ୟ ଅଭାବ ଦେଖା ଦେଇଛି । ବିଦ୍ୟୁତ ଖୁଂଟ ବୁଡି ଯାଇଥିବାରୁ ବିଦ୍ୟୁତ ସେବା ବ୍ୟାଘାତ ହୋଇଛି । ଟେଲିସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି । ପଟ୍ଟାମୁଣ୍ଡାଇ ପୌରାଚଂଳର ବାଲିପଡା, କଷଣଅଂଟା, ତଳବାଲିପଡା, ବଳଦେବନଗର, ସିଦ୍ଧପାଟଣା, ତନୁପୁର, ନନ୍ଦିନୀନଗର, ଷଣ୍ଢପଲ୍ଲୀ, ନୂଆଗାଁ, କାକୁଡିପଲ୍ଲୀ, ଅଳଭା ଆଦି ଅଚଂଳ ଜଳମଗ୍ନ ହୋଇପଡିଛି । ବନ୍ୟାରେ ବହୁ ରାସ୍ତା ଧୋଇ ଯାଇଥିବାବେଳେ କଚାଘର ଭାଙ୍ଗି ଯାଇଛି । ଚାଷଜମି ବୁଡିଯିବା ଫଳରେ ଧାନ, ମୁଗ, ବିରି, ପନିପରିବା ଫସଲ ହାନୀ ଘଟିଛି । ଆଜି ଦିନ ତମାମ ବନ୍ୟାଜଳ ସ୍ଥିର ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ରେଙ୍ଗାଳିରୁ ପାଣି ଛଡାଗଲେ ବଡ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇପାରେବୋଲି ଆଶଙ୍କା ପ୍ରକାଶ ପାଇଛି । ବନ୍ୟାବିପନ୍ନ ଲୋକମାନଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

## ଭାଲୁ କାମୁଡାରେ ଜଣେ ଗୁରୁତର

ଗଞ୍ଜାମ,୧୮/୯ (ନି.ପ୍ର): ଭଞ୍ଜନଗର-ଉତର ଘୁମୁସର ବନଖଣ୍ଡ ତାରସିଂ ବନାଞ୍ଚଳ ଅଧିନରେ ଗାୟାଗଣ୍ଡା ସେକ୍ସନରେ ଥିବା ଜିରିପଡା ଗ୍ରାମର ଶରତ ମଲ୍ଲିକ ଭାଲୁ କାମୁଡାରେ ଗୁରୁତର ଆହତ ହୋଇଛନ୍ତି । ଖବର ନେବାରେ ଜଣାପଡିଛି, ଗତକାଲି ଶରତ ନିକଟସ୍ଥ ଜଙ୍ଗଲକୁ ଶିଆଳି ନଟି ଆଣିବା ପାଇଁ ଯାଇଥିଲେ । ଭାଲୁଟି ଏକ ବୁଦାମୂଳରେ ଛପି ରହିଥିଲା । ଭାଲୁଟି ହଠାତ୍ ବାହାରି ଶରତକୁ କାମୁଡି ଦେବା ଫଳରେ ଶରତ ଗୁରୁତର ଅବସ୍ଥାରେ ବୁଦା ମୂଳରେ ପଡିରହିଥିଲେ । ସଂଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଜଙ୍ଗଲକୁ ଯାଇ ଖୋଜାଖୋଜି କରିବା ପରେ ଏକ ବୁଦାମୂଳରେ ଗୁରୁତର ଅବସ୍ଥାରେ ପଡିରହିଥିବାର ଦେଖି ସେଠାରୁ ତାଙ୍କୁ ଉଦ୍ଧାର କରିଥିଲେ ।

# ଯାଜପୁର ଜିଲ୍ଲାର ବିଭିନ୍ନ ଅଂଚଳରେ ବିଶ୍ୱକର୍ମା ପୂଜା ପାଳିତ

ଧର୍ମଶାଳା,୧୮/୯ (ନି.ପ୍ର): ଯାଜପୁର ଜିଲାର ବିଭିନ୍ନ ଅଂଚଳରେ ଆଜି କଳକାରଖାନା,ମଧର ଗ୍ୟାରେଜ ସହ ଅନେକ ବ୍ୟବସାୟ ପ୍ରତିଷ୍ଠାନମାନଙ୍କରେ ବିଶ୍ୱକର୍ମା କୁଜା ପାଳିତ ହୋଇଯାଇଛି । ବଡଚଣା ବ୍ଲକ ଚଣ୍ଡିଖୋଲ,ବାଲିଚନ୍ଦ୍ରପୁର,ଧର୍ମଶାଳା ବ୍ଲକ ଜାରକା, ଧର୍ମଶାଳା,ନେଉଳପୁ,ରସୁଲପୁର ବ୍ଲକ କୁଆଖିଆ, ବ୍ରହ୍ମବରଦା,ହରିପୁର ଓ ବରୀ ବ୍ଲକ ବରୀ ମାଉଣ୍ଡ,ଅଜାଣ ଛକ, ସୁଜନପୁର, ଶିବାଛକ,ଏରବାଙ୍ଗ ଓ ରତ୍ନଗିରି ଆଦି ସ୍ଥାନମାନଙ୍କରେ କୋଭିଡ ନିୟମକୁ ପାଳନ କରି ଏହି ପୂଜାପାଳନ କରାଯାଇଛି । ରସୁଲପୁର ବ୍ଲକ ବ୍ରହ୍ମବରଦାଠାରେ ନେସ୍କୋ ବିଦ୍ୟୁତ୍ କାର୍ଯ୍ୟାଳୟ ପରିସରରେ କନିଷ୍ଠ ଯନ୍ତ୍ରୀ ଅଶୋକ କୁମାର ସାହୁଙ୍କ ପରୋକ୍ଷ ତତ୍ତ୍ୱବଧାନରେ ପୂଜାମଣ୍ଡପରେ ବିଶ୍ୱକର୍ମା ପୂଜା ପାଳିତ ହୋଇଥିବା ବେଳେ ତାରିଣୀଛକଠାରେ ଅଟୋ ଷ୍ଟାଣ୍ଡ ପକ୍ଷରୁ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି ।

## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



**ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

**ଭାଗ-୪୪**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ପରୀକ୍ଷିତଙ୍କୁ ଦେଖି ମୋର ହୃଦୟ ଅତ୍ୟନ୍ତ ବ୍ୟଥିତ ହେବାକୁ ଲାଗିଲା । ଯେତେବେଳେ ତାଙ୍କ ନିକଟକୁ ଯାଇ ହାତଧରି ମୋର ପରିଚୟ ଦେଲି ଓ ମୋତେ କୁଣ୍ଢେଇ ପକାଇଲେ । ଚକ୍ଷୁ ଲୋତକପୂର୍ଣ୍ଣ ହୋଇଗଲା । ମୋ କାନ୍ଧ ଉପରେ ମୁଣ୍ଡ ଲଦି ବ୍ୟାକୁଳ ଭାବରେ କାନ୍ଦିବାକୁ ଲାଗିଲେ । ମୁଁ ମଧ ମୋର ଚକ୍ଷୁର ଅଶ୍ରୁରୋଧ କରିପାରିଲି ନାହିଁ । ପିଲାଦିନର ଦୃଶ୍ୟାବଳୀ ମୋର ଚକ୍ଷୁସମକ୍ଷରେ ଭାସମାନ ହେବାକୁ ଲାଗିଲା । ଗୌନ୍ତିଆ ଘର ପୁଅ । ସମ୍ବଲପୁର, ପାଟଣା, ସୋନପୁର ପ୍ରଭୃତି ଅଞ୍ଚଳରେ ଗୌନ୍ତିଆ ଶ୍ରେଷ୍ଠ ସମ୍ମାନାସ୍ପଦ ବ୍ୟକ୍ତି । ପ୍ରାୟ ସମସ୍ତଙ୍କର ସ୍ୱଚ୍ଛଳ ଅବସ୍ଥା । ବଲାଙ୍ଗିରରେ ପଢୁଥିବା ସମୟରେ କେତେ ସରୁଚୂଡ଼ା, ଉଖୁଡ଼ା, ଖଜା ତାଙ୍କ ଘରୁ ଆସେ । ପରୀକ୍ଷିତ ତହିଁରୁ ମୋତେ ଭାଗ ନଦେଇ କେବେ ଖାଆନ୍ତି ନାହିଁ । ଆଜି ସେ ଗୌନ୍ତିଆ ପୁଅ ପରୀକ୍ଷିତ ପଥର ଭିକ୍ଷୁକ । ଆଖପାଖର ଲୋକେ ଆମ୍ଭମାନଙ୍କୁ ବେଢ଼ିପକାଇଲେ ଓ ପରିଚିତ ଭିକ୍ଷୁକ ପରୀକ୍ଷିତ ଓ ରାଜ୍ୟର ଜଣେ ହାକିମଙ୍କୁ ଏହି ଅବସ୍ଥାରେ ଦେଖି ବିସ୍ମୟାବିଷ୍ଟ ହୋଇ ନାନାବିଧ ପ୍ରଶ୍ନ ପଚାରିଲେ । ସଂକ୍ଷେପରେ ସେମାନଙ୍କୁ ପ୍ରକୃତ ଘଟଣା ଜଣାଇ ସଙ୍ଗେ ସଙ୍ଗେ ପରୀକ୍ଷିତଙ୍କୁ ମୋ ବସାକୁ ନେଇଗଲି ଓ ତତ୍‌କ୍ଷଣାତ୍ କୌପୁନୀ ତ୍ୟାଗ କରିବାକୁ କହିଲି । ପ୍ରଥମରେ ସେ ତାଙ୍କ ଭିକ୍ଷୁକ କନା ତ୍ୟାଗ କରିବାକୁ ଅନିଚ୍ଛା ପ୍ରକାଶ କଲେ । କିନ୍ତୁ ଚାରିପାଞ୍ଚ ଦିନ ରଖି ତାହା ତ୍ୟାଗ କରିବା ପାଇଁ ତାଙ୍କୁ ବାଧ କଲି । ଜଟା କଟାଇ ଦେଲି ଓ ସାଧାରଣ ଗେରୁଆ ଲୁଗା ତାଙ୍କୁ ପିନ୍ଧାଇଦେଲି । ପ୍ରାୟ ମାସେକାଳ ତାଙ୍କୁ ରଖି ପରିଶେଷରେ ରାଜ୍ୟକୁ ଫେରିଯିବା ପାଇଁ ଅନୁମତି ସକାଶେ ଗୋଟିଏ ଦରଖାସ୍ତ ଲେଖିଦେଇ ତାଙ୍କ ସ୍ୱାକ୍ଷରରେ ପୋଲିଟିକେଲ୍ ଏଜେଣ୍ଟଙ୍କଠାକୁ ପଠାଇଦେଲି । ଅଳ୍ପଦିନ ଉତ୍ତାରେ ଫେରିଯିବା ସକାଶେ ହୁକୁମ ଆସିଲା ଓ ତପ୍ରେ ତାଙ୍କୁ ଘରକୁ ପଠାଇଦେଲି । ସେ ଆଉ ଇହଜଗତରେ ନାହାଁନ୍ତି । ଗଡ଼ଜାତ ରାଜ୍ୟରେ କର୍ତ୍ତୃପକ୍ଷଙ୍କ କୋପଦୃଷ୍ଟିରେ ପତିତ ହେଲେ, ରାଜ୍ୟରୁ ନିର୍ବାସନ ସାଧାରଣ ଦଣ୍ଡ ଥିଲା । ଏହା ଦେଖି ଆମ୍ଭେମାନେ ଯେଉଁ ଜଣକେତେ ଶିକ୍ଷାପ୍ରାପ୍ତ ହୋଇ ବାହାରିଥିଲୁଁ, ପାଟଣାରେ ରହିଲୁ ନାହିଁ । ନଜ ଘରଦ୍ୱାର, ବନ୍ଧୁବାନ୍ଧବ ଛାଡ଼ି କେତେ ଗଡ଼ଜାତବାସୀ ନିକଟବର୍ତ୍ତୀ ଇଂରେଜଶାସିତ ଜିଲ୍ଲାରେ ବାସ କରିବା ନିରାପଦ ଦେଖି ରହିଗଲେ । ମୁଁ ସମ୍ବଲପୁରରେ ରହିଗଲି ।

ଢେଙ୍କାନାଳକୁ ଲାଗି ତିଗିରିଆ ଦେଶୀୟ ରାଜ୍ୟ । ଓଡ଼ିଶାର ୨୬ ଟି ରାଜ୍ୟ ମଧ୍ୟରେ ତିଗିରିଆ କ୍ଷୁଦ୍ରତମ । ଆୟତନରେ କେବଳ ୪୫ ବର୍ଗମାଇଲ । ଦୀର୍ଘ ପ୍ରତି ଯେଉଁ ଆଡ଼କୁ ଗଲେ କେବଳ ୬-୭ ମାଇଲ । ମୁଁ ଢେଙ୍କାନାଳରେ ଥିବା ସମୟରେ ତିଗିରିଆରେ ରାଜା ଥିଲେ ଶ୍ରୀ ବନମାଳୀ କ୍ଷତ୍ରିୟ ବୀରବର ଚମୂପତି ରାୟ । ଏହା ତିଗିରିଆ ରାଜାଙ୍କ ପାରମ୍ପାରିକ ଉପାଧି । ଯୁବରାଜ ଥିଲେ ଶ୍ରୀ ସୁଦର୍ଶନ ରାୟ । ମୋର ସରକାରୀ ଚାକିରି ଆରମ୍ଭରେ ୧୯୧୦-୧୧ ସାଲରେ ଯୁବରାଜ ପୋଲିଟିକେଲ ଏଜେଣ୍ଟଙ୍କ ବ୍ୟବସ୍ଥାମତେ ସମ୍ବଲପୁର ଡେପୁଟି କମିଶନରଙ୍କ ତତ୍ତ୍ୱାବଧାନରେ ଶାସନ କାର୍ଯ୍ୟରେ ଶିକ୍ଷାପ୍ରାପ୍ତ ହେଉଥିଲେ । ସେହି ସମୟରେ ତାଙ୍କ ସହିତ ମୋର ପରିଚୟ ହୋଇଥିଲା । ଆଠ ନଅ ବର୍ଷ ପୂର୍ବର କଥା । ଦିନେ ତାଙ୍କଠାରୁ ଖଣ୍ଡେ ପତ୍ର ପାଇଲି । ତାଙ୍କ ଗଡ଼ରେ ଚମ୍ପକ ଦ୍ୱାଦଶୀ (ରୁକ୍ମିଣୀ ବିବାହ) ପର୍ବ ସାଡ଼ମ୍ବରରେ ଅନୁଷ୍ଠିତ ହୁଏ । ସେଥିକୁ ମୋତେ ନିମନ୍ତ୍ରଣ କରିଅଛନ୍ତି । ମୁଁ ତିଗିରିଆ ସୀମାରେ ଅବସ୍ଥିତ ଅଞ୍ଚଳକୁ ଗସ୍ତରେ ଗଲି ଓ ଏକାଦଶୀ ଦିନ ସନ୍ଧ୍ୟାରେ ତିଗିରିଆ ଗଡ଼ରେ ପହଞ୍ଚି ଯୁବରାଜଙ୍କଠାକୁ ମୋର ଆଗମନର ବାର୍ତ୍ତା ପ୍ରେରଣ କଲି । ରାଜଭଣ୍ଡାରରୁ ମୋର ଓ ମୋର ଅନୁଚରମାନଙ୍କ ସକାଶେ ପ୍ରଚୁର ଆହାର୍ଯ୍ୟ ଦ୍ରବ୍ୟମାନ ଆସିଲା । ଦ୍ୱାଦଶୀ ଦିନ ପ୍ରାତଃକୃତ୍ୟାଦି ସମାପନ କରି ରାଜବାଟୀ ଆଡ଼କୁ ଗଲି । ଗଡ଼ର ଏକ ପ୍ରାନ୍ତରେ ରାଜବାଟୀ । ସେଠାକୁ ପହୁଞ୍ଚିବାଯାଏ ଦାଣ୍ଡର ଉଭୟ ପାର୍ଶ୍ୱରେ ଘରମାନ ଦୁଇ ସାହାଲା ହୋଇ ବସିଅଛି । ପଥରରେ ଗୋଟିଏ ପକ୍‌କା ଘର ଦେଖିଲି । ତାହାର ଦ୍ୱାର ଖୋଲା । ଫାଟକ କାନ୍ଥ ଉପରେ ବଡ଼ ବଡ଼ ଇଂରେଜୀ ଅକ୍ଷରରେ ଲେଖାଅଛି 'ଜେଲ' । ଅଥଚ ଜେଲ୍‌ର ଦ୍ୱାର ଖୋଲା ! ମୋ ସଙ୍ଗେ ଆସୁଥିବା ଜଣେ ଲୋକକୁ ପଚାରି ବୁଝିଲି, ଜେଲ ମଧ୍ୟରେ କଏଦୀ ନାହାନ୍ତି । ଆଉ କେବେ ମଧ ନଥାନ୍ତି ଶୁଣି ବିସ୍ମିତ ହେଲି । ଅଳ୍ପ ସମୟ ମଧ୍ୟରେ ସିଂହଦ୍ୱାର ସମ୍ମୁଖରେ ଉପସ୍ଥିତ ହେଲି । ଯୁବରାଜ ମୋର ଆଗମନ ଅପେକ୍ଷାରେ ସେଠାରେ ଛିଡ଼ା ହୋଇଥିଲେ ଓ ମୋତେ ଦେଖି ମୋ ଆଡ଼କୁ ଆସି ସାଦର ଅଭିବାଦନ ଜଣାଇଲେ ଓ ମୋତେ ଘେନି ରାଜବାଟୀ ଆଡ଼କୁ ଅଗ୍ରସର ହେଲେ । ସିଂହଦ୍ୱାରର ଉଭୟ ପାର୍ଶ୍ୱରେ ଉଚ୍ଚସ୍ଥାନ ଦେବୀ ପରି ନିର୍ମିତ ହୋଇଅଛି । ତହିଁର ଗୋଟିକ ଉପରେ ବସି ବୃଦ୍ଧରାଜା ଫୁଲମାଳ ଗୁନ୍ଥୁଛନ୍ତି ଓ ତଳେ ବସି କେତେକ ଲୋକ ମଧ ଫୁଲମାଳ ଗୁନ୍ଥିବାରେ ବ୍ୟସ୍ତ ରହୁଅଛନ୍ତି । ଯୁବରାଜ ମୋତେ ରାଜାଙ୍କଠାରେ ପରିଚୟ କରାଇଦେଲେ । ମୁଁ ବ୍ରାହ୍ମଣ ବୋଲି ଜାଣି ରାଜା ମୋତେ ପ୍ରଣାମ କଲେ ଓ ମୁଁ ମଧ ରାଜୋଚିତ ଆଶୀର୍ବାଣୀ ଉଚ୍ଚାରଣ କଲି । ଦୁଇଚାରି କଥା ହେଲା ପରେ ମେଞ୍ଚାଏ ଫୁଲ ମୋ ସମ୍ମୁଖରେ ରଖିଦେଇ କହିଲେ, "ଆଜି ଚମ୍ପକ ଦ୍ୱାଦଶୀ, ମହାପ୍ରଭୁଙ୍କ ସହିତ ରୁକ୍ମିଣୀଙ୍କ ବିବାହ । ଠାକୁରଙ୍କ ପାଇଁ ଫୁଲ ଗୁନ୍ଥନ୍ତୁ ନା ।" ସମ୍ମୁଖରେ ବସି ମୁଁ ମଧ ଫୁଲ ଗୁନ୍ଥିବାକୁ ଲାଗିଲି । ଏହା ଉତ୍ତାରେ ଦେଖିଲି, କେତେକ ମୋକଦ୍ଦମା ପକ୍ଷମାନଙ୍କୁ ଡାକରା ହେଲା । ଉଭୟ ପକ୍ଷ-ଫରିୟାଦୀ, ଆସାମୀ, ବାଦୀ, ପ୍ରତିବାଦୀ ଉପସ୍ଥିତ ହେଲେ ଓ ନିଜ ନିଜର ବକ୍ତବ୍ୟ ପ୍ରକାଶ କଲେ । ସାକ୍ଷ୍ୟମାନଙ୍କୁ ମଧ ଡାକରା ହେଲା ଓ ସେମାନଙ୍କ ଜମାନବନ୍ଦି ନିଆହେଲା । ଏ ସମସ୍ତ ମୌଖିକ, ଲେଖାପଢ଼ାର ନାମ ସୁଦ୍ଧା ନାହିଁ । ଫୌଜଦାରୀ ମୋକଦ୍ଦମାର ବିଚାର ସଙ୍ଗେ ସଙ୍ଗେ ଶେଷ ହେଲା ଓ ଆସାମୀଙ୍କ ପ୍ରତି ହୁକୁମ ହେଲା, କାହା ପ୍ରତି ପନ୍ଦର ଦିନ, କାହା ପ୍ରତି ମାସେ 'ଆଗୁଳା' । 'ଆଗୁଳା'ର ମର୍ମ୍ମ ଯୁବରାଜଙ୍କୁ ପଚାରି ବୁଝିଲି, ରାଜଦର୍ଶନ ମନାନ୍ତ ଯେଉଁ ସମୟରୁ ଆଗୁଳାର ହୁକୁମ ହେଲା ସେଇକାଳ ମଧ୍ୟରେ ଅପରାଧୀମାନେ କେହି ରାଜବାଟୀ ବା ରାଜଦର୍ଶନକୁ ଆସିପାରିବେ ନାହିଁ । ଶୁଣିଲି, ରାଜାଙ୍କ ବିଚାରରେ ଏହାହିଁ ଏକମାତ୍ର ଦଣ୍ଡ । ଆଉ ପ୍ରଜାଙ୍କ ପକ୍ଷରେ ରାଜଦର୍ଶନ ବାସନ୍ଦ ଅତି କଠୋର ଦଣ୍ଡ ବୋଲି ବିବେଚିତ ହୁଏ । ପ୍ରଜାମାନେ ରାଜାଙ୍କ ପ୍ରତି ଏତେ ଅନୁରକ୍ତ, ଏତେ ଭକ୍ତିପରାୟଣ ! ଅର୍ଥଦଣ୍ଡ ବା କାରାଦଣ୍ଡ ନାହିଁ ! ତାହାହେଲେ ଜେଲ୍ ଘର କାହିଁକି ଅଛି ବୋଲି ପଚାରିଲି । ରାଜା କହିଲେ, "ପୋଲିଟିକେଲ୍ ଏଜେଣ୍ଟ କହିଲେ, 'ଗୋଟିଏ ଜେଲ ଘର ତିଆରି କରି ରଖିବାକୁ ହେବ ।' ତାଙ୍କ ଇଚ୍ଛାନୁସାରେ ଗୋଟିଏ ଘର ତିଆରି ହୋଇଛି । ଆମ୍ଭରାଜ୍ୟରେ କେହି ସେପରି ଗୁରୁତର ଅପରାଧ କରନ୍ତିନି, ଯାହା ସକାଶେ କାହାରିକୁ କାରାଦଣ୍ଡ ଭୋଗିବାକୁ ହେବ ।" ଇତିପୂର୍ବେ ଶୁଣିଥିଲି, କେତେକ ଗଡ଼ଜାତ ରାଜ୍ୟରେ କାରାଦଣ୍ଡରେ ଦଣ୍ଡିତ ଅପରାଧୀମାନଙ୍କୁ ସୁଦ୍ଧା ଦଣ୍ଡକାଳ ମଧ୍ୟରେ କିଛିଦିନ ପାଇଁ ଘରକୁ ଛାଡ଼ିଦିଆ ହୁଏ । ସେମାନେ ନିଜେ ଆସି ଦଣ୍ଡକାଳ ଭୋଗକରି ଚାଲିଯାନ୍ତି । ଏହି ପ୍ରକାର ବିଚାର ଦେଖି ରାଜାଙ୍କ ପ୍ରତି ମୋ ହୃଦୟରେ ପରମ ଭକ୍ତିଭାବ ଜାଗ୍ରତ ହେଲା । ରାଜାଙ୍କ ପ୍ରତି ପ୍ରଜାଙ୍କ ପ୍ରଗାଢ଼ ଭକ୍ତି । କେତେକ ଗଡ଼ଜାତରେ କେବଳ ଅର୍ଥଦଣ୍ଡ ଦ୍ୱାରା ରାଜକୋଷ ପୂର୍ଣ୍ଣ ହୁଏ । ଅଥଚ ଏହି କ୍ଷୁଦ୍ରରାଜ୍ୟରେ ପ୍ରଜାଙ୍କ ପ୍ରତି ଅର୍ଥପୀଡ଼ା ନାହିଁ । ଆଜିକାଲି, ବିଶେଷତଃ ଇଂରେଜ ଅମଳରେ ସୃଷ୍ଟ ବିଚାର ପ୍ରଣାଳୀ ନାନା ଦୋଷରେ କଳୁଷିତ । ତାହା ଦ୍ୱାରା କ୍ୱଚିତ୍ ନ୍ୟାୟ ବିଚାର ହୁଏ, ଯାହା କେବଳ ଅର୍ଥବ୍ୟୟ ଓ ସମୟକ୍ଷେପଣ ଓ ନାନା ପ୍ରକାର ଦୂରାଚାରାରେ ପକ୍ଷଗଣ ନିଷ୍ପେଷିତ । କଚେରୀ ଅଦାଲତ ଏକପ୍ରକାର ଲାଭଜନକ ବ୍ୟବସାୟ କ୍ଷେତ୍ର । ନାନା ପ୍ରକାର ବ୍ୟବସାୟୀ ଏହାରି ଆଶ୍ରୟରେ ସଂସାରଯାତ୍ରା ନିର୍ବାହ କରୁଅଛନ୍ତି । ଆଧୁନିକ ପରିସ୍ଥିତିରେ ଏହାର ସମୂଳ ସଂସ୍କାର ଆବଶ୍ୟକ । (କ୍ରମଶଃ)

## ପର୍ଦ୍ଦା ପଛର କଥା -୮



**ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ। ପ୍ରାୟ ୭୦ଟିରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି। ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ। ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ।**

ଭାଗ-୧୮

### 'ଛୋଟ ପରଦାର ମୋହ-୩'

(ପୂର୍ବ ପ୍ରକାଶିତ ଉତ୍ତାରୁ)

ସେଦିନ ଥାଏ ହୋଲି, ସବୁ କଟକଣା ସତ୍ତ୍ୱେ ବୁଢ଼ା ମହାରଣାଙ୍କୁ ମୋ ସ୍କୁଟର ପଛରେ ବସାଇ ଶୈଳେଶ୍ରୀ ବିହାର ଚାଲିଲି, ସବ୍ୟଦାଙ୍କ ସହ ଭେଟ ହେବା ପାଇଁ । ସବ୍ୟଦା ପରିବାର ନେଇ ଶୈଳଶ୍ରୀ ବିହାରରେ ରହୁଥାନ୍ତି । 'ଭୁକା', 'ଝିଲ୍ଲି' ଓ 'ସବୁ ମାୟାରେ ବାୟା' ପରେ ବିଶେଷ କିଛି କାମ ନଥାଏ ସବ୍ୟଦା'ଙ୍କର ।

ପ୍ରଥମେ ସବ୍ୟଦା'ଙ୍କ ସହ ମୋର ପ୍ରଥମ ଭେଟ ହୋଇଥିଲା ଅଙ୍କୁର ଅନୁଷ୍ଠାନର ଓଡ଼ିଆ ଚଳଚ୍ଚିତ୍ର ଉପରେ ହେଉଥିବା ଏକ ଆଲୋଚନା ଚକ୍ରରେ ରବୀନ୍ଦ୍ର ମଣ୍ଡପରେ, ସ୍ୱର୍ଗତ ଶରତ ପୂଜାରୀ ଓ ସବ୍ୟଦାଙ୍କ ସହ ମୁଁ ଥାଏ ଅତିଥି । ଏହା ମଧ ୧୯୮୫-୮୬ ମସିହାର କଥା । ସବ୍ୟଦାଙ୍କର ଅମାୟିକ ବ୍ୟକ୍ତିତ୍ୱ ମୋତେ ପ୍ରଭାବିତ କରିଥିଲା ସେଦିନ ।

ତେବେ ହୋଲି ଦିନ ସବ୍ୟଦା'ଙ୍କ ସହ ଭେଟ ହେଲା ଶୈଳେଶ୍ରୀ ବିହାର ସ୍ଥିତ ରବି ଭାଇନା (ରବି ମିଶ୍ର ଦୂରଦର୍ଶନର ପ୍ରଯୋଜକ)ଙ୍କ ଘରେ । ସବ୍ୟଦା କହିଲେ ଦୂରଦର୍ଶନରେ ଆବେଦନ କରିବାକୁ ପଡ଼ିବ କମିସନ୍‌ଡ ପ୍ରୋଗ୍ରାମ୍ ପାଇଁ । ତୁରନ୍ତ ଗୋଟେ ସପ୍ତାହ ମଧ୍ୟରେ ଆମକୁ ଜଣେ ପ୍ରଖ୍ୟାତ ଲେଖକଙ୍କ ଗଳ୍ପ/ ଉପନ୍ୟାସ ଆଧାରରେ ୪ଟି ଡମି ସ୍କ୍ରିପ୍ଟ ପ୍ରସ୍ତୁତ କରି ଦାଖଲ କରିବାକୁ ହେବ ।

ମୁଁ କାହାଣୀ ଖୋଜିବା ପାଇଁ ଲାଗି ପଡ଼ିଲି । ସ୍ଥିର ହେଲା ପ୍ରତିଭା ରାୟଙ୍କ ଉପନ୍ୟାସରୁ ଗୋଟିଏକୁ ନିଆଯିବ । ମୁଁ ପୁରୁଣା ବସ୍‌ଷ୍ଟାଣ୍ଡ ବୁକ୍‌ଷ୍ଟଲ୍‌ରୁ ପ୍ରତିଭା ରାୟଙ୍କ ଛଅଖଣ୍ଡ ଉପନ୍ୟାସ କିଣି ଆଣିଲି ଓ ସବ୍ୟଦା'ଙ୍କ ଘରେ ଆମେ ଦୁଇଜଣ ସେ ସବୁକୁ ପଢ଼ି ଆଲୋଚନା କଲୁ । ପ୍ରତିଭା ରାୟଙ୍କ "ଉପନାୟିକା'କୁ ଗ୍ରହଣ କରିବା ପାଇଁ ଆମେ ମନସ୍ଥ କଲୁ । କାହାଣୀରେ ଜବରଦସ୍ତ ଟ୍ୱିଷ୍ଟ ଥିଲା । ଜଣେ ନାୟିକା ଦୁଇଜଣ ନାୟକ, ଦୁଇଜଣ ମଧ ଅନ୍ତରଙ୍ଗ ବନ୍ଧୁ । ଘଟଣାକ୍ରମରେ ଉଭୟ ବନ୍ଧୁଙ୍କର ନାୟିକା ସହ ଅନ୍ତରଙ୍ଗତା ବୃଦ୍ଧି ପାଉଛି ଓ ପରେ ଦୂରେଇ ଯାଉଛନ୍ତି । ପରିଶେଷରେ ନାୟିକା ଏକା ରହିଯାଇଛି । ଦୁଇବନ୍ଧୁ ବିବାହ କରି ସଂସାର କରିଛନ୍ତି । କାହାଣୀଟି ନୂତନ ଥିଲା । ତେବେ କ୍ଲାଇମାକ୍ସ ନେଇ ଆମେ ପରେ ଲେଖିକାଙ୍କ ସହ ଆଲୋଚନା କରି ଆବଶ୍ୟକୀୟ ପରିବର୍ତ୍ତନ କରିବୁ ବୋଲି ସ୍ଥିର ହେଲା ।

ସାଧାରଣତଃ ଗଳ୍ପ କି ଉପନ୍ୟାସଟିଏ ରଚନା କାଳରେ ଲେଖକଟି ତା' ନିଜସ୍ୱ ଦୃଷ୍ଟିକୋଣରୁ କାହାଣୀକୁ ସଜାଇଥାଏ । ମାତ୍ର ଚଳଚ୍ଚିତ୍ର ରୂପାୟନ ସମୟରେ କିଛି ପରିବର୍ତ୍ତନ ଆବଶ୍ୟମ୍ଭାବୀ ହୋଇପଡ଼େ । କିନ୍ତୁ ଲେଖକର ମୂଳ ଆଭିମୁଖ୍ୟଟି ଯେପରି କ୍ଷୁର୍ଣ୍ଣ ନହୁଏ ସେଥିପ୍ରତି ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ପଡ଼େ । ମୋର ମଧ କିଛି ଅଭିଜ୍ଞତା ଥିଲା ଏ ସଂପର୍କରେ । ସେହି ନବେ ଦଶକରେ ପ୍ରଯୋଜକ ହେମ୍‌ରାଜ୍ ପ୍ରତିଭା ରାୟଙ୍କ କାହାଣୀ 'ଅମୋକ୍ଷ'କୁ ନେଇ ଏକ କଳାତ୍ମକ ଛବି ନିର୍ମାଣ ପାଇଁ ପ୍ରସ୍ତୁତ ହେଲେ । ନିର୍ଦ୍ଦେଶକ ଗୌରୀ ଶଙ୍କର ଦାସ ପୂର୍ବରୁ ପ୍ରତିଭା ରାୟଙ୍କ 'ମୋକ୍ଷ'କୁ ନେଇ ଚଳଚ୍ଚିତ୍ର ନିର୍ଦ୍ଦେଶନା ଦେଇ ସର୍ବ ଭାରତୀୟ ସ୍ତରରେ ଚର୍ଚ୍ଚିତ ହୋଇଥାନ୍ତି । ଅମୋକ୍ଷର ସ୍କ୍ରିପ୍ଟିଂ ସମୟରେ ଆମେ ମଧ ବହୁ ସତର୍କତା ଅବଲମ୍ବନ କରିଥିଲୁ । ତେବେ ପ୍ରତିଭା ରାୟ ଓ ବିଭୂତି ପଟ୍ଟନାୟକଙ୍କ କାହାଣୀ ଗୁଡ଼ିକରେ ବିଶେଷ କିଛି ମୁଣ୍ଡ ଖଟେଇବାକୁ ପଡ଼ି ନଥାଏ ପ୍ରାୟତଃ । କାରଣ ଚିତ୍ରନାଟ୍ୟ ଭଳି ସେସବୁ ପୂର୍ବ ପ୍ରସ୍ତୁତ ଥାଏ । ବିଭୂତି ସାର୍‌ଙ୍କ ଉପନ୍ୟାସ 'ବନ୍ଦୀ ଯାଯାବର'କୁ ଧାରାବାହିକ ସଜେଇଲା ବେଳେ ମୋର ଏହି ଅଭିଜ୍ଞତା ଆସିଥିଲା । ତେବେ ବାଧବାଧକତାରେ 'ବନ୍ଦୀ ଯାଯାବର'ର କ୍ଲାଇମାକ୍ସକୁ ଆମକୁ ପରିବର୍ତ୍ତନ କରିବାକୁ ପଡ଼ିଥିଲା । ବିଭୂତି ସାର୍ କଛି ପ୍ରତିବାଦ କରି ନଥିଲେ ବୋଧହୁଏ ମୋ ପ୍ରତି ତାଙ୍କର ଅଶେଷ ଶ୍ରଦ୍ଧା ହେତୁ । ମୋର ମନେ ଅଛି ବିନା ପାରିଶ୍ରମିକରେ 'ବନ୍ଦୀ ଯାଯାବର'କୁ ଧାରାବାହିକ ପାଇଁ ଆଗକୁ ଅନୁମତି ପ୍ରଦାନ କରିଥିଲେ । ନିଜେ ମଧ ଧାରାବାହିକ ପ୍ରାରମ୍ଭରେ ନିଜର କାହାଣୀ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଧାରାବାହିକଟି ଉପନ୍ୟାସ ଶୀର୍ଷକରେ ପ୍ରସାରିତ ହୋଇ ବେଶ୍ ଲୋକପ୍ରିୟତା ସାଉଁଟି ଥିଲା । 'ରାଣ୍ଡିପୁଅ ଅନନ୍ତା'ର ଟେଲି ରୂପାନ୍ତର ବେଳେ ଆଗକୁ କିଛି ଅଂଶକୁ ବାଦ୍ ଦେବାକୁ ପଡ଼ିଥିଲା । ଫକୀରମୋହନଙ୍କ ଗଳ୍ପ ଉପନ୍ୟାସକୁ ଚିତ୍ରାୟିତ କଲାବେଳେ ମଧ ବହୁ ସତର୍କତା ଅବଲମ୍ବନ କରିବାକୁ ପଡ଼େ । ଅନେକ କଥାକୁ ସାଂକେତିକ ଭାବରେ ଫକୀରମୋହନ ଉଲ୍ଲେଖ କରିଥାନ୍ତି । ଉଦାହରଣ 'ରେବତୀ' କ୍ଷୁଦ୍ର ଗଳ୍ପରେ ବାସୁମାଷ୍ଟ୍ର ଓ ରେବତୀଙ୍କ ମଧ୍ୟରେ ଭଲ ପାଇବା ଅନୁମେୟ କିନ୍ତୁ କୌଣସି ସ୍ଥଳରେ ମୁହଁଖୋଲି ଆଜିକା ଜେନେରେସନ୍ ଭଳି ସେମାନେ ପ୍ରେମର ଅଭିବ୍ୟକ୍ତି ପ୍ରଦାନ କରିନାହାଁନ୍ତି । 'ଛ'ମାଣ ଆଠଗୁଣ୍ଠ' ଉପନ୍ୟାସରେ ମଙ୍ଗରାଜ ଓ ଚମ୍ପା ଭିତରେ ଥିବା ଗୋପନ ସଂପର୍କକୁ ଅନୁମାନ କରିହୁଏ ମାତ୍ର କେଉଁଠି ପ୍ରକାଶ କରି ନାହାଁନ୍ତି ଫକୀର ମୋହନ, ଅନେକ ଭାବାନୁବୋଧକୁ କେବଳ ଏକ୍ସପ୍ରେସନ ମାଧ୍ୟମରେ ପ୍ରକାଶ କରିଥାଏ ଯାହାକି କ୍ୟାମେରା ସେ ଭୂମିକା ନିର୍ବାହ କରେ । ମୁଁ ବି ବେଳେବେଳେ ଅନୁଭବ କରେ ସାରଳା ଦାସ, ଫକୀର ମୋହନଙ୍କଠାରୁ ଅଧିକ କିଛି ଚିତ୍ରନାଟ୍ୟ ରଚନା କରାଯାଇ ପାରିନାହିଁ । ଆଦିକବିଙ୍କ ଦୁର୍ଯ୍ୟୋଧନଙ୍କ ରକ୍ତନଦୀ ସନ୍ତରଣ ଅଧ୍ୟାୟ ପାଠ କଲେ ସେ ଦୃଶ୍ୟ ଆଖିରେ ଚିତ୍ରାୟିତ ହୋଇଉଠେ । ଚମତ୍କାର ନାଟକୀୟତା ସୃଷ୍ଟି କରିଛନ୍ତି ସାରଳା ଦାସ । କାହାଣୀକୁ ପାଠକଲେ ମାନସପଟ୍ଟରେ ଏକ ଦୃଶ୍ୟ ଭାସିଉଠେ । ମାନସପଟ୍ଟରେ ଚିତ୍ରାୟିତ ହୋଇଉଠେ କାହାଣୀଟି । ଏହାହିଁ ଚିତ୍ରନାଟ୍ୟ । ଏକଥା ମତେ ଆଲୋଚନା ପ୍ରସଙ୍ଗରେ ସ୍ୱର୍ଗତ ବିଜୟ ମିଶ୍ର ଉପଦେଶ ଦେଇଥିଲେ । ଚିତ୍ରନାଟ୍ୟ ରଚନା ବେଳରେ ଲେଖକଙ୍କ ଆଖିକୁ ବି କାହାଣୀ, ଦୃଶ୍ୟର 'ଚିତ୍ରାୟନ' ପ୍ରଥମେ ନିଜ ମାସନପଟ୍ଟରେ କରିବାକୁ ପଡ଼େ । ସବ୍ୟ ଦା'ଙ୍କ ସହ 'ଉପନାୟିକା'ର ସ୍କ୍ରିପ୍ଟ ଆଲୋଚନା ହେଲା । (କ୍ରମଶଃ)

## ଶଶିକାନ୍ତ ନାୟକ



### ॥ ଦିପାଳୀଟେ ହୋଇ ଜଳୁଛି ନିତି ॥

ସଭିଙ୍କୁ ଲୁଚେଇ ନିରୋଳାରେ ବସି
ପଢୁଛି ମୁଁ ତୁମ ପୁରୁଣା ଚିଠି
ଶୀତ ସକାଳର କଅଁଳ ଖରାରେ
ଖୋଜୁଅଛି ସାଥି ଅଭୁଲା ସ୍ମୃତି।

ଗଢ଼ିଥିଲି ଦିନେ ବାଲିଘରଟିଏ
ସାଗର ବେଳାରେ ତୁମରି ପାଇଁ
ସେଇ ବାଲିଘର ଭାଙ୍ଗିଗଲା ମୋର
ସାଗର ଲହରୀ ନେଲା ଭସେଇ
ମନର ଦରଦ ମନରେ ମାରି ମୁଁ
ଦୁଃଖର ଗରଳ ପିଉଛି ଏଠି...।

ଦୁନିଆ ଦାଣ୍ଡରେ ନିଃସଙ୍ଗ ପଥିକ
ଏକୁଟିଆ ହୋଇ ଚାଲିଛି ପଥ
ସାହା କେହି ନାହିଁ ରାହା କେହି ନାହିଁ
କେହି ନାହିଁ ମୋର ଧରିବ ହାତ
ବାଟ ଚାଲି ଚାଲି ଥକି ପଡ଼ିଲିଣି
ଥମିଲାଣି ମୋର ପାଦର ଗତି...।

ରାତି ଆଣିଥିଲି ସପନ ଦେଖିବି
ନିଜ ଅଜାଣତେ ଗଲା ସେ ପାହି
ମନ ପାଇଥିଲି ଭାବ ଯୋଡ଼ିବାକୁ
କେହି ଜଣେ ତାକୁ ନେଲା ଚୋରେଇ
ଶେଷ ପାହାଚରେ କରମ ଆଦରି
ହିସାବ କରୁଛି ଲାଭ ଓ କ୍ଷତି...।

+ ଘ. ନଂ ୬/୫୫, ତୁଳସୀପୁର
ଅପରପୋଲିସ କଲୋନୀ, କଟକ-୮
(ମୋ) ୯୪୩୮୬୧୭୩୧୭

## ମାଧୁରୀ ପଣ୍ଡା



### ॥ ଜୀବନ ସଂଗୀତ ॥

ମାଟିକୁ ପ୍ରଥମ ବର୍ଷା ଛୁଏଁ ଯେମିତି
ଆଜି ତୁମେ ଛୁଅଁ
ମୋ ଭିତରେ
ଏବେ ବି ମହକୁଥିବା କୁଆଁରୀପଣ
ଯାହାକୁ କୋଉ ପୁରୁଷ ଏଯାଏଁ
ଛୁଇଁନି କି ଆଲିଙ୍ଗନ କରିନି।

କୋଉ ଦିନରୁ ସେ ଶବ୍ଦ ଖୋଜୁଛି
ଯୋଉଥିରେ ମୁଁ ଛଳଛଳ ଦିଶୁଥିବି,
କୋଉଦିନେ ତ
ତୁମ ଆଖି ଆଇନାରେ ଛିଡ଼ାହେବି
ମୋ ଅସୁନ୍ଦରତାକୁ ଧୋଇ ଦେଇଯିବି।

ତୁମେ ମୋ ହାତ ଧରି ଚାଲ
ମନରୁ ମନାନ୍ତର, ଦୃଶ୍ୟରୁ ଦୃଶ୍ୟାନ୍ତର
ଆମେ ଜୀବନ ସଂଗୀତ ଗାଇ ବୁଲିବା
ପକ୍ଷୀର କୋରସ୍, କୋଇଲିର କୁହୁ
ବଂଶୀତାନ ଶୁଣିବା,
ତୁମେ ଯେଉଁଠି ଛୁଇଁବ
ତାହା ମୋ ନିଟୋଳ ଓଠ ହୋଇଥିବ
ଯେଉଁଠି ପ୍ରେମର ଗୀତ ଶୁଣିବ
ତାହା ମୋର ହିଁ କବିତା ହୋଇଥିବ।

ପବନର ରଙ୍ଗ ଏବେ ଫିକା ଗୋଲାପୀ
ଆଲୋକରୁ ଛୁଟି ଆସୁଛି ସୁଗନ୍ଧ
ସବୁଜ ଶବ୍ଦଙ୍କ ଯେମିତି ମେଳା ବସିଛି
କୋଷାର ଅନ୍ଧାରରୁ ମୁକୁଳି ଉଠୁଛି ପ୍ରଜାପତି
ପଥର ତରଳି ବହିଚାଲିଛି ଦିଗନ୍ତ ମୁହାଁ
ଏମିତି ବେଳେ ଆଉ କି କେହି
ନିଜ ଭିତରେ ରହିପାରେ ?

ତୁମେ ଆଜି ଛୁଅଁ
ଚହଲାଇ ଦିଅ ମୋ' ଭିତରେ
ଶୋଇ ରହିଥିବା ସ୍ୱପ୍ନକୁ
ଉଛୁଳି ଉଠୁ ସେ ଆମାଟି ଆକାଶ
ସବୁ ଝର୍କା ଖୋଲିଯାଉ
ପ୍ରେମ, ମୃତ୍ୟୁ ଯାହା ପାର ନେଇ ଆସ
ଜୀବନ ଯମୁନାରେ କୁଆର ଉଠୁ
କିଛି ତ ଘଟୁ।

+ ବି-୨୮୭, ସେକ୍ଟର-୨, ନାଲକୋ,
ଦାମନଯୋଡ଼ି, କୋରାପୁଟ,
(ମୋ) ୯୯୩୭୨୨୬୮୬୫

ଦର୍ପଣ....
ଆମ ସମୟର



## ସଂଜିତ କୁମାର ବଳ



### ॥ ନିଃଶବ୍ଦ ॥

ଜାଣିଛି, ତମ ପାଖରେ ଅଛି
ଅନେକ ପ୍ରକାରର ଅସ୍ତ୍ର
ଆଉ ତମେ ତାକୁ ଶାଣିତ କରିବାରେ ଲାଗିଛ।
ହେଲେ ନିଜ ସହ ଯେତେବେଳେ
ସାମ୍ନା ସାମ୍ନି ହୋଇଯାଉଛ
ତମକୁ ଆସି ଘେରି ଯାଉଛନ୍ତି
ନିଜର ବିଶ୍ୱସ୍ତତାକୁ ଆଶ୍ରା କରି
ଜୀଇଁଥିବା ନିରୀହ ପ୍ରାଣୀମାନେ
ଯୋଉମାନେ ବର୍ଷ ବର୍ଷ ଧରି ତମ ପାଖରେ
ଠୁଳ କରି ରଖୁଥିଲେ ଅନେକ ବିଶ୍ୱାସ।

ତମେ ଭାବି ଚାଲିଛ ତମ ପାଖରେ
ସାଇତା ଥିବା ଅନେକ ଶବ୍ଦ ଭିତରୁ
କୋଉ ଶବ୍ଦ ଖଞ୍ଜି ମଜଭୁତ କରିଦେବ
ସେଇ ବିଶ୍ୱାସ ଟିକକ
ଯେମିତି ତମ ଚତୁରତା ପୋଛିଦେବ
ସେ ଅସ୍ତ୍ରରେ ଲାଗିଥିବା କଳଙ୍କ !

ସେମାନେ ପଚାରିବାରେ ଲାଗିଥିବେ
କୁହ, ପ୍ରାଣୀମାନଙ୍କୁ ହତ୍ୟା କରିବା ପରେ ବି
ସରିଯାଇଥାଏ କି ତମ ହିଂସ୍ରପଣ
ନା ଲମ୍ବିଥାଏ ତମ ବିଳାସପୂର୍ଣ୍ଣ ଜୀବନ ପର୍ଯ୍ୟନ୍ତ
କାନ୍ଥରେ ଝୁଲାଇ ବାଘ ଓ ହରିଣର ଚମଡ଼ା
ତମେ କ'ଣ ଜଣାଇବାକୁ ଚାହଁ ଯେ
କେତେ ତୀକ୍ଷ୍ଣ ଥିଲା ତମ ନଖ
କେତେ ଶାଣିତ ଥିଲା ତମ ଦାନ୍ତ !
ହେଲେ ତମେ କ'ଣ ଜାଣିଥିଲ
ନିଷ୍ଠୁରତା ପାଖରେ କେମିତି
ନତମସ୍ତକ ହୋଇଥାଏ ନିଃସହାୟତା !

ଜାଣି ପାରିନଥିବ ବୋଲି ତମେ ଭୁଲିଯାଇଥିଲ
ଯେ ବାଘ ବି ସଲାମ୍ କରିପାରେ
ତମପାଇଁ ହାତ ଯୋଡ଼ି କରୁଣା ଭିକ୍ଷା କରିପାରେ
ହରିଣର ତେରଚ୍ଛା ଚାହାଣୀ
ତମ ନିଃସଙ୍ଗତାରେ ଭରିଦେଇପାରେ ଶିହରଣ।
ଭୁଲିଯାଇଥିଲ ବୋଲି ଦିଗ ବଦଳାଇଥିବା ଅସ୍ତ୍ର
ଆଉ ତମେ ନିଜେ ପାଲଟି ଯାଇଥିଲି ବାଘ
ନିରୀହତାର ଇତିହାସରେ
ଲାଗି ଯାଇଥିବା ନିଷ୍ଠୁରତାର ମଲାଟ !
ଶୁଣ,
ତମ ପାଖରେ ଅନେକ ଅସ୍ତ୍ର ଥିଲେ ବି
ଠିକଣା ବେଳେ ତମେ ହୋଇଯିବ ନିରସ୍ତ୍ର,
ଅନେକ ଶବ୍ଦ ଥିଲେ ବି ତମେ ଆଃ ବୋଲି
ଉଚ୍ଚାରଣ କରିବାକୁ ହରାଇଦେବ ସାମର୍ଥ୍ୟ
ଯେତେବେଳେ ହୋଇ ଯାଉଥିବ କ୍ଷତବିକ୍ଷତ,
ସତ୍ୟକୁ ସାମ୍ନା କଲାବେଳେ
ମାଟିରେ ଧସି ଯାଉଥିବ ରଥର ଚକ।
ସେଇଥି ପାଇଁ କହୁଛି କ୍ଷୁଧାର୍ତ୍ତମାନଙ୍କୁ
ଶୀକାର କରିବାକୁ ଖଞ୍ଜି ଦିଅନା ଅସ୍ତ୍ର
ଅସ୍ତ୍ରକୁ ଶାଣିତ କରିବାକୁ ଯାଇ
ମୂକ କରି ଦିଅନା ଶବ୍ଦକୋଷ
କାଳକାଳକୁ ମୂକ ହୋଇଯିବାର
କାରଣ ତ ଆଉ କା'ର ରକ୍ତ ଭିଜା ନିଃଶ୍ୱାସ !

+ ମୂଷାଙ୍କ, କୋହ୍ଲ, ତିହିଡ଼ି,
ଭଦ୍ରକ, ଫୋନ: ୯୨୩୮୫୭୬୫୩୮

## ସସ୍ମିତା ଷଡ଼ଙ୍ଗୀ



### ॥ ତମେ, ମୁଁ ଓ ବର୍ଷା ॥

ତମାମ୍ ରାତି ଭୀଷଣ ବର୍ଷା,
ଭୟାବହ ଝଡ଼, ବିକଟାଳ ଘୂର୍ଣ୍ଣି
ବୁକୁକମ୍ପା ନାଦ, ବାହାରେ ପ୍ରକୃତି ତାଣ୍ଡବ।

କେମିତି ଗୋଟେ ଅସହଜ ଭାବ
ତଥାପି ଭିତରେ...
ବିମୋହିତ ମନ୍ତ୍ରମୁଗ୍ଧତାର କାୟାବିସ୍ତାର
ଗେହ୍ଲ ସୁନାଧନ କୋଳରେ ରହି
କୁନିପୁଅ ସାଜି, ନିର୍ଭୟ ଆଶ୍ରୟେ
ପଣତ ତଳେ ଯେବେ କାହ୍ନା ପାଲଟୁଥିଲ।

ଅଖଣ୍ଡ ନିରବତା ଭାଙ୍ଗି, ଉପସ୍ଥିତି ତୁମ
ଶୂନ୍ୟ କୁଟୀରକୁ କରୁଥିଲା
କୋଳାହଳମୟ, ଦେବମନ୍ଦିର, କ୍ରମଶଃ...
ଗଛେ କଦମ୍ବ ମୁକୁଳିତର ବାସ୍ନା ଚହଟିଗଲା
ବିଭୋର ସ୍ୱପ୍ନରେ (ଗଲା ରାତିରେ)...

ପାଗଳାମି ସାରା ଭୂଗୋଳ ଛୁଇଁଲା
ତମକୁ ଗେହ୍ଲା ଗେହ୍ଲା ବୋକ ଦେଇ
ନାନାବାୟା ଶୁଣାଇବାରେ, ଅଭୟମୁଦ୍ରାରେ...

ତମ କାଚକେନ୍ଦୁ ଆଖିର ନୀଳ ନୀଳିମାରେ
ସ୍ୱଚ୍ଛ କାନ୍‌ଭାସେ ଖୁବ୍ ବିହ୍ୱଳତାରେ
ଧିରେ ଧିରେ ପୃଥିବୀ ପାଲଟୁଥିଲି
ଯେମିତି ସାରା ଦେହେ
ତମ ମଧୁର ରାଗିଣୀର ପ୍ରଗଲ୍‌ଭତା
ସଞ୍ଚରି ଯାଉଥିଲା ବେଳେ,
ତମେ ମୁଁ ଓ ବର୍ଷାର ସଂପର୍କ ଯେ ନିବିଡ଼
ବାରମ୍ବାର ପ୍ରମାଣିତ ହୋଇ ଚାଲିଥିଲେ।

+ଅଧ୍ୟାପିକା, କିଟ୍ ବିଜ୍ଞାନ ମହାବିଦ୍ୟାଳୟ,
ଭୁବନେଶ୍ୱର-୨୪,
ଫୋନ: ୯୮୬୧୦୬୧୩୭୪

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର, ରବିବାର, ୧୯ ସେପ୍ଟେମ୍ବର, ୨୦୨୧



## ■ ଆଲୋଚନା ■



# ସାମ୍ପ୍ରତିକ ସମୟବୋଧ

ଡକ୍ଟର ମନୋରଞ୍ଜନ ବିଷୋୟୀ

ଏକବିଂଶ ଶତକର ବିଶ୍ୱ ସମଗ୍ର ଜଗତ ପାଇଁ ଆଣିଛି ଏକ ଅବିଶ୍ୱାସନୀୟ ପରିବର୍ତ୍ତନ । ଜଗତୀକରଣର ଦୃଷ୍ଟିଭଙ୍ଗୀ ନେଇ ଆଜି ସମଗ୍ର ବିଶ୍ୱ ହୋଇଛି ଗୋଟିଏ ପରିବାର । ବୈଷୟିକ ଜ୍ଞାନର ବିକାଶ ଫଳରେ ପୃଥିବୀର କୋଣ ଅନୁକୋଣରେ ଘଟିଯାଉଥିବା ଘଟଣା ମୁହୂର୍ତ୍ତକ ଭିତରେ ସମଗ୍ର ବିଶ୍ୱକୁ ପ୍ରଭାବିତ କରିଛି । ପୃଥିବୀର ଯେକୌଣସି ଅଞ୍ଚଳରେ ଘଟୁଥିବା ଏକ ଆକସ୍ମିକ ବିପର୍ଯ୍ୟୟ ସମଗ୍ର ବିଶ୍ୱପାଇଁ ଆଣିଛି ସମାନ ଭାବରେ ଦୁଃଖଦ ସ୍ମୃତି । ଏପରିକି ବିଜ୍ଞାନର ଚରମ ଅଭ୍ୟୁଦୟ ଯେତିକି ଆଣିଛି ସମନ୍ୱୟ, ସେତିକି ବି ସୃଷ୍ଟି କରିଛି ବିପର୍ଯ୍ୟୟ । ଯାହାର ଜ୍ୱଳନ୍ତ ଉଦାହରଣ ସଂପ୍ରତି ଦେଖାଦେଇଥିବା ପରିସ୍ଥିତି ।

ପ୍ରକୃତପକ୍ଷେ କହିବାକୁ ଗଲେ ଆଜି ମଣିଷ ମୁହୂର୍ତ୍ତ ସର୍ବସ୍ୱ ମନସ୍ଥିତିକୁ ନେଇ କାଳ ଅତିବାହିତ କରୁଛି । ଅତୀତର ପ୍ରଲମ୍ବିତ ଯୁଗସର୍ବସ୍ୱ ମନୋବୃତ୍ତି ଆଜି ତିରୋହିତ । ଆଜି ମଣିଷ ପରିବର୍ତ୍ତିତ ପରିସ୍ଥିତି ସହ ସାଲିସ୍ କରିବାକୁ ବାଧ୍ୟ । ସାମ୍ପ୍ରତିକ କାଳରେ ଛଳନାମୟ ରାଜନୈତିକ ଯାତ୍ରା, ଫମ୍ପା ମୂଲ୍ୟବୋଧର ଜୟଗାନ, ମାନବୀୟ ଦୃଷ୍ଟିଭଙ୍ଗୀର ଅବମୂଲ୍ୟାୟନ ସହ ସମ୍ପର୍କ ଓ ସଂପ୍ରୀତିର ମୃତ୍ୟୁ ଘଟିଛି । ପ୍ରତିଷ୍ଠା ଓ ସ୍ୱୀକୃତି କାଙ୍ଗାଳ ମଣିଷ ବସ୍ତୁବାଦୀ ଦୃଷ୍ଟିକୋଣର ମୋହରେ ଆତ୍ମମଗ୍ନ ହୋଇଉଠିଛି । ଭୋଗସର୍ବସ୍ୱ ମନୋବୃତ୍ତି ଆଜି ମଣିଷକୁ ମଣିଷ ପାଖରେ ବିଭେଦର ରେଖା ଟାଣି ଠିଆ କରାଇଛି । ସଂପ୍ରତି ଏହି ସମସ୍ୟା କେବଳ ବ୍ୟକ୍ତିର ନୁହେଁ; ଏହା ହେଉଛି ସମୟର । ମଣିଷପଣିଆର ଡୋରି କ୍ରମେ ଶିଥିଳ ହେବାରେ ଲାଗିଛି । ଆଜି ପାରସ୍ପରିକ ସଂପ୍ରୀତି ଓ ସୌହାର୍ଦ୍ଦ୍ୟ ପରାହତ ହୋଇଛି । ଦେଶ ଠାରୁ ଆରମ୍ଭ କରି ବିଦେଶ ସର୍ବତ୍ର ଆଜି ମଣିଷ ଆପଣାର ପ୍ରାପ୍ତି ପାଇଁ; ନିଖିଳ ବିଶ୍ୱକୁ ଉପେକ୍ଷା କରିଚାଲିଛି ।

ଏ ପରିପ୍ରେକ୍ଷୀରେ କହିରଖେ; ବ୍ୟକ୍ତି ଏକ ବୃହତ୍ତର ପରିସରରେ ସଂଚରିତ ହେବାର ଅଭିପ୍ରାୟ ରଖି ସୃଷ୍ଟି କରିଛି ସମାଜ । ବୃହତ୍ତର ମଣିଷର ସ୍ୱାର୍ଥ ସିଦ୍ଧି ଏବଂ କଲ୍ୟାଣ ଉଦ୍ଦେଶ୍ୟରେ ସମାଜର ପରିକଳ୍ପନା । ସମାଜକୁ ଶୃଙ୍ଖଳିତ କରିବା ଏକ ସାମୂହିକ କଲ୍ୟାଣର ପ୍ରତିଫଳନ ମାତ୍ର । ନୀତି, ଆଦର୍ଶ, ଚଳଣି ଓ ବିଶ୍ୱାସ ବଞ୍ଚିବାର ମାର୍ଗ ଉପରେ ପର୍ଯ୍ୟବେସିତ । ସମୟର ଧାରାରେ କିନ୍ତୁ ଆଜି ମୂଲ୍ୟବୋଧ କ୍ରମଶଃ ଏକ କ୍ଷୟିଷ୍ଣୁ ପଥରେ ଗତି କରୁଛି । ଦିନେ ଉପନିଷଦୀୟ ଅଭିବ୍ୟକ୍ତର ମଣିଷ ଥିଲା ଅମୃତର ସନ୍ତାନ । ଏ ବିଶ୍ୱ ଏକ ମହତ୍ କାର୍ଯ୍ୟ ସମ୍ପାଦନ ଦିଗରେ ମଣିଷ ସୃଷ୍ଟିଲାଭ କରିଥିବା ବିଶ୍ୱାସ କରାଯାଏ । ଜୀବନ ବ୍ୟକ୍ତିରୁ ଆରମ୍ଭ ହୋଇ ପରିବାରକୁ ଆଧାର କରି କ୍ରମେ ବୃହତ୍ତର ସମାଜ ଦିଗରେ ପରିବ୍ୟାପ୍ତ ହୋଇଥିଲା । କିନ୍ତୁ ଆଜିର ଏହି ସଂକଟମୟ ବିଶ୍ୱରେ ଜୀବନ ହୋଇଛି ସତତ ବିଦୀର୍ଣ୍ଣ ।

ଏଠାରେ କହିରଖେ; ଭାରତୀୟ ଅନୁଭୂତିରେ ଜୀବନ-ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଏକ ଯାତ୍ରାପଥ ମାତ୍ର ନୁହେଁ । ଧର୍ମ, ଅର୍ଥ, କାମ, ମୋକ୍ଷ ପରି ଚତୁଃବର୍ଗ ପ୍ରାପ୍ତି ହେଉଛି ଜୀବନର ଲକ୍ଷ୍ୟ । ଏକଦା ମନୁଷ୍ୟ ବିଶ୍ୱାସ କରୁଥିଲା, ଏକ ବୃହତ୍ତର ସ୍ୱାର୍ଥ ସିଦ୍ଧି ପାଇଁ ଆତ୍ମ ଉତ୍ସର୍ଗ ହିଁ ହେଉଛି ଏକମାତ୍ର ପନ୍ଥା । ସମଗ୍ର ବସୁଧାକୁ ଏକ କୁଟୁମ୍ବ ଭାବରେ ପରିକଳ୍ପନା କରି ସାମୂହିକ ସ୍ୱାର୍ଥସିଦ୍ଧି ନିମନ୍ତେ ବ୍ୟକ୍ତି ଆପଣାକୁ ଉତ୍ସର୍ଗ କରିଥିଲା । କିନ୍ତୁ ପରିବର୍ତ୍ତିତ ପରିବେଶରେ ପରମ୍ପରା କ୍ରମେ ଗଢ଼ି ଆସୁଥିବା ଏହି ଚିନ୍ତାଧାରାରେ ପରିବର୍ତ୍ତନ ଆଜି ଜୀବନକୁ କରିଛି ବିପର୍ଯ୍ୟସ୍ତ । ଆପଣାର ସ୍ୱାର୍ଥସିଦ୍ଧି ପାଇଁ, ଅହରହ ଚେଷ୍ଟିତ ମଣିଷ ପ୍ରତ୍ୟେକ ମୁହୂର୍ତ୍ତରୁ ସଫଳତା ହିଁ ଖୋଜି ଚାଲିଛି । ପରିଣତି ସ୍ୱରୂପ ନା' ସେ ବ୍ୟକ୍ତିଗତ ଜୀବନରେ ପାଇଛି ପୂର୍ଣ୍ଣତା; ନା ସମୂହରେ ପାଇଛି ସ୍ୱୀକୃତି । ବାସ୍ତବିକ କହିବାକୁ ଗଲେ ସାଂପ୍ରତିକ ମଣିଷ ଆଜି ଦୁଇଟି ପୃଥିବୀର ଅଧିବାସୀ । ଗୋଟିଏ ଦିଗରେ ପରମ୍ପରାର ପୃଥବୀ ତାକୁ ନିତ୍ୟ ପ୍ରତ୍ୟହ ଆନ୍ଦୋଳିତ କଲାବେଳେ, ଅନ୍ୟ ଏକ ପୃଥିବୀ ତାକୁ ପ୍ରତିଷ୍ଠା ଓ ସଫଳତା ଦିଗରେ ଉଚ୍ଚକିତ କରିଛି ।

ପରିଶେଷରେ କେବଳ ଏତିକି କହିବି- ସାଂପ୍ରତିକ ସମାଜରେ ସମସ୍ୟା ବିଜଡ଼ିତ ମଣିଷ ନିଶ୍ଚିତ ଭାବରେ ଏକ ବିଷଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇଛି । କିନ୍ତୁ ଏ ବିଷଣ୍ଣତା, ଏ ଅସହାୟତା; ବ୍ୟକ୍ତିତ୍ୱର ପରାଜୟ ନୁହେଁ । ଭାରତୀୟ ପରମ୍ପରା ଯୁଗେ ଯୁଗେ ଦସ୍ୟୁ ରତ୍ନାକରରୁ ବାଲ୍ମୀକିରେ ରୂପାନ୍ତରଣ ପ୍ରକ୍ରିୟା ପାଇଁ ପଥ ଉନ୍ମୋଚନ କରିଥାଏ । ସେହି ଧାରାରେ ସମାଜର ପୁନଃଗଠନ ଓ ନୈତିକ ଉତ୍ତରଣ ନିମନ୍ତେ ସାମୂହିକ ଉଦ୍ୟମର ଆବଶ୍ୟକତା ରହିଅଛି ।

+ ସ୍ନାତକୋତ୍ତର ଓଡ଼ିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର-୭୬୦୦୦୭
ସଂପର୍କ: ୮୮୯୫୧୪୧୭୨୭

## ଧାରାବାହିକ ଉପନ୍ୟାସ

# ରାଜନୀତି

ଭାଗ-୫
(ପୂର୍ବ ପ୍ରକାଶିତ ଉତ୍ତାରୁ..)

ସୃଷ୍ଟିଧର ପରିଡା
ଦେବଶ୍ରୁତି ନିବାସ, ଜେଲରୋଡ, ବାଲେଶ୍ୱର, (ମୋ)୯୪୩୭୦୬୩୭୦୫



**ରାଜନୀତି ପାଇଁ ମଣିଷ କେମିତି ତୁଚ୍ଛ କରିଦିଏ ନିଜ ଘର, ଦ୍ୱାର, ଆତ୍ମୀୟ-ସ୍ୱଜନ, ବଂଧୁ ପରିଜନଙ୍କୁ, ତାହାହିଁ ମୋତେ ଅନେକାଂଶରେ ବିବ୍ରତ କରେ, ଯାହାକୁ ନେଇ ଏଇ ଉପନ୍ୟାସର ସୃଜନ । ଲେଖକଟିଏ ନିଜ ଭିତରେ ଆଶାବାଦର ସ୍ୱପ୍ନଦେଖେ, ପୂରଣ ନହେଲେ ନିରାଶାରେ ବୁଡିଯାଏ ଏବଂ ସେଥିରେ ତା' ସ୍ୱପ୍ନ ଭାଂଗିଯାଏ ଏବଂ ସେ ସେସବୁକୁ ଗୋଟେଇଗାଟେଇ ନିଜ ଲେଖାରେ ଚିତ୍ରରୂପ ଦିଏ, ଏହା ମୋର ବି ପ୍ରୟାସ । - ଲେଖକ**

ଆସନ୍ତା ନିର୍ବାଚନ ବୈତରଣୀକୁ ପାରି ହେବା ପାଇଁ ଓଁକାରନାଥ ଏକ ଅମୋଘ ଅସ୍ତ୍ର ପ୍ରମାଣିତ ହେବେ, ଯାହାକୁ ବ୍ୟବହାର କରି ନିଜର ରାଜନୈତିକ ଭବିଷ୍ୟତକୁ ସୁଦୃଢ଼ କରିବା ପାଇଁ ଅତି ଚତୁରତାର ସହ ଗୋଟି ଚଳାଇଥିଲେ ବିଜୟାନନ୍ଦ ବାବୁ । ସେ ଭଲଭାବେ ଜାଣିଥିଲେ ନିର୍ବାଚନରେ ଜିତିବା ପାଇଁ ଓଁକାରନାଥ ହେଉଛନ୍ତି ଏକ ଟ୍ରମ୍ପକାର୍ଡ । ତାଙ୍କ ମାଧ୍ୟମରେ ଭୋଟରଙ୍କୁ ଆୟତ୍ତ କରିବା ସହଜ ।

ଓଁକାରନାଥ ବି ରାଜନୀତିର ପ୍ରଥମ ସୋପାନକୁ ବେଶ୍ ସ୍ୱଚ୍ଛନ୍ଦରେ ଅତିକ୍ରମ କରି ଯାଇଥିଲେ । ଧୀର ପାଣି ପଥର କାଟିଲା ପରି ରାଜନୀତିରେ ବିକଶିତ ହେବାରେ ଲାଗିଲା ତାଙ୍କ ପ୍ରତିଭା ଓ ବ୍ୟକ୍ତିତ୍ୱ । ରାଜନୀତିରେ ପ୍ରତିଷ୍ଠା ତାଙ୍କ ପାଖକୁ ଆସୁଥିଲା ବେଶ୍ ସାବଲୀଳ ଭାବରେ । ଗାଁଠାରୁ ସହର ପର୍ଯ୍ୟନ୍ତ ସମସ୍ତେ ଭଲ ପାଉଥିଲେ ଓଁକାରନାଥଙ୍କୁ।

ଲୋକଙ୍କ ପ୍ରତି ମଧ ତାଙ୍କର ଦାୟିତ୍ୱ ବଢ଼ି ଚାଲିଥିଲା । ଯାହା ପାଇଁ ଯାହା ସାହାଯ୍ୟ କରିହେବ, ତାହା କରୁଥିଲେ ଓଁକାରନାଥ । ରାଜନୀତି ଆକାଶରେ ଧ୍ରୁବତାରା ପରି କ୍ରମଶଃ ଉଜ୍ଜ୍ୱଳ ଦିଶୁଥିଲେ ଓଁକାରନାଥ ।

କିନ୍ତୁ ତାଙ୍କ ଜୀବନର ଗୋଟିଏ ଅବଶୋଷ ହିଁ ତାଙ୍କୁ ବିଚଳିତ କରୁଥିଲା। ତାହା ଥିଲା ମୌସୁମୀଙ୍କର ରାଜନୀତି ପ୍ରତି ଘୃଣାଭାବ। ବାଧ୍ୟ ବାଧକତାରେ ରାଜନୀତି ପ୍ରତି ସ୍ୱୀକୃତି ଦେଇଥିଲେ ବି ରାଜନୀତି, ରାଜନେତା ଓ ତାଙ୍କର ରାଜନୀତି ଜନିତ କାର୍ଯ୍ୟକଳାପକୁ ଅକୁଣ୍ଠ ଘୃଣା କରୁଥିଲେ ସେ । ଯାହା ତାଙ୍କ ଦୃଷ୍ଟିରୁ ବାଦ୍ ଯାଉନଥିଲା । ଏବେ ସୁଦ୍ଧା ରାଜନୀତିକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ଭିତରେ ସୃଷ୍ଟି ହେଉଥିଲା ମତାନ୍ତର । ରାଜନୀତିକୁ ଘର ଦୁଆର ବନ୍ଧର ସେପଟରେ ରଖିବା ପାଇଁ ଥିଲା ମୌସୁମୀଙ୍କର କଡା ନିର୍ଦ୍ଦେଶ । ନିଜକୁ କେବେବି ସାମିଲ କରିପାରୁନଥିଲେ ଓଁକାରନାଥଙ୍କ ରାଜନୀତି ସହିତ । ଅନେକବାର ବିଜୟାନନ୍ଦ ବାବୁଙ୍କ ସହ ତାଙ୍କର ସୁସମ୍ପର୍କକୁ ନେଇ ମୌସୁମୀ କହୁଥିଲେ - ରାଜନୀତିର ଉଠାପକା ଖେଳ ଭିତରେ ବିଜୟାନନ୍ଦ ବାବୁ ଜଣେ ପକ୍କା ଖେଳାଳି । ତାଙ୍କର ପ୍ରତିଟି କଥା, ଆଖିର ଚାହାଣୀରେ ପୂରି ରହିଛି ସ୍ୱାର୍ଥ । ଯେଉଁ କାମରେ ସ୍ୱାର୍ଥ କି ଫାଇଦା ନଥାଏ ସେଥିରେ ସେ ହାତ ମାରନ୍ତି ନାହିଁ । ତାଙ୍କ ପାଇଁ ନୀତି ଅନୀତି, ନ୍ୟାୟ ଅନ୍ୟାୟ ସବୁ ସମାନ । ରାଜନୀତି ଓ କ୍ଷମତା ପାଇଁ ଦରକାର ପଡ଼ିଲେ ସେ ଯେକୌଣସି ସ୍ତରକୁ ଯାଇପାରିବେ । ତମେ ତାଙ୍କ ଆଖିକୁ ଥରେ ଭଲ କରି ଦେଖ । ଯେତେ ଅଭିନୟ କଲେ ବି ତାଙ୍କ ଚାହାଣୀରେ ଭରି ରହିଛି ଖଳନାୟକର ଝଲକ । ଅଭିନୟ କରି ନିମିଷକ ମଧ୍ୟରେ ସମସ୍ତଙ୍କର ମନକୁ ମୋହି ନିଅନ୍ତି ସିନା, ସ୍ୱାର୍ଥ ହାସଲ ପରେ ଯେଉଁମାନଙ୍କୁ ମୁଣ୍ଡରେ ବସାଇଥାନ୍ତି ପୁଣି ସେଇମାନଙ୍କୁ ଫିଙ୍ଗି ଦେଇଥିବେ ଡଷ୍ଟବିନ ଭିତରକୁ । ବିଜୟାନନ୍ଦ ବାବୁ ଗୋଟିଏ ବିଷଧର ସାପ । କେତେବେଳେ କାହାକୁ କେମିତି ଦଂଶନ କରନ୍ତି ଦଂଶିତ ହୋଇଥିବା ଲୋକ ବି ଜାଣି ପାରନ୍ତି ନାହିଁ । ସେ ଗୋଟିଏ ବିଷଫଳ । କେହି ତାଙ୍କୁ ହଜମ କରିପାରିବେ ନାହିଁ । ତୁମେ ତାଙ୍କୁ ଜମ୍ମାରୁ ବିଶ୍ୱାସ କରନାହିଁ ଓମ୍ । ବିଜୟାନନ୍ଦ ବାବୁଙ୍କ ଭଳିଆ ଲୋକ କେବେ କାହାର ଭାଗ୍ୟକୁ ତିଆରି କରି ପାରନ୍ତି ନାହିଁ । ମଣିଷର ଭାଗ୍ୟ ଭଗବାନ ତିଆରି କରନ୍ତି । ଆମ ଭଳି ଗରିବ ଲୋକଙ୍କର ଧନ କି ମାନ ନଥିଲେ କଣ ହେବ, ଅନ୍ତର ଭିତରେ ଯେତିକି ସ୍ନେହ ଶ୍ରଦ୍ଧା ଅଛି, ତାଙ୍କ ଭଳି କପଟ ଛଳନାକାରୀ ଲୋକଙ୍କ ଭିତରେ ସେତକ ମଧ ନାହିଁ । ଧନ,ସମ୍ପତ୍ତି ଓ କ୍ଷମତା ମଣିଷକୁ ବଡ଼ କରେ ନାହିଁ, ମଣିଷକୁ ବଡ଼ କରିଥାଏ ତା'ର ଆତ୍ମସମ୍ମାନ । ସେତିକି ମାତ୍ର ଆମର ପୁଞ୍ଜି ।

ମୌସୁମୀର ପାଟିରେ ହାତଦିଅନ୍ତି ଓଁକାରନାଥ ।

ଏମିତି ଚରିତ୍ର ହିଁ ମୌସୁମୀର । କହିବନି ତ କିଛି କହିବନି, କିନ୍ତୁ ଆରମ୍ଭ କଲାମାତ୍ରେ ବନ୍ଦ ହେବାର ନାଁ ଧରିବନି ।

ଓମ୍ କହିଲେ, ନୀଳ ଚଷମା ପିନ୍ଧିଲେ ସାରା ଦୁନିଆ ନୀଳ ଦିଶେ ସୁମୀ । ତମେ ଥରେ ପରିଷ୍କାର ମନରେ ବିଜୟାନନ୍ଦ ବାବୁଙ୍କୁ ଦେଖ । ଦେଖିବ ମୋରି ପରି ତମ ମନରୁ ବି ସନ୍ଦେହ ଅପସରି ଯିବ । ବିଜୟାନନ୍ଦ ବାବୁ କଣ ଏକା ରାଜନୀତି କରି ଜାଣନ୍ତି ? ଆମେ ବି ରାଜନୀତି କରିବାକୁ ଓହ୍ଲେଇଛୁ ମଇଦାନକୁ । ଏମିତି ମିଛ ସନ୍ଦେହର ଧୂଆଁରେ ତମେ ନିଜେ ଆଉ ପଥଭ୍ରଷ୍ଟ ହୁଅନା କି ମୋତେ ପଥହରା କରିବାକୁ ଚେଷ୍ଟା କରନା । ମୁଁ ମଣିଷ ଚିହ୍ନି ଜାଣେ । ତୁମେ ନିଶ୍ଚିନ୍ତ ରୁହ । ଅନ୍ତତଃ ତୁମ ସ୍ୱାମୀ ଉପରେ ତୁମେ ଏତିକି ଭରସା ରଖ !

ଧୀରେ ଧୀରେ ଓଁକାରନାଥଙ୍କ ପ୍ରତି ଜନସମର୍ଥନ ଓ ଲୋକପ୍ରିୟତାକୁ ଦେଖି ମୌସୁମୀର ମନ ବି ବଦଳିବାରେ ଲାଗିଥିଲା। ତାଙ୍କ ସ୍ୱାମୀଙ୍କୁ ଯେ ହଜାର ହଜାର ଜନତା ବିନା ସ୍ୱାର୍ଥରେ ଅନାବିଳ ଭାବେ ଭଲ ପାଉଛନ୍ତି ସେଥିରେ ସେ ଖୁସି ହେଉଥିଲେ। ପ୍ରତିକଥାରେ ବିରୋଧ କରୁଥିବା ସ୍ତ୍ରୀ ଏଣିକି ଅନୁଗତା । ଆଗରୁ ଖାଲି ପତିବ୍ରତା ଥିବା ମୌସୁମୀ ଏଣିକି ସ୍ୱାମୀ ଅନୁଗାମିନୀ । ଘରେ ହସଖୁସିର ସଂସାର । ଗାଁ ଠୁ ସହର ପର୍ଯ୍ୟନ୍ତ ଫରଫର ହୋଇ ଉଡୁଛି ଓଁକାରନାଥଙ୍କ ଲୋକପ୍ରିୟତାର ବାନା ।

ଓଁକାରନାଥଙ୍କ ପ୍ରତିଷ୍ଠା କେବଳ ରାଜନୀତିରେ ବଢୁନଥିଲା ବରଂ ବିଜୟାନନ୍ଦ ବାବୁଙ୍କ ସହ ତାଙ୍କ ସମ୍ପର୍କ ନିବିଡ ହେବାରେ ଲାଗୁଥିଲା । ସମୟର ବୟସ ଯେତେ ବଢୁଥିଲା, ଉଭୟଙ୍କର ରାଜନୈତିକ ସମ୍ପର୍କ ସେତେ ଗଭୀର ହେବାକୁ ଲାଗୁଥିଲା । ବିଜୟାନନ୍ଦ ବାବୁ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ, ଓଁକାରନାଥଙ୍କ ନିଷ୍ପତ୍ତି ଓ ପରାମର୍ଶକୁ ଗ୍ରହଣ ମଧ କରୁଥିଲେ । ଏବେ ସମ୍ପର୍କ କେବଳ ରାଜନୀତି କ୍ଷେତ୍ରରେ ନୁହେଁ ବରଂ ଉଭୟଙ୍କ ମଧ୍ୟରେ ପାରିବାରିକ ସମ୍ପର୍କ ଗଢ଼ି ଉଠିଲାଣି, ସନ୍ତର୍ପଣରେ । ଅନେକ ସମୟରେ ବିଜୟାନନ୍ଦ ବାବୁ ନିର୍ବାଚନ ମଣ୍ଡଳୀକୁ ଭିଜିଟ୍‌ରେ ଆସିଥିବା ବେଳେ ଓଁକାରନାଥଙ୍କ ଘରକୁ ଚାଲି ଆସନ୍ତି । ସେଠାରେ ଜଳଖିଆ କିୟା କେବେ ମଧ୍ୟାହ୍ନ ଭୋଜନ କରନ୍ତି । ଏପରିକି ଦିନେ ଦିନେ ରାତିରେ ମଧ ଓଁକାରନାଥଙ୍କ ଘରେ ଅତିଥି ହୋଇ ରହିଯାନ୍ତି ସେ ।

ପ୍ରଥମେ ପ୍ରଥମେ ବେଶ୍ ଆଗ୍ରହରେ ଏସବୁ କରୁଥିବା ମୌସୁମୀକୁ ଏବେ ଏବେ କିନ୍ତୁ କେମିତି ଅସ୍ୱାଭାବିକ ଲାଗେ । ବିଜୟାନନ୍ଦଙ୍କର ତାଙ୍କ ଘରେ ରାତି ରହଣି ମୌସୁମୀକୁ ଆଦୌ ଭଲ ଲାଗେନା । ତାଙ୍କୁ ଆତିଥ୍ୟ ଦେବାରେ ନିଜର ସବୁ ଆଗ୍ରହ ବ୍ୟୟ କରୁଥିବା ଓଁକାରନାଥ ସମୟ ପାଆନ୍ତି ନାହିଁ ଚାହିଁବାକୁ ମୌସୁମୀର ମୁହଁକୁ । ଚାହିଁଲେ ଅନ୍ତତଃ ସେତକ ତାଙ୍କ ଆଖିରୁ ବାଦ୍ ଯାଆନ୍ତା ନାହିଁ । କାରଣ କେହି ଜାଣୁ ବା ନଜାଣୁ ନାରୀ ହିଁ ବୁଝେ ପୁରୁଷ ଆଖିର ଭାଷା । ବିଜୟାନନ୍ଦଙ୍କ ଆଖିର ଚାହାଣିରେ କେମିତି ଏକ ଗୋପନ କାମନା ସେ ଅନୁଭବ କରେ । ଏକଥା ଓଁକାରନାଥଙ୍କୁ କହିବାକୁ ଚାହିଁଲେ ବି କହିପାରେନା ମୌସୁମୀ । ଭାବେ ତା' ଅସନ୍ତୋଷକୁ ନିଜେ ବୁଝନ୍ତା ଓମ୍ । କିନ୍ତୁ ସମାଜରେ ଗଢିଉଠୁଥିବା ପ୍ରତିଷ୍ଠାର ସମ୍ମୋହନରେ ସେ ଯେ ସମ୍ମୋହିତ ! ସେତେବେଳେ ସେ କୋଉଠୁ ପଢିପାରିବ ତା ସ୍ତ୍ରୀ ଭିତରେ ଗଢିଉଠୁଥିବା ଦ୍ୱନ୍ଦ୍ୱକୁ !

ସମୟ ବିତିଯାଉଥିବା ବେଳେ ଆସି ପହଞ୍ଚିଥିଲା ପଞ୍ଚାୟତ ନିର୍ବାଚନ । ପଞ୍ଚାୟତ ନିର୍ବାଚନ ପାଇଁ ଉଭୟ ଶାସକ ଓ ବିରୋଧୀ ଦଳ ସଜବାଜ ହେଉଥିଲେ। ନିର୍ବାଚନର ପ୍ରାକ୍ ପ୍ରସ୍ତୁତି ପାଇଁ ମନ୍ତ୍ରୀ ବିଜୟାନନ୍ଦ ବାବୁ ସ୍ୱୟଂ ଆସି ପହଁଞ୍ଚିଥିଲେ ଓଁକାରନାଥଙ୍କ ଘରେ। ଓଁକାରନାଥ ଘରେ ନଥିଲେ । ଦଳୀୟ କାମରେ ଥିଲେ ବାହାରେ । ତାଙ୍କ ଅନୁପସ୍ଥିତିରେ ବିଜୟାନନ୍ଦ ବାବୁଙ୍କୁ ସସମ୍ମାନେ ପାଛୋଟି ନେଇ ଘରେ ବସାଇଥିଲେ ମୌସୁମୀ । ଚା' ପାନରେ ଆପ୍ୟାୟିତ କରିଥିଲେ । ଏହି ସ୍ୱଳ୍ପ ସମୟ ଆତିଥ୍ୟ ଦେବାର ସମୟ ମଧ୍ୟରେ ମୌସୁମୀ ଅନୁଭବ କରିଥିଲା ବିଜୟାନନ୍ଦ ବାବୁଙ୍କର ଶାଣିତ କଟାକ୍ଷ ଚାହାଣୀକୁ । ବିଜୟାନନ୍ଦ ବାବୁଙ୍କ ଆଖି ଦୁଇଟି ଯେପରି ଖୋଜି ବୁଲୁଛି ଅନ୍ୟ କିଛି । କଥା କହୁକହୁ ତାଙ୍କ ଦୃଷ୍ଟି ସ୍ଥିର ହୋଇଯାଉଥିଲା ମୌସୁମୀଙ୍କ ଦୁଇ ଆଖି ଉପରେ । ସେ ଚାହାଣୀରେ ଯେମିତି ଗୋଟେ ଅଭିଭୂତ ହେବାର ଦୃଷ୍ଟି । ତାଙ୍କ ଭିତରେ ଯେମିତି କୋଉଠି ଗୋଟେ ତରଙ୍ଗ ଉଠୁଛି ! ମୌସୁମୀର ଯୌବନ ଓ ରୂପ ଯେମିତି ଚିଆଇଁ ଦେଉଛି ତାଙ୍କ ଭିତରର ଅଜଗରକୁ ! କାମନା ଓ ତୃଷ୍ଣାର ନଦୀଟିଏ ଯେମିତି ମୌସୁମୀ!

ବିଜୟାନନ୍ଦଙ୍କ ଆଖିର ଚାହାଣୀ ମୌସୁମୀ ପାଇଁ ଥିଲା ଖୁବ୍ ଅଶ୍ୱସ୍ତିକର । ତାକୁ ଲାଗୁଥିଲା ସେ ଚାହାଣୀରେ ସେ ଯେମିତି ବିବସ୍ତ୍ର ହୋଇଯାଉଛି ! ବିଜୟାନନ୍ଦଙ୍କ ଚାହାଣୀ ଭିତରେ ଯେମତି ଜିହ୍ୱା ଲହଲହ କରୁଛି ଗୋଟେ ପୁରୁଷ, ଆଉ ସେଇ ଚାହାଣୀରେ ହିଁ ମାଟିରେ ମିଶିଯାଉଛି ତାର ନାରୀତ୍ୱ ।

ଇଚ୍ଛା ନଥିଲେ ବି ପରିସ୍ଥିତି ଓ ପରିବେଶକୁ ହାଲ୍କା ଭାବେ ନେଇଥିଲା ମୌସୁମୀ । ମନେମନେ ଭାବିଥିଲା ବିଜୟାନନ୍ଦ ତାଙ୍କର ଅତିଥି ଆଉ ଅତିଥି ଭଗବାନଙ୍କ ସହ ସମାନ। ବିଜୟାନନ୍ଦ ପୁଣି ହେଉଛନ୍ତି ତାଙ୍କ ଜିଲ୍ଲାର ଏକମାତ୍ର ମନ୍ତ୍ରୀ ଏବଂ ଓଁକାରନାଥଙ୍କର ଅନ୍ତରଙ୍ଗ। ତାଙ୍କ ଚର୍ଚ୍ଚାରେ ଅବହେଳା ହେଲେ ତାଙ୍କୁ କ୍ଷମା କରିବେନାହିଁ ଓମ୍ । ଚାହାଣୀର ଅର୍ଥ ବୁଝି ନବୁଝି ପାରିବାର ଅଭିନୟ ଭିତରେ ଆନ୍ତରିକତାକୁ ପରଶୁଥିଲେ ମୌସୁମୀ । ହସିହସି ଏଡେଇଯାଉଥିଲେ ତାଙ୍କ ଆଖିର ନିର୍ଲଜ ଆମନ୍ତ୍ରଣକୁ । ଚର୍ଚ୍ଚା କରୁଥିଲେ ଜଣେ ବନ୍ଧୁ ନୁହେଁ, ଆତ୍ମୀୟଙ୍କ ପରି । ଶ୍ୱଶୁରଙ୍କୁ ଆଣି ବସେଇ ଦେଇଥିଲେ ବିଜୟାନନ୍ଦଙ୍କ ପାଖରେ। କେଦାରନାଥ ଜଗି ରହିଥିଲା ଅନୁଜ ଲକ୍ଷ୍ମଣ ପରି ପାଖେ ପାଖେ । ମୌସୁମୀ ନିଜେ ବଳେଇ ବଳେଇ ପରଶି ଦେଉଥିଲା ହାତରେ ତିଆରି କରିଥିବା ପୁରୀ, ତରକାରୀ ଆଉ ମିଠାକୁ ।

ବେଶ୍ ବିଳମ୍ବରେ ପହଞ୍ଚିଥିଲେ ଓଁକାରନାଥ। ବିଜୟାନନ୍ଦଙ୍କୁ ଘରେ ଦେଖି ଆଶ୍ଚର୍ଯ୍ୟ ଚକିତ ହୋଇଯାଇଥିଲେ । ବିନା କୌଣସି ସୂଚନାରେ ତାଙ୍କ ଘରେ ? କୌଣସି ପ୍ରଶ୍ନ କରିବା ଆଗରୁ ବିଜୟାନନ୍ଦ କହିଥିଲେ, ଆସନ୍ତା ପଞ୍ଚାୟତ ନିର୍ବାଚନକୁ କିପରି ଶୃଙ୍ଖଳିତ ଭାବେ ପରିଚାଳନା କରାଯିବ ଆଉ ସେ ସମ୍ପର୍କରେ ତୁମେ କେତେବାଟ ଆଗେଇଛ ସେତକ ଆଲୋଚନା କରିବା ପାଇଁ ମୋର ଏ ଉପସ୍ଥିତି। ତୁମେ ହେଉଛ ପ୍ରଥମ ବ୍ୟକ୍ତି ଯାହା ସହିତ ଏହି ନିର୍ବାଚନ ସମ୍ପର୍କରେ ଆଲୋଚନା କରିବା ପାଇଁ ମୁଁ ନିଷ୍ପତ୍ତି ନେଇଛି । ମୁଁ ଭାବୁଛି ଆମ ନିର୍ବାଚନ ମଣ୍ଡଳୀର ସବୁ ପଞ୍ଚାୟତର ଦାୟିତ୍ୱ ତୁମକୁ ନେବାକୁ ହେବ । ମୋର ବିଶ୍ୱାସ ତୁମେ ବେଶ୍ ବିଶ୍ୱସ୍ତତାର ସହ ସେସବୁକୁ ପରିଚାଳନା କରି ପାରିବ ।

ବିଚାର ବିମର୍ଷ କରିବାର ଅବକାଶ ନାହିଁ । ଏତେ ଶୀଘ୍ର ନିଷ୍ପତ୍ତି ନେବାର ଦାୟିତ୍ୱବୋଧତାକୁ ଅଗ୍ରାହ୍ୟ କରିବାପାଇଁ ମୌସୁମୀର ଇସାରାକୁ ଆଡେଇଗଲେ ଓଁକାରନାଥ । (କ୍ରମଶଃ)

## ■ ଗୋଟେ ବଡ ଗଳ୍ପ ■

# ସ୍ୱପ୍ନନୀଡ଼

ପ୍ରବୀଣ କୁମାର କବି



ସଂଜବେଳୁ ମୁନା ସାହୁ ଦୋକାନରୁ ତିନିଥର ଫେରିଲାଣି ଚଇନି, ଏଇ ଥରକୁ ମିଶେଇଲେ ଚାରିଥର ହେବ। ଅନ୍ଧାର ରାତି, ଏଣେ ପୁଣି ତା ଆଖିକୁ ଭଲକରି ଦିଶୁନି, ତଥାପିବି ପାଦ ଗଣିଗଣି ଦୋକାନରେ ପହଞ୍ଚିଲା ଚଇନି।ସନ୍ଧ୍ୟା ଆଠ ଟା ପାଖାପାଖି ହେବ। ସେତେବେଳକୁ ମୁନା ସାହୁ ସୋଉଦା ଦେବାରେ ପୁରା ବ୍ୟସ୍ତ ଥାଏ, କାରଣ, ସଞ୍ଜବେଳେ ହିଁ ତା ଦୋକାନରେ ବେଶୀ ଭିଡ଼ ହୁଏ ଆଉ ପୁଣି ଆଖ ପାଖରେ ଭେରାଇଟି ଷ୍ଟୋର କହିଲେ ତ ସେଇ ଗୋଟିକ, ତେଣୁ ଭିଡ଼ ହେବା ସ୍ୱାଭାବିକ୍। ଚଇନି ମୁହଁରୁ ଝାଳ ତକ ପୋଛି ପାଖରେ ପଡିଥିବା କାଠ ବେଞ୍ଚରେ ବସିଲା ଆଉ ଅପେକ୍ଷା କଲା କେତେବେଳେ ଦୋକାନ ଟିକେ ଫାଙ୍କା ହବ ଆଉ ସେ ମୁନାକୁ କହି ପୁଅ ପାଖକୁ ଫୋନ୍ ଟା ଲଗେଇବ। କିଛି ସମୟ ଭିତରେ ଦୋକାନ ଟିକେ ଫାଙ୍କା ହେଲା। ଥରଥର କଣ୍ଠରେ ଚଇନି କହିଲା - ସାହୁ ପୁଅ, ଆଉ ଥରେ ବିନ ଟାକୁ ଲଗାଅ, ଏଥର ନଲାଗିଲେ ଆଉ ଆସିବିନି। ପିଲାଲୋକ ତ କାଳେ ମୋବାଇଲ୍ ଟାକୁ ରଖିଦେଇ କୁଆଡେ ଚାଲିଯାଇଥିବ। ମୁନା ସାହୁ ପ୍ରଥମେ ଟିକେ ବିରକ୍ତି ଭାବ ପ୍ରକାଶ କଲା, ତାପରେ ବିନକୁ ଫୋନ୍ ଲଗେଇଲା।

ଚଇନି ଇଆଡ଼େ ଠାକୁରାଣୀ ଙ୍କୁ ମନେମନେ କେତେ କଣ ମନାସି ଡାକୁଥାଏ ଯେମିତି ବିନର ଫୋନ୍‌ଟା ଲାଗିଯାଉ, ସଂଜବେଳୁ କେତେଥର ଫୋନ୍ ଲଗେଇଲାଣି ସେ, ସବୁ ଥର ଫୋନ୍ ବନ୍ଦ । ଯାହା ହେଉ ସେଇଆ ହେଲା। ଠାକୁରାଣୀ ତା ଡ଼ାକ ଶୁଣିଲେ ହେଲେ ବିନ ଶୁଣିଲାନି। ଫୋନ୍ ତ ଲାଗିଲା ହେଲେ ବିନ ଫୋନ୍ ଉଠେଇଲାନି । ମୁନା ସାହୁ ଆଉ ଦୁଇ ତିନି ଥର ରିଂ କଲା ତଥାପି ସେ ଫୋନ ଉଠେଇଲାନି। ମୁନା ସାହୁ ଶେଷରେ ବିରକ୍ତ ହେଇ କହିଲା ନା, ସେ ଉଠାଉନି ରେ ଚଇନି , ତୁ ଯା। ମତେ ଆଉ ହଇରାଣ କରନି।

ମନରେ ଅନେକ ପ୍ରଶ୍ନବାଚୀ ସହ ଘରକୁ ଫେରୁଥିଲା ଚଇନି, ଆଖି-ଛାତି ତାର ପୁରା ଓଦା। ମନ ଭାରି ଭାରି, ପାଦରେ ଚାଲିବାକୁ କାଣିଚାଏ ବି ଶକ୍ତି ନାହିଁ। କଣ କରିବ ସେ ! ରାତି ପାହିଲେ ପଞ୍ଚୁଆ ମିସ୍ତ୍ରୀ ତା ଭାଡି କାଢ଼ିନେବ, ତାର ଗୋଟେ ବର୍ଷର ସମ୍ପୂର୍ଣ୍ଣ ସାଧନ ପାଣିରେ ପଡ଼ିବ। ହୋଉ, ଯାଉ। ମନକୁ ବୁଝେଇଲା ଚଇନି। ଆରବର୍ଷ ସେ ଝାଳ ନିଗାଡି ପୁଣି ଫସଲ କରିବ, ଆଉ ପଇସା ଏକଜୁଟ କରିବ ଛାତ ପାଇଁ। ହେଲେ, ଛାତ ପକେଇବା ପୂର୍ବରୁ ଭାଡି କାଢ଼ିନେଲେ ଲୋକ କଣ୍ ଭାବିବେ ! ଗାଁଲୋକ ଟାହି ଟାପରା କରିବେ, ସାହି-ଭାଇ ହସିବେ, ଏସବୁ ସେ ସହିପାରିବ ତ ? ହଁ କାହିଁକି ପାରିବନି, ସେମାନେ ହସିଲେ ତାର ଯାଆସ କଣ୍ ! ହସନ୍ତୁ । ତା ଚୁଲି ଚାଳ ତାକୁ ସୁନ୍ଦର, ମନେମନେ ଏତିକି କହି ସେ ଜୋରେ ପାଦ ପକେଇଲା ଘର ଅଭିମୁଖେ। ହେଲେ କିଛି ବାଟ ଗଲା ପରେ ତାର ହଠାତ୍ ମନେ ପଡ଼ିଲା ଯେ ଆଉ ମାସ ଟାଏ ଗଲେ ପାର୍ବଣ ମାସ , ବାତ୍ୟା ଆସିବା ଥୟ। ଖାଲି ଏଥର ନୁହଁ ସମୁଦ୍ର କୁଳ ଅଞ୍ଚଳ ବୋଲି ପ୍ରାୟ ପ୍ରତି ବର୍ଷ ତା ଗାଁକୁ ବାତ୍ୟା ଆସେ। ପ୍ରତିଥର ମାଟି ଛପରରେ ରହୁଥିବା ଲୋକମାନଙ୍କୁ ବାତ୍ୟା ପୂର୍ବରୁ ସୁରକ୍ଷିତ ଯାଗାକୁ ଯିବାକୁ ପଡ଼େ। ହେଲେ ଏଥର କଣ୍ ସେ ପୂର୍ବପରି ଆଉ ବାତ୍ୟା ପୂର୍ବରୁ, ଜିନିଷ ପତ୍ର, ଗାଈ ଗୋରୁଙ୍କୁ ଧରି ଆଶ୍ରୟ ସ୍ଥଳକୁ ଯାଇପାରିବ ! ନା, ତା ଦେହରେ ଏବେ ନା ଆଗଭଳି ବଳ ଅଛି ନା ଆଖିରେ ଅଛି ଜ୍ୟୋତି। ଗତବର୍ଷ ବାତ୍ୟା ସମୟରେ ସେ କମ୍ ହୀନସ୍ଥା ହେଇନି। ଏଥର ତ ତା ପାଇଁ ଆହୁରି ସଙ୍କଟ। ଏବେ ସମୟ ସହ ତାଳ ଦେଇ ଧିରେଧିରେ ଦୁର୍ବଳ ହୋଇଗଲେଣି ତା' ସ୍ନାୟୁଗଣ। ହାତ ଗୋଡରେ ଆଗଭଳି ବଳ ନାହିଁ , ସଂଜହେଲେ ଆଖିକୁ ଦିଶୁନି, ଆଉ ତା ଉପରେ ପୁଣି ବିନବୋଉର ଭଙ୍ଗାଗୋଡ। ଡାକ୍ତର ଦୁଇ ତିନି ମାସ ଖଟରୁ ଓହ୍ଲାଇବାକୁ ବି ମନା କରିଛନ୍ତି। ସେ କଣ ଆଉ ଚାଲି ଚାଲି ଆଶ୍ରୟ ସ୍ଥଳ ଯାଏ ଯାଇପାରିବ ! ଏତିକି ଭାବିବା କ୍ଷଣି ତା ମୁଣ୍ଡଟା ସୁନ୍ ମାରିଦେଲା କି କଣ୍ ରାସ୍ତା ପାଖରେ ଥିବା ସିମେଣ୍ଟ ଖୁଣ୍ଟ ଟାକୁ ହାତଦେଇ ମଝି ରାସ୍ତାଟାରେ ଥମ୍ କରି ବସିଗଲା ଚଇନି। ହାତ ଦୁଇଟାକୁ ଯୋଡ଼ି ଉପରକୁ ଟେକିଲା, ଆଖିବୁଜି କଣ ସବୁ ଗୁଣୁଗୁଣୁ ହେଲା।

କେହି ନଜାଣିଲେ ବି ଠାକୁରାଣୀ ତ ଜାଣନ୍ତି, ସେ ଅନ୍ୟମାନଙ୍କ ପରି ସୋଉକ ପାଇଁ ଛାତ ଘର କରୁନି। ସେ ଜାଣେ ତା' ଭଙ୍ଗା ଚାଳିଆ ର ସୁଖ ସେ ଛାତ ଘରେ ନାହିଁ ,ମାଟି ପିଣ୍ଡାର ସ୍ପର୍ଶ ସେ ସିମେଣ୍ଟ ଚଟାଣରେ ନାହିଁ। ହେଲେ ଜୀବନ ଥିଲେ ତ ସୁଖ ! ପ୍ରତି ଥର କେତେ ଆଉ ସେ ଡରି ଡରି ବଞ୍ଚିବ। ଆଗଭଳି ତାର ଆଉ ଯୁ ନାହିଁ।

ପ୍ରତି ଥର ବାତ୍ୟାରେ ତା ଘରକୁ ଉଜାଡି ଦିଏ ପବନ, ବନ୍ୟା ପାଣି ଧୋଇନିଏ ତା ରକ୍ତରେ ତିଆରି ପରିବା କିଆରି ସବୁକୁ । ହେଲେ ସେ ପବନ କୁ,ସେ ପାଣିକୁ କେବେବି ସେ ଅନ୍ୟମାନଙ୍କ ଭଳି ଦୋ ଅକ୍ଷରି ଶୁଣାଏନି। ଓଲଟି ପୂଜା କରେ , କହେ ଏମାନେ ନଥିଲେ କଣ୍ ଏ ଜୀବ ଥାଆନ୍ତା ନା ଆମର ଅସ୍ତିତ୍ୱ ଥାଆନ୍ତା !

ଏଇ କାରଣରୁ ଛାତ ଘର ଖଣ୍ଡେ କରିବାକୁ ମନ ବଳେଇଥିଲା ଚଇନି। ଦଶ ବାର ଥର ସରପଞ୍ଚ ପାଖକୁ ବି ଯାଇଥିଲା ଖଣ୍ଡେ ପ୍ରଧାନମନ୍ତ୍ରୀ ଆବାସ ପାଇଁ ହେଲେ କିଛି ସୁଫଳ ମିଳିଲାନି। ବାଧହେଇ କୀର୍ତ୍ତନ ପ୍ରଧାନକୁ ଦୁଇ ତିନି ଥର ହାତଗୁଞ୍ଜାବି ଦେଲା ଚଇନି, କହିଲା ବିଧାୟକ ଙ୍କୁ ତା ଦୁଃଖ କଥା ଜଣେଇବାକୁ, ହେଲେ ହେଲା କଣ୍ ! ପ୍ରଧାନର ବିଡିଧୁଆଁ ରେ ହିଁ ମିଳେଇ ଗଲା ସେ ଦେଇଥିବା ସବୁ କଥା, ସବୁ ପ୍ରତିଶ୍ରୁତି।

ଚାଷ ଜମି କହିଲେ ତ ଚଇନିର ଚାରି ଗୁଣ୍ଠ , ସିଏ ପୁଣି ଗୋଟାପୁଣି ଉପର ପାଣି ଭରସାରେ। ଦୋଫସଲି କଲେ ହିଁ ଯାଇ ତିନିପ୍ରାଣୀ କୁଟୁମ୍ବ ତାର ଚଳେ। ଛାତ ଘର କରିବ କୋଉଠୁ! ଖାଲି ଯାହା ମହାଜନର ବିଲ କିଛି ବଖରା କରେ ବୋଲି ପୁଅକୁ କଲେଜ୍ ଯାଏ ପାଠ ପଢେଇ ପାରିଛି।

ସେଇ ଚାଳ ଛପରରେ ସେମିତି ଦୁଃଖ କଷ୍ଟରେ ଦିନକଟି ଯାଉଥିଲା ଚଇନିର , ହେଲେ ଗତ ବର୍ଷର ବାତ୍ୟା ତା ବୁଦ୍ଧି ହଜେଇଦେଲା। ଏତେ ବଡ଼ ବାତ୍ୟା ବୋଧେ ସେ ତାର ଜୀବନ କାଳ ଭିତରେ କେବେ ଦେଖି ନଥିଲା। ଘର ର ଚାଳ ତ ଚାଳ ପୋଖରୀରେ ମାଛ, କଙ୍କଡା ବି ରହିଲେନି। ଶଗଡ଼ ଗାଡ଼ି, ସାଇକେଲ, ଛପର ସବୁ ଯାଇ ଗଛ ଉପରେ। ତାଙ୍କ ଗାଁ କୁ ମିଶେଇ ଛ- ସାତ ଖଣ୍ଡ ଗାଁର ସମ୍ପୂର୍ଣ୍ଣ ଅସ୍ତିତ୍ୱ ହିଁ ଦୋହଲିଗଲା । ଗୋରୁଗାଇ, ପଶୁପକ୍ଷୀଙ୍କ କଥାତ ଛାଡ଼, ଚଇନିର ପଡୋଶୀ କୁ ମିଶେଇ ତାଙ୍କ ଗାଁରୁ ଛଅଟି କୋଳେଇ ଉଠିଲା ଏକାଥରେ। ଦୁଇ ମାସ ଯାଏ ଗାଆଁ ଖାଁ ଖାଁ ଡାକିଲା। ଚଇନି ର ଘର ପ୍ରାୟ ମାଟିରେ ମିଶି ଯାଇଥିଲା , ଅଧିକାଂଶ ଚାଷ ଜମିରେ ବାଲି ଚରି ଯିବା କାରଣରୁ ତାକୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଲା । ଖାଲି ଯାହା ପୂର୍ବରୁ ସୂଚନା ପାଇବା କାରଣରୁ ତା ପରିବାରର ଜୀବନ ବଞ୍ଚିଗଲା। ସେଇ ଦିନରୁ ସେ ଠିକ୍ କଲା ଯେତେ କଷ୍ଟ ପଡୁନା କାହିଁକି ସେ ଏଥର ଛାତ ଘରଟିଏ କରିବ।

ପାଇଟି ପାଇଟି କରି ଯାହା କିଛି ସଞ୍ଚିଥିଲା ସେଇ ପଇସାରେ ଘରକାମ ଆରମ୍ଭ କଲା ଚଇନି। ବଖରେ ଘର ଆଉ ସାମ୍ନାରେ ଗୋଟେ ବାରଣ୍ଡା। ସେମିତି ଭଲ ମନ୍ଦ କରି ଛାତ ଯାଏ କାମ ସାରିଦେଲା ଚଇନି। ହେଲେ ଅସଲ କାମ ତ ଛାତ। ଛାତ ପଡ଼ିବାକୁ ଅତି କମ୍ ରେ ୬୦ - ୭୦ ହଜାର ଟଙ୍କା ଦରକାର। କିଛି ଉପାୟ ନପାଇବାରୁ ଶେଷରେ ବିଲ ଦି ଗୁଣ୍ଠ ଆଉ ଘୁଷୁରୀତକ ବିକି ଟଙ୍କା ଯୋଗାଡ଼ କଲା ଚଇନି।

ସେଇ ବର୍ଷ ବିନୁ କଳାରେ +୨ ପାସ୍ କରିଥାଏ। ତାଙ୍କ ଗାଁ ସୁବାସ ମିଶ୍ର, ଯିଏ ହାଇଦ୍ରାବାଦ୍ ରେ ରହେ ସେ ସେଇ ସମୟରେ ଗାଁ କୁ ଆସିଥାଏ ଆଉ କମ୍ପାନୀରେ ଚାକିରି ଦେବ କହି କିଛି ପିଲାଙ୍କୁ ହାଇଦ୍ରାବାଦ୍ ନେବାକୁ ବାହାରିଥାଏ। ସାଙ୍ଗ ମାନଙ୍କ ହାଇଦ୍ରାବାଦ୍ ଯିବା ଦେଖି ବିନ ବି ସୁବାସକୁ ଦେଖାକଲା। ସୁବାସ କହିଲା - ଆରେ ତୁ ତ +୨ ପାସ୍ କରିଛୁ, ବଡ଼ ଚାକିରି ପାଇବୁ , ଗାଆଁରେ କାଇଁ ଅଛୁ। ମୋ ସହ ଚାଲ, ତୋ କଥା ମୁଁ ବୁଝିବି । ହେଲେ ସିକୁରିଟି ମନି ଦେବାକୁ ହେବ ୫୦ ହଜାର, ରାଜି ତ ? ବିନୁ ଘରକୁ ଆସି ବାପାଙ୍କୁ ସବୁକଥା କହିଲା। ଚଇନି ୫୦ ହଜାର କଥା ଶୁଣି ପ୍ରଥମେ ଅରାଜି ହେଲା, ହେଲେ ତା ସ୍ତ୍ରୀର ଏକା ଜିଦ୍ ତା' ପୁଅ ବିଦେଶ ଯିବ, ଦୁନିଆ ଦେଖିବ। ଘର ଆଜି ନହେଲେ କାଲି ହେବ, ଆଉ ଏମିତିବି ପୁଅ ତ କହୁଛି ଦୁଇ ମାସରେ ସବୁ ଟଙ୍କା ଫେରେଇଦେବ ବୋଲି । ପୁଣି ଅସୁବିଧା କୋଉଠି !! ବିନୁ ମା କଥାରେ ହଁ ଭରିଲା। କହିଲା ହଁ, ମା ମୁଁ ଦୁଇ ମାସରେ ସବୁ ଟଙ୍କା ପଠେଇଦେବି ଦେଖିବୁ।

ଶେଷରେ ନାଚାର୍ ହେଇ ଚଇନି ଟଙ୍କା ଦେଇ ପୁଅକୁ ହାଇଦ୍ରାବାଦ୍ ପଠେଇଲା। ପ୍ରଥମେ ପ୍ରଥମେ ପୁଅ ସବୁବେଳେ ଫୋନ୍ କରୁଥିଲା। ତାର ଆଉ ତା ମାଆର ଭଲ ମନ୍ଦ ବୁଝୁଥିଲା। ପ୍ରଥମ ଦରମା ପାଇଲା ପରେ ବିନୁ ତା ମାଆକୁ କହିଲା - ମା ତୁ ବାପାଙ୍କୁ କହିଦେ କାମ ଆରମ୍ଭ କରିବେ ମୁଁ ଆର ମାସ ଟଙ୍କା ପଠେଇବି ।

ପୁଅ ପାଖରୁ ଏ କଥା ଦି ପଦ ଶୁଣିବା ପରେ ଚଇନି ର ଖୁସି କହିଲେ ନସରେ। ଯାହା କିଛି ଟଙ୍କା ଥିଲା ସେଥିରେ ବାକି କାମ ସାରି ଭାଡ଼ି ମରା ଆରମ୍ଭ କଲା ଚଇନି। ଦିନ କେଇଟାରେ ଚାରି ରଦା ଉଠିଲା, ଆଉ ଭାଡ଼ି କାମବି ସରିଲା। ଚଇନି ମୁନା ସାହୁ ଦୋକାନରୁ ଫୋନ୍ କରି ବିନୁ କୁ ସବୁ କଥା ଜଣେଇଲା। ବିନୁ ବି ବାପାଙ୍କ କଥାରେ ହଁ ଭରିଲା ଯେ ସେ ନିଶ୍ଚିତ ଖୁବ୍ ଶୀଘ୍ର ଟଙ୍କା ପଠେଇଦେବ। ଦିନ ଯାଇ ଗୋଟେ ମାସ ଚାଲିଗଲା ବିନର ଆଉ ଫୋନ୍ ନାହିଁ। ଶେଷ ଥର ଫୋନ୍ ଲାଗିଥିଲା ଗତ ସପ୍ତାହରେ। ଖୁବ୍ ଚିଡ୍ ଚିଡ୍ ହେଇ କଥା ହେଉଥିଲା ବିନ। କହିଲା ତୁମର ଟଙ୍କାକୁ ଛାଡ଼ିଲେ ଆଉ କଣ କିଛି କଥା ନାହିଁ ବାପା, କହିଲି ତ ପଠେଇବି। ବାସ୍ ଏତିକି କହି ଫୋନ୍ କାଟି ଦେଲା ବିନୁ।

ସେ ଦିନ ପରେ ଆଉ ଫୋନ୍ କରି ନଥିଲା ଚଇନି, ହେଲେ ପଞ୍ଚୁଆ ମିସ୍ତ୍ରୀ ଯେବେ ଆସି ତା ଦୁଆରେ ଭାଡ଼ି କାଢ଼ିନେବ ବୋଲି ରୋକ୍‌ଠୋକ୍ ଶୁଣେଇଦେଇ ଗଲା, ଚଇନି ଆଉ ସହି ପାରିଲାନି। ବାଧହୋଇ ଆଜି ଆସିଥିଲା ପୁଅ ପାଖକୁ ଫୋନ ଲଗେଇବାକୁ। ହେଲେ ହେବ କଣ୍ ! ପୁଅ ତ ଫୋନ୍ ଉଠେଇଲାନି।

ଏମିତି କେତେ କଣ୍ ଭାବି ଚଇନି ଅନ୍ଧାର ଆଉଁସି ଆଉଁସି ଘର ପାଖରେ ପହଞ୍ଚିଲା ଆଉ ବାଡି ଅରଗଳି କାଢିଛି କି ନାହିଁ ତାଙ୍କ ପଡୋଶୀ ମିଶ୍ର ଘର ଟିଭିରୁ ନିଉଜ୍ ଶୁଭିଲା -

'ଓଡ଼ିଶାକୁ ପୁଣି ବାତ୍ୟା ବିପଦ'

'ବଙ୍ଗୋପସାଗରରେ ଆଉ ଏକ ସାମୁଦ୍ରିକ ଝଡ଼ ଘନୀଭୂତ ହବାକୁ ନେଇ ପୂର୍ବାନୁମାନ କଲା ଭାରତୀୟ ପାଣିପାଗ ବିଭାଗ ।'

'ପୁଣି ଉପକୂଳ ଅଞ୍ଚଳ ପାଇଁ ବାଜିଲା ସତର୍କ ଘଣ୍ଟି !!!'

+ ସମ୍ପାଦକ, ବଣମଲ୍ଲୀ
ଅଧ୍ୟାପକ , ପତିତପାବନ ମହାବିଦ୍ୟାଳୟ, ସାଇଁକୁଳ, କେନ୍ଦୁଝର- ୭୫୮୦୪୩
(ମୋ) ୭୬୦୯୦୭୭୦୨୩

## ଚିନ୍ତା ଅନୁଚିନ୍ତା (୨୩)

# 'ଦେଶ ଏକ ନାଗରିକର ପରିଚୟର ମୂଳ ଉତ୍ସ'



**କବି ଓ ପ୍ରାବନ୍ଧିକ କାଳୀପଦ ପଣ୍ଡା ଧ୍ୱନି ପ୍ରତିଧ୍ୱନି ପାଠକମାନଙ୍କର ଗୋଟେ ଚିହ୍ନାମୁହଁ । ଏହା ପୂର୍ବରୁ ଶ୍ରୀ ପଣ୍ଡାଙ୍କର ଚିନ୍ତା ଚତୁରଙ୍ଗ, ଚିନ୍ତା ତରଙ୍ଗ, ଚିନ୍ତା ଚେତନା ଆଦି ସ୍ତମ୍ଭ ପ୍ରକାଶ ପାଇ ପାଠକୀୟତା ହାସଲ କରି ସାରିଛି । ଏଇ ନୂତନ ସ୍ତମ୍ଭ 'ଚିନ୍ତା ଅନୁଚିନ୍ତା'ରେ ଆପଣ ଭେଟିବେ ଲେଖକଙ୍କ ମାନସମନ୍ଥନକୁ ଗୋଟେ ନିଆରା ଢଙ୍ଗରେ ।**

ସୂନାରୁଇ, ବି.କଟିସାହି, ସିଂଲା , ବାଲିଆପାଳ, ବାଲେଶ୍ୱର
(ମୋ) ୯୪୩୭୦୮୯୨୪୧/ ୮୯୧୭୨୫୫୪୯୩

'ଦେଶ' ଯାହା ଏକ ଭୌଗୋଳିକ ପରିସୀମା ମଧ୍ୟରେ ଆବଦ୍ଧ ହୋଇ ନାମକରଣରେ ନାମିତ ସ୍ୱତନ୍ତ୍ର ଭାବରେ ଚିହ୍ନିତ ଭୂଖଣ୍ଡ । ଆଉ ସେହି ଭୂଖଣ୍ଡ ଭିତରେ ବସବାସ କରୁଥିବା ଅଧିବାସୀ ସେହି ଦେଶର ନାମାନୁସାରେ ନିଜର ପରିଚୟ ବିଶ୍ୱ ସମୁଦାୟ ନିକଟରେ ପାଇଥାନ୍ତି । ପ୍ରତିଟି ଭୂଖଣ୍ଡର ସନ୍ତାନ ତା'ର ଦେଶକୁ ନେଇ ସମଗ୍ର ଜୀବନକାଳ ହୁଏ ଉତ୍ଫୁଲ୍ଲିତ । ଦେଶ ଜନନୀର ସୁରକ୍ଷା, ଦେଶର ବିବିଧ କ୍ଷେତ୍ରର ଉତ୍କର୍ଷତାକୁ ବିଶ୍ୱ ଜନସମୁଦାୟଙ୍କ ନିକଟରେ ଅଧିକରୁ ଅଧିକ ପ୍ରଚାରିତ କରି ସେ ନିଜକୁ ସେହି ଦେଶର ଜଣେ ସଚେତନ ନାଗରିକ ଭାବେ ଗୌରବାନ୍ୱିତ ହେଉଥାଏ । ଦେଶ କହିଲେ ସେହି ସୀମା ନିରୂପିତ ଗୋଟିଏ ଭୂଖଣ୍ଡ ଜନସମୁଦାୟଙ୍କ ସ୍ୱାତନ୍ତ୍ର୍ୟକୁ ଅନ୍ୟ ରାଷ୍ଟ୍ର ସମ୍ମୁଖରେ ଚିହ୍ନିତ କରାଏ । ଯେଭଳି ଭାରତୀୟ, ଆମେରୀକୀୟ, ଋଇନିଜ୍, ଇଉରୋପୀୟ, ଜାପାନୀ ଇତ୍ୟାଦି ।

ପ୍ରତି ଦେଶର ସଚେତନ ନାଗରିକ ତା'ର ଦେଶକୁ ନେଇ ସଦା ଗରୀୟାନ ହୁଏ । ଦେଶର ଏକତା ଅଖଣ୍ଡତା ଓ ସଂହତି ରକ୍ଷାରେ ସେ ତା'ର ଯୋଗଦାନ ରଖି ସେହି ଦେଶର ଜଣେ ସୁସନ୍ତାନ ଭାବେ ସବୁବେଳେ ପରିଚୟ ଦେଇ ଆସିଥାଏ । ଗୋଟିଏ ଦେଶ ଭିନ୍ନ ଭିନ୍ନ ସମୟରେ ବିବିଧ କାରଣ ପାଇଁ ତା'ର ଅଖଣ୍ଡତା ଓ ସୁରକ୍ଷାକୁ ନେଇ ସଙ୍କଟରେ ସମ୍ମୁଖୀନ ହୋଇଥାଏ ଆଉ ସେତିକିବେଳେ ସେହି ଦେଶର ନାଗରିକମାନେ ନିଜ ଜୀବନକୁ ବିପଦାପନ୍ନ କରି ଦେଶର ସୁରକ୍ଷା ପାଇଁ ବଳିଦାନ ଦେବାକୁ କେବେ ପଛାଇ ନଥାନ୍ତି । ଦେଶମାତୃକାର ସୁରକ୍ଷା ଯେକୌଣସି ନାଗରିକର ପ୍ରାଥମିକ ଓ ଶ୍ରେଷ୍ଠ ଧର୍ମ । ଦେଶ ଜନନୀ ତା'ର ସନ୍ତାନକୁ କୋଳରେ ଧରି ସଦାବେଳେ କାମନା କରିଥାଏ ସେ ସନ୍ତାନ ଦ୍ୱାରା ସଦାବେଳେ ସୁରକ୍ଷିତ ହୋଇ ରହିବ । ଆଉ ସେହି ରାଷ୍ଟ୍ରରୂପିଣୀ ଜନନୀଙ୍କର ସୁସନ୍ତାନମାନେ ସେହି ମନ୍ତ୍ରରେ ଦିକ୍ଷୀତ ହୋଇ ଦେଶମାତୃକାର ସେବାରେ ସମର୍ପିତ ରହିଥାନ୍ତି । ଯେକୌଣସି ଦେଶର ସ୍ୱାଧୀନତାକୁ ଅକ୍ଷୁର୍ଣ୍ଣ ରଖିବା ସେହି ଦେଶର ଶାସକଙ୍କ ସହ ସାଧାରଣ ଜନତାଙ୍କର ମଧ୍ୟ ଗୁରୁଦାୟିତ୍ୱ । ସ୍ୱାଧୀନତାରୂପୀ ବୃକ୍ଷର ଫଳ ସବୁବେଳେ ଆସ୍ୱାଦନ କରିଥାନ୍ତି ଦେଶର ଅଗଣିତ ନାଗରିକ । ଦେଶ କହିଲେ ଆମକୁ ବୁଝିବାକୁ ପଡ଼ିବ ଗୋଟିଏ ଆତ୍ମପରିଚୟ ଓ ଅସ୍ମିତାର ପ୍ରତୀକ । ମୋ ଦେଶ ମହାନ, ମୋ ଦେଶ ମୋ ପାଇଁ ଶ୍ରେଷ୍ଠ । ଏହି ବୀଜମନ୍ତ୍ରରେ ଯେକୌଣସି ଭୂଖଣ୍ଡର ନାଗରିକ ଦୀକ୍ଷିତ ହୋଇ ନିଜର କର୍ତ୍ତବ୍ୟ ସଦାବେଳେ ସମ୍ପାଦନ କରିଥାନ୍ତି । ନିଜ ନିଜର ଭାଷା, କଳା, ସାହିତ୍ୟ, ସଂସ୍କୃତି, ପର୍ବପର୍ବାଣି, ଖାଦ୍ୟପେୟ, ପୋଷାକପରିଚ୍ଛଦ, ଧର୍ମୀୟ ଭାବନା, ନୃତ୍ୟସଙ୍ଗୀତ, ଚିତ୍ରକଳା, ପ୍ରଭୃତି ନାନାବିଧ ବିବିଧତାକୁ ନେଇ ଅନ୍ୟ ଜନସମୁଦାୟଙ୍କ ସମ୍ମୁଖରେ ସ୍ୱତନ୍ତ୍ର ଭାବେ ଚିହ୍ନିତ ହେଉଥାନ୍ତି । ରାଷ୍ଟ୍ରରୂପିଣୀ ଦେବୀଙ୍କର ସେବା ଈଶ୍ୱରଙ୍କ ସେବା ବୋଲି ମନେକରାଯାଏ । ସମ୍ଭବତଃ ମାନବଜାତି ଯେବେଠୁ ଭାଷା କହିବା ଆରମ୍ଭ କରିଛି ଓ ଜ୍ଞାନ-ବିଜ୍ଞାନର ପ୍ରୟୋଗ ଜରିଆରେ ନିଜକୁ ଅଧିକରୁ ଅଧିକ ଆନନ୍ଦମୁଖର କରିବାକୁ ଋହିଁଛି ସେହି ସମୟରୁ ହିଁ ଗୋଟିଏ ଗୋଟିଏ ବିଶେଷ ସୀମାରେଖାର ନିର୍ଦ୍ଧାରଣ ଭିତରେ ଗୋଟିଏ ଜାତୀୟ ଜୀବନକୁ ପ୍ରତିଷ୍ଠା ଦେବାରେ ଉଦ୍ୟମ କରି ତହିଁରେ ସଫଳତା ଲାଭ କରିଛି । ମାତ୍ର ଗୋଟିଏ ଭୂଖଣ୍ଡ ଆଉ ଏକ ଭୂଖଣ୍ଡକୁ କରାୟତ କରିବା ପାଇଁ ଓ ନିଜର ସୀମା ସରହଦକୁ ପରିବ୍ୟାପ୍ତ କରିବା ଦିଗରେ କଳକୌଶଳ ଓ କୂଟନୈତିକ ଅଭିସନ୍ଧି ଜରିଆରେ ଯୁଦ୍ଧ କରିବାକୁ ଆଗେଇ ଆସିଥାନ୍ତି । ଆଉ ସେତେବେଳେ ଉଭୟ ଦେଶ ମଧ୍ୟରେ ଯେଉଁ ଲଢ଼େଇର ସୂତ୍ରପାତ ହୁଏ ସେତିକିବେଳେ ସେ ଦେଶର ନାଗରିକଗଣ ଦେଶର ସୁରକ୍ଷା ଯଜ୍ଞରେ ଲମ୍ଫ ପ୍ରଦାନ କରନ୍ତି । ତାହାହିଁ ତ ଜଣେ ନାଗରିକର ତା'ର ଦେଶପ୍ରତି ଶ୍ରେଷ୍ଠ ବଳିଦାନ ରୂପେ ବିବେଚିତ ହୁଏ ।

ଆମ ଦେଶ ଭାରତବର୍ଷ ବିଭିନ୍ନ ସମୟରେ ବିଦେଶୀମାନଙ୍କର ଶାସନାଧୀନ ହୋଇ ପରାଧୀନତାର ଶୃଙ୍ଖଳରେ ବାନ୍ଧି ହୋଇଥିଲା । ସେତେବେଳେ ସେହି ରାଷ୍ଟ୍ରରୂପିଣୀ ଭାରତମାତା ଆମ ଦେଶକୁ ସୁରକ୍ଷିତ ରଖି ତା'ର ସ୍ୱାତନ୍ତ୍ର୍ୟ ବଜାୟ ରଖିବା କ୍ଷେତ୍ରରେ ସେ ଦେଶର ଅସଂଖ୍ୟ ଜନସାଧାରଣ(ନାଗରିକ) ପରାଧୀନତା ରୂପୀ ଯଜ୍ଞକୁଣ୍ଡରେ ଲମ୍ଫ ପ୍ରଦାନ କରିଆସୁଛନ୍ତି । ଆଉ ତାହାର ନେତୃତ୍ୱରେ ଯେଉଁମାନେ ଥାଆନ୍ତି ସେମାନେ କାଳେକାଳେ ଦେଶରକ୍ଷକ ଭାବେ ପିଢ଼ି ପରେ ପିଢ଼ିରେ ପୂଜିତ ହେଉଥାନ୍ତି । ଆମ ଦେଶ ଭାରତବର୍ଷ ଆଜକୁ ଠିକ୍ ୭୫ବର୍ଷ ପୂର୍ବେ ଇଂରେଜମାନଙ୍କର ଶତବର୍ଷର ଶାସନ କବଳରୁ ମୁକୁଳି ପାରିଥିଲା ତାହା ପୁଣି ଆମ ଦେଶକୁ ଦୁଇଭାଗ ହେବାର ସମ୍ମତି ପ୍ରଦାନ ହେତୁ ଯାହାକି ଅଖଣ୍ଡଭାରତ ଦି'ଖଣ୍ଡ ହେଲା । ପାକିସ୍ଥାନ ନାମରେ ଆଉ ଏକ ଭୂଖଣ୍ଡ ଆମରି ଦେଶ ମଧ୍ୟରୁ ପ୍ରତିଷ୍ଠାଲାଭ କଲା । ପୁଣି କେତେବର୍ଷ ପରେ ବାଂଲାଦେଶ ସୃଷ୍ଟି ହେଲାବେଳେ ଆମ ଦେଶର କିଛି ଅଂଶ ସେ ଭିତରେ ଲୀନ ହୋଇଗଲା । ତେବେ ଏଇ ସ୍ୱାଧୀନତା ପରବର୍ତ୍ତୀ ଆମ ଦେଶ ସ୍ୱତନ୍ତ୍ର ଭାବେ ଯାହା ସ୍ୱାଧୀନ ଭାରତବର୍ଷ ରୂପେ ବିଶ୍ୱବାସୀଙ୍କ ନିକଟରେ ଚିହ୍ନିତ ସେହି ଦେଶ ଭାରତବର୍ଷ ଆଜି ସ୍ୱାଧୀନତା ପ୍ରାପ୍ତିର ୭୫ବର୍ଷ ଯାହାକୁ 'ଆଜାଦିକା ଅମୃତମହୋତ୍ସବ' ଭାବେ ପାଳନ କରୁଛି । ସେତେବେଳେ ପ୍ରତିଟି ନାଗରିକ ସ୍ୱାଧୀନତାପ୍ରାପ୍ତି ପଛରେ ରହିଥିବା ଶତବର୍ଷ ସଂଗ୍ରାମର ଅସଂଖ୍ୟ ବଳିଦାନ ଦେଇଥିବା ଭାରତମାତାର ସୁସନ୍ତାନମାନଙ୍କୁ ମନେପକାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାର ସମୟ ହୋଇଛି ଉପନୀତ । କାରଣ ଏକଛତ୍ରବାଦୀ ଶାସକକୁ ହଟାଇ ଆମେ ଆମ ରାଷ୍ଟ୍ରର ସାର୍ବଭୌମତ୍ୱକୁ ରକ୍ଷା କରିପାରିଛୁ ଏବଂ ବିବିଧତାରେ ଭରା ବିଶାଳ ଏହି ଭୂଖଣ୍ଡ ଭାରତବର୍ଷର ସ୍ୱାଧୀନତାକୁ ଅକ୍ଷୁର୍ଣ୍ଣ ରଖିବାକୁ ଯାଇ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ବେଶ୍ ମଜବୁତ୍ କରିପାରିଛୁ । ଆମ ସ୍ୱାଧୀନତା ପ୍ରାପ୍ତି ପଛରେ ଯେଉଁ ମୂଳ ଅସ୍ତ୍ରଟି ନିହିତ ଥିଲା ତାହା ଥିଲା ଅହିଂସା ଓ ସତ୍ୟାଗ୍ରହ । ଯାହାକୁ ବିଶ୍ୱାବସୀ ଆଜି ବି ସ୍ମରଣ କରୁଛନ୍ତି । ଭାରତ ହିଁ ଏକମାତ୍ର ଦେଶ ଯେଉଁଠାରେ ବିବିଧତା ମଧ୍ୟରେ ଏକତା ସଦା ବିଦ୍ୟମାନ । ଆତ୍ମସୁରକ୍ଷା କରିବା ଦିଗରେ ଆମ ଦେଶ ଆଜି ଏକ ଶକ୍ତିଶାଳୀ ଦେଶ ରୂପେ ପରିଗଣିତ ହୋଇପାରିଛି । ଆମର ସମ୍ବିଧାନ ବିଶ୍ୱର ସବୁଠାରୁ ବୃହତ୍ତମ ଏବଂ ଲୋକପ୍ରିୟ ଜନମଙ୍ଗଳକାରୀ ସମ୍ବିଧାନ ରୂପେ ସ୍ୱୀକୃତ ।

ସଂସଦ ରୂପୀ ଗଣତନ୍ତ୍ରର ଭବ୍ୟମନ୍ଦିରରେ ଆମ ଜନପ୍ରତିନିଧିମାନେ ସବୁ ସମୟରେ ଜନମଙ୍ଗଳକର କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରିଥାନ୍ତି । ଆମ ସମ୍ବିଧାନ ସଦାବେଳେ ନାଗରିକକୁ ତା'ର ଅଭିବ୍ୟକ୍ତି ପ୍ରଦାନ ପାଇଁ ଅଧିକାର ଦେଇ ଆସିଛି । ମାତ୍ର ଦେଶ ସହ ଯେଉଁମାନେ ଗଦ୍ଦାରି (ପ୍ରତାରଣା) କରି ଦେଶର ଅଖଣ୍ଡତା ଓ ସୁରକ୍ଷା ଦିଗରେ ଯତ୍ନଶୀଳ ହୁଅନ୍ତି ନାହିଁ, ସେମାନଙ୍କୁ ଦେଶ ବିରୋଧି ଆଇନ୍ ବଳରେ ଦଣ୍ଡିତ କରାଯାଇ ଆସୁଛି । ଆମ ଦେଶ ପରିଋଳନାରେ ଏହାର ସ୍ତମ୍ଭପତିମାନେ ସଂସଦ, ନ୍ୟାୟପାଳିକା ଓ ଗଣମାଧ୍ୟମ ଭଳି ଗଣତାନ୍ତ୍ରିକ ଅନୁଷ୍ଠାନମାନଙ୍କୁ ମହତ୍ୱ ପ୍ରତିପାଦନ କରିଛନ୍ତି । ପ୍ରଜାମଙ୍ଗଳ ରାଷ୍ଟ୍ରଗଠନରେ ଉପରୋକ୍ତ ଅନୁଷ୍ଠାନମାନଙ୍କର ଭୂମିକା ସର୍ବାଦୌ ଗୁରୁତ୍ୱପୂର୍ଣ୍ଣ । ଏଠାରେ ନାଗରିକମାନେ ସେମାନଙ୍କ ଦେଶ ପରିଋଳନା ପାଇଁ ପ୍ରତ୍ୟକ୍ଷ ମତଦାନ କରିଥାନ୍ତି । ନିଜ ମନପସନ୍ଦର ଜନପ୍ରତିନିଧି ବାଛି ଦେଶର ସୁପରିଋଳନା ପାଇଁ ସେମାନଙ୍କର ପ୍ରତିନିଧି ସ୍ୱରୂପ ପରୋକ୍ଷ ଯୋଗଦାନ ରଖି ଆସିଥାନ୍ତି । ଏକଛତ୍ରବାଦ ଆମ ଦେଶରେ ସମାଧି ଲଭିଛି । ପୁଣି ପ୍ରତି ପାଞ୍ଚବର୍ଷ ଅନ୍ତରରେ ଜନପ୍ରତିନିଧିକୁ ବଦଳାଇ ନୂତନ ଜନପ୍ରତିନିଧି ଚୟନ କରିବାର ବ୍ୟବସ୍ଥା ରହିଆସିଛି । ଦେଶ ସବୁବେଳେ ସେ ନାଗରିକକୁ ସୁଖଶାନ୍ତିରେ ରହିବା ପାଇଁ ସବୁମତେ ସହଯୋଗ କରିଆସିଥାଏ । ଦେଶର ବିଭବ, ଦେଶର ଗରିମା, ଦେଶର ଐଶ୍ୱର୍ଯ୍ୟ, ଦେଶର ମହିମା ସବୁ ଏ ଦେଶର ନାଗରିକ ପାଇଁ ସବୁବେଳେ ପ୍ରେରଣାର ଉତ୍ସ ହୋଇଥାଏ । ଦେଶ ଓ ନାଗରିକ ଭିନ୍ନାଭିନ୍ନ ନୁହନ୍ତି । ପରସ୍ପର ଦାୟବଦ୍ଧତାରେ ଦେଶ ଓ ନାଗରିକ ଆଗକୁ ବଢୁ ଥାଆନ୍ତି ।

## ପ୍ରେମରେ ପ୍ରେମରେ ଗୀତି ....(୧୮)



■ ବିପିନ ମହାନ୍ତି

୩୩, ଗଡ ମହାବୀର ବିହାର,
ଗ୍ୟାରେଜ ଛକ,
ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

### ॥ ରାତି ରହିଗଲା ବାକି ॥

ଅନ୍ଧକାରେ ମୋର ଅନେକ ସ୍ୱପ୍ନର
ରାତି ରହିଗଲା ବାକି,
ଫେରିଯିବି ସାଥୀ ! ସବୁ ପ୍ରତିଶ୍ରୁତି
ତୁମ ପାଇଁ ଅଧା ରଖି ।

ସଜାଇ ପାରିନି ବାସର ଶେଯ ମୋ
ଜାଳିନି ବାସର ଦୀପ,
ରହିଗଲା ଆମ ପ୍ରେମର କାହାଣୀ
ହୋଇ ଏକ ପୁଣ୍ୟ ପାପ,
ଦୁଇପଟ ଶଙ୍ଖା ଟୋପାଏ ସିନ୍ଦୂର
ରହିଗଲା ତୁମ ବାକି ।

କେତେ ଦିନ ଆଉ ମିଛର ସହରେ
ପ୍ରୀତିର ସଉଧ ତୋଳି,
ରଚିଥାନ୍ତି ତୁମ ପାଇଁକି ସପନ
ଆଖିରେ ଅଞ୍ଜନ ବୋଳି,
ବିଦାୟ ସଜନୀ ! ଶେଷ ଏ ରଜନୀ
ଭୁଲ୍ ବୁଝିବନି ସଖୀ !

## କଥା କିଞ୍ଚିତ

# ସାହିତ୍ୟରେ କଲ୍ୟାଣ ଚେତନା-୩

■ ଡ. ରମାକାନ୍ତ ବେହେରା



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଏଇ ପ୍ରଜାପତି ପ୍ରେମ ହିଁ ଜୀବନ, ଆଉ ଇନ୍ଦ୍ରଧନୁର ସପ୍ତରଙ୍ଗୀ ମାୟା ହିଁ କଳା, ଜୀବନ ଆଉ କଳା ପରସ୍ପରକୁ ନେଇ ହିଁ କାଲୋତ୍ତୀର୍ଣ୍ଣ ।

ତେବେ ଜୀବନ ବା ସମାଜ ନାମରେ ସାହିତ୍ୟ ବା କଳା ବ୍ୟକ୍ତି ପୂଜାର ଊର୍ଦ୍ଧ୍ୱରେ । ସମାଜ କଲ୍ୟାଣ ନାମରେ ସାହିତ୍ୟିକ ତା'ର ସୃଷ୍ଟି ସ୍ୱାଧୀନତାକୁ ବଳି ଦେଲେ କଳାର ମୃତ୍ୟୁ ହୁଏ । ହିଟଲରଙ୍କ ନାଜିବାଦ ପ୍ରଚାର ଜ୍ୱାଳାରେ କବିମାନେ ପଳାୟନ କରିଥିଲେ । ଅଷ୍ଟାରନ୍ୟୁଜ୍ ଜନ୍ମମାଟି ଛାଡ଼ିଲେ, ସକ୍ରେଟିସ୍ ସତ୍ୟ ପାଇଁ ବିଷ ପିଇଲେ, ଆଉ ଏଠାକାର ବୃଦ୍ଧ ଗୁରୁଦତ୍ତଙ୍କ ଭଳି କେତେ ଯେ ସ୍ୱାଧୀନ ଚେତା କଳାକାର, କବି ଏମାରଜେନ୍ସିର କାଳରାତ୍ରିରେ ସଢ଼ିଲେ ତା'ର ହିସାବ କାହିଁ ?

ନିଛକ ନୀତି ପ୍ରଚାର ବା ସମାଜସେବା ଯେତେ କଲ୍ୟାଣକର ହେଲେ ମଧ୍ୟ ତାହା ସାହିତ୍ୟ ନୁହେଁ, ଯେ ପର୍ଯ୍ୟନ୍ତ ତାହା ସାହିତ୍ୟ ଧର୍ମରେ ଦୀକ୍ଷିତ ନୁହେଁ । ଝରଣା ଓ କେନାଲ ଉଭୟ ଜଳସ୍ରୋତ, ଉଭୟଙ୍କ ଜଳସତ୍ତା ସ୍ୱୀକାର୍ଯ୍ୟ, ଜନକଲ୍ୟାଣକର, ତଥାପି କଳାର ଆତ୍ମା ଝରଣାର ସ୍ୱତଃସ୍ଫୂର୍ତ୍ତ ଉତ୍ସ ଭିତରେ କଲ୍ଲୋଳିତ, କେନାଲର ଶାନ୍ତ ନିରୁଦ୍‌ବେଗ ଜଳ ତରଙ୍ଗରେ ନୁହେଁ । ଏହି ସତ୍ୟ ଯେଉଁଠି ସଂରକ୍ଷିତ ତାହା ସାହିତ୍ୟ ସତ୍ୟରେ ଉତ୍ତୀର୍ଣ୍ଣ, ବେଦ, ଗୀତା, ଭଗବତାଦି ଧର୍ମନୀତି ଶାସ୍ତ୍ର ଏପରିକି ଜ୍ୟୋତିର୍ବିଦ୍ୟା ଓ ଚିକିତ୍ସାଶାସ୍ତ୍ର ମଧ୍ୟ କଳାଶ୍ରୟୀ ହୋଇଥିବାରୁ ସାହିତ୍ୟର ମର୍ଯ୍ୟାଦାପ୍ରାପ୍ତ ।

ସାମ୍ପ୍ରତିକ କଳା ଓ ସାହିତ୍ୟରେ ଜୀବନଧର୍ମୀ କଲ୍ୟାଣ ଚେତନା ବେଶ୍ ବଳିଷ୍ଠ । ଏ କ୍ଷୁଦ୍ର ଆଲୋଚନାରେ ତା'ର ସଂକ୍ଷିପ୍ତ ସମୀକ୍ଷା ମଧ୍ୟ ସମ୍ଭବ ନୁହେଁ । ତଥାପି ସଦ୍ୟ ବିପ୍ଳବ ଓ ରକ୍ତ କ୍ଷୟରୁ ଉଦ୍ଭୁତ, ବାଲାଂଦେଶର ଜଣେ ତରୁଣ କବି ଅସ୍‌ଗର ଅଲ୍ଲୀଙ୍କର ଏକ କ୍ଷୁଦ୍ର କବିତାକୁ ସ୍ମରଣ କରିବାର କୌତୁହଳକୁ ଏଡ଼ାଇ ଦିଆଯାଇନପାରେ ।

'ଚେପଟାନାକୀ, କୁଲାକାନୀ, ଆଖିଟେରୀ
ପାଦଛୋଟୀ, କ୍ଷୁଦ୍ରକେଶୀ, ସ୍ୱାସ୍ଥ୍ୟହୀନୀ, ଶୀର୍ଣ୍ଣାଙ୍ଗୀ
ଏକ୍ କାଳିକୋତରୀ ପାତ୍ରୀ ପାଇଁ
ପାତ୍ର ଆବଶ୍ୟକ, ଦାନ ଦକ୍ଷିଣା ବ୍ୟତିରେକ
ଯେ କୌଣସି ପାତ୍ର, ଯେ କୌଣସି ବୟସର,
ପାତ୍ର ଖୁବ୍ ବୁଢ଼ା ହେଲେ କ୍ଷତି ନାହିଁ,
ସନ୍ଧାନ ଜଣାଇବାର ଠିକଣା,
ଜନୈକ କନ୍ୟାଦାୟ ଗ୍ରସ୍ତ ପିତା
ଅଭାବୀ ଗ୍ରାମ, ଡାକ ସମସ୍ୟା ନଗର, ଜିଲ୍ଲା ଯନ୍ତ୍ରଣାପୁରୀ
ପ୍ରଦେଶ ଯମଜଗତ ।'
(ବଙ୍ଗଳା ଦେଶ ସାପ୍ତାହିକ)

ଏକ ଅବହେଳିତ, ଅଭିଶପ୍ତ, ଦଗ୍ଧୀଭୂତ ମାନବ ଆତ୍ମାର ମୁକ୍ତିପାଇଁ ଶିଳ୍ପୀ ପ୍ରାଣର ଏ ଯେଉଁ ଆର୍ତ୍ତନାଦ, ତାହା ଏକ ସମୃଦ୍ଧ ଅମୃତମୟ ଜୀବନଚର୍ଯ୍ୟାର ପ୍ରତିଶ୍ରୁତିରେ ପୂର୍ଣ୍ଣ ।

ତେଣୁ ସାହିତ୍ୟ ଓ କଳା ଉଭୟ ଜୀବନ ଓ କଳାପାଇଁ ସୃଷ୍ଟି । ଆରମ୍ଭରୁ ଏକ ମହାସତ୍ୟର ସନ୍ଧାନ ନିମିତ୍ତ ଅଙ୍ଗୀକାର ନେଇ ଆସିଛି । ଯୁଗେ ଯୁଗେ ପୃଥିବୀର କାତ୍ୟାୟିନୀ ଗୋଷ୍ଠୀଙ୍କ ଲୋଭ, ହିଂସାର ଯନ୍ତ୍ରଣା ଭିତରେ ମୈତ୍ରେୟୀ କୁଳ- 'ଯେନାହଂ ନାମୃତାଂ ସାମ୍ କିମ୍‌ହମ୍ ତେନ କୁର୍ଯ୍ୟାମ୍' ଜିଜ୍ଞାସା ଭିତରେ ଜୀବନର ସେଇ ପରମ ଐଶ୍ୱର୍ଯ୍ୟ ସତ, ଚିତ୍, ଆନନ୍ଦ, ସତ୍ୟ, ଶିବ, ସୁନ୍ଦରର ସନ୍ଧାନ କରି ଆସୁଛନ୍ତି; ଆତ୍ମାର ଅନନ୍ତ ରାଜ୍ୟକୁ ଏହା ଏକ ଭାବପ୍ରବଣ ପରିଭ୍ରମଣ, ଅନ୍ତରର ଇନ୍ଦ୍ରିୟାନୁଭୂତି ଭିତରେ ଆନନ୍ଦର ସନ୍ଧାନ ପାଇଁ । ତେଣୁ ଏ ତପଶ୍ଚର୍ଯ୍ୟା ମାନବ ଅନ୍ତରର ସେଇ ଭାବମୁଖିନତାର ଉତ୍ସବଗୀତି, ଉପନିଷଦର ସେଇ ପରମ ଆନନ୍ଦମୟ ଜୀବନ କଳାର ସେଇ ଚରମ ସତ୍ୟର ସ୍ୱର ଅନ୍ୟଭାବେ 'ହ୍ୱିଟମାନ୍' ମଧ୍ୟ ଗାଇଛନ୍ତି ।

There is that in me,
I do not know, what it is,
But I know it is in me,
Don't you see, Oh my brothers and sisters
It is not chaos or death, it is form,
Plan- it is eternal life,
It is Happiness.

ସେଇ ଆନନ୍ଦ କଲ୍ୟାଣର ପ୍ରେରଣାରୁ ହିଁ ସାହିତ୍ୟର ଜନ୍ମ ।
(ସମାପ୍ତ)

+ ସାଧନାଳୟ, ବିକାଶନଗର, ବାଲେଶ୍ୱର




# ॥ ଅମୃତସର ॥



କ୍ରୀଷ୍ଣ ଚନ୍ଦର
(୧୯୧୪ - ୧୯୭୭)

ପୁରୁଖା ଲୋକେ କହୁଥିଲେ, ଯଦି ଲାହୋର ସାମ୍ପ୍ରଦାୟିକତାର ଗଡ଼ ତେବେ ଅମୃତସର ରାଷ୍ଟ୍ରୀୟତାର କେନ୍ଦ୍ର ବୋଲି । ଏଠି ଜାଲିଆଁବାଲା ବାଗ୍ ଅଛି । ଯେଉଁଠି ହିନ୍ଦୁ, ମୁସଲମାନ ଓ ଶିଖ୍ ତିନି ଧର୍ମର ଲୋକଙ୍କ ରକ୍ତ ଏକ ଧାରରେ ବୋହିଥିଲା ଇଂରେଜ ମାନଙ୍କୁ ଭାରତମାଟିରୁ ମୂଳପୋଛ କରିବାର ଲକ୍ଷ୍ୟନେଇ । ହେଲେ ସେଇ ଭ୍ରାତୃପ୍ରେମ ଧୂଳିସାତ୍ ହୋଇଯାଏ ଦେଶ ସ୍ୱାଧୀନତା ବେଳକୁ । ୧୯୪୮ ମସିହାରେ ଉର୍ଦ୍ଦୁ ଭାଷାର ପ୍ରଖ୍ୟାତ କଥାଶିଳ୍ପୀ କ୍ରିଷ୍ଣ ଚନ୍ଦର୍‌ଙ୍କ 'ଅମୃତସର' ଏଇ ସହରର ଅତୀତ ଓ ବର୍ତ୍ତମାନକୁ ଅତି ନିଖୁଣ ଭାବରେ ରୂପାୟିତ କରିଛି । କ'ଣ ହଜେଇଛି, କ'ଣ ପାଇଛି - ବିବେଚନାର ବିଷୟ ।

ଇଂରେଜ ସରକାରଙ୍କ ତରଫରୁ ୧୪୪ ଧାରା ଲାଗୁ ହୋଇଥିବା ବେଳେ ବୈଶାଖୀ ମେଳାର ପ୍ରସ୍ତୁତି ଆଳରେ ଜାଲିଆଁବାଲା ବାଗ୍‌ରେ ଏକ ବିରାଟ ଜନସମାବେଶ । ସେଇଠି ସିଦ୍ଦିକ୍‌ର ଭେଟହୁଏ ଓମ୍‌ପ୍ରକାଶ ସହ । କଟ୍‌ରା ଫତେଖାଁ ରେ ଉଭୟଙ୍କ ଘର ପାଖାପାଖି । ସମବୟସ୍କ ହେଲେ ବି ବନ୍ଧୁ ନୁହେଁ, ଥିଲେ କେବଳ ପରିଚିତ । ସିଦ୍ଦିକ୍‌ର ବାପା ଚମଡ଼ା ବେପାର କରି କଷ୍ଟେ ମଷ୍ଟେ ଗୁଜୁରାଣ ମେଣ୍ଟାଉଥିବା ବେଳେ ପ୍ରକାଶର ବାପା ଥିଲେ ଜଣେ ନାମ୍‌ଜାଦା ଧନୀ ବ୍ୟବସାୟୀ । ସଭାସ୍ଥଳରେ ଦେଖା ହେବାରୁ ସିଦ୍ଦିକ୍ ହସିଦିଏ । ଉଭୟେ ଭାଷଣ ଶୁଣିବାରେ ମନଦିଅନ୍ତି । ହଠାତ୍ ପାଖରେ କୋଉଠି ଗୁଳି ଫୁଟିବାର ଶବ୍ଦ । କ'ଣ ହୋଇଛି ବୋଲି ଚିନ୍ତା କରିବା ପୂର୍ବରୁ ଗୁଳିଟିଏ ଆସି ପ୍ରକାଶର କାନ୍ଧରେ ଗଳିଯିବାରୁ ଚିତ୍କାର କରି ସେ ମୁହଁମାଡ଼ି ପଡ଼ିଯାଏ । ସିଦ୍ଦିକ୍ ତାକୁ ଦେଖିବା ପାଇଁ ନଇଁ ପଡ଼ିବା ବେଳେ ଗୋଟେ ଗୁଳି ତା'ଗୋଡ଼ରେ ବାଜେ । ତା'ପରେ ଗୁଳିର ବର୍ଷା ସେଇ ଜନସମାବେଶକୁ ଲକ୍ଷ୍ୟ କରି । ଅନେକ ଧାଇଁ ପଳାଇଯିବାକୁ ପ୍ରୟାସରତ ଥିବାବେଳେ କେତେକ ଟଳିପଡୁଥାନ୍ତି ଗୁଳିବିଦ୍ଧ ହୋଇ । ଉପସ୍ଥିତ ହିନ୍ଦୁ, ମୁସଲମାନ ଓ ଶିଖ୍‌ଙ୍କ ରକ୍ତ କୌଣସି ବାଛବିଚାର ନରଖି ଗୋଟେ ଧାର ହୋଇ ବୋହିଯାଏ ଆଗକୁ । ସିଦ୍ଦିକ୍ ହାମୁଡ଼ି ପଡ଼ିଥାଏ ପ୍ରକାଶ ଉପରେ । କିଛି ସମୟ ପରେ ସେମାନେ ଆଣ୍ଠେଇ ଆଣ୍ଠେଇ ଗୋଟେ ଅଳ୍ପ ଉଚ୍ଚତା ବିଶିଷ୍ଟ ପାଚେରୀ ପାଖରେ ପହଞ୍ଚି ଯାଆନ୍ତି । ତାକୁ ଡେଇଁ ଆରପଟକୁ ଯାଇହେବ । କିନ୍ତୁ ଡେଇଁଲା ବେଳେ ଗୁଳି ବାଜିବାର ଯଥେଷ୍ଟ ସମ୍ଭାବନା । କାନ୍ଥକୁ ଲାଗି ସିଦ୍ଦିକ୍ ଚାରିଗୋଡ଼ିଆ ହୋଇ ପ୍ରକାଶକୁ କହେ ତା' ପିଠି ଉପରେ ଚଢ଼ି ପାଚେରୀ ଆରପଟକୁ ଡେଇଁ ପଡ଼ିବା ପାଇଁ । ହେଲେ ଡେଇଁବା ବେଳେ ଗୋଟେ ଗୁଳି ଆସି ବାଜେ ପ୍ରକାଶ ଦେହରେ । କାଳ ବିଳମ୍ବ ନକରି ସିଦ୍ଦିକ୍ ପାଚେରୀ ଉପରେ ଚଢ଼ିଯାଏ । ସେଇ ସମୟରେ ଦ୍ୱିତୀୟ ଗୋଡ଼ରେ ବି ଗୁଳି ବାଜିବାରୁ ସେ କଚାଡ଼ି ହୋଇପଡ଼େ ପ୍ରକାଶ ଉପରେ । ଶୀଘ୍ର ଉଠି "ତୋତେ ଅଧିକ ଆଘାତ ଲାଗିନିତ ପ୍ରକାଶ" ବୋଲି ପଚାରିବା ବେଳକୁ ସେ ଆଉ ଉତ୍ତର ଦେବା ଅବସ୍ଥାରେ ନଥାଏ । ପ୍ରାଣପକ୍ଷୀ ଉଡ଼ିଯାଇଥିବାରୁ କେବଳ ପଡ଼ି ରହିଥାଏ ନିସ୍ପନ୍ଦ ଶରୀରଟି । ଡାହାଣ ହାତ ଆଙ୍ଗୁଠିରେ ଚକ୍ ଚକ୍ କରୁଥାଏ ହୀରକ ଖଚିତ ମୁଦ୍ରିକା । ପେଣ୍ଟ ପକେଟ୍‌ରେ ଥାଏ ମୋଟା ନୋଟ୍ ବିଡ଼ାଟିଏ । ପ୍ରକାଶର ମୃତଦେହକୁ କାନ୍ଧେଇ ସିଦ୍ଦିକ୍ ଘର ଆଡ଼କୁ ମୁହାଁଏ । ଉଭୟ ଗୋଡ଼ର କ୍ଷତରୁ ପ୍ରଚୁର ରକ୍ତସ୍ରାବ । ଅସହ୍ୟ ଯନ୍ତ୍ରଣାରେ ଥରିଯାଉଥାଏ ସମଗ୍ର ଶରୀର । ହୀରାର ମୁଦି ଓ ପକେଟ୍‌ରେ ଥିବା ନୋଟ୍‌ବିଡ଼ା କେତେକ'ଣ କହନ୍ତି । ରାସ୍ତାର ଲୋକେ ନାନାକଥା ବୁଝାନ୍ତି । ହେଲେ ସେ କାହାର କିଛି ଶୁଣେନି । କଟ୍‌ରା ଫତେଖାଁ ପହଞ୍ଚି ସେ ସମସ୍ତଙ୍କୁ କହେ, "ଏଇ ନିଅ ହୀରାର ମୁଦି, ଏଇ ନିଅ ନୋଟ୍ ବିଡ଼ା ଓ ଏଇ ନିଅ ଜଣେ ଶହୀଦ୍‌ର ମୃତ ଶରୀର ।" ଏତିକି କହି ସେ ବି ସେଇଠି ଟଳିପଡ଼େ । ସହରରେ ଉଭୟଙ୍କର ବଳିଦାନ କଥା ଦୀର୍ଘଦିନ ଯାଏଁ ଚର୍ଚ୍ଚାର ବିଷୟ ହୋଇ ରହିଥିଲା ।

ସେଇଦିନ ସାରା ସହର ନିସ୍ତବ୍ଧ । ଶହ ଶହ ମୃତଦେହ ଜାଲିଆଁବାଲା ବାଗ୍ ଠାରେ ପଡ଼ିଥାଏ । ଆଇନ୍ ଶୃଙ୍ଖଳା ରକ୍ଷା ଉଦ୍ଦେଶ୍ୟରେ ସନ୍ଧ୍ୟା ପରଠାରୁ ସମଗ୍ର ସହରରେ କର୍ଫ୍ୟୁ ଜାରି ହେବାର ଘୋଷଣା । 'କୁଚା (ଗଳି) ରାମଦାସ୍' ର ଦୁଇଜଣ ମୁସଲମାନ ସ୍ତ୍ରୀଲୋକ ଜଣେ ଜଣେ ହିନ୍ଦୁ ଓ ଶିଖ୍ ସ୍ତ୍ରୀଲୋକଙ୍କ ସହ ସନ୍ଧ୍ୟା ପୂର୍ବରୁ ବଜାରରୁ କିଛି ପରିବା କିଣିବା ଉଦ୍ଦେଶ୍ୟରେ ବାହାରନ୍ତି । ଗୁରୁଦ୍ୱାରା ସାମ୍ନା ଦେଇ ଗଲାବେଳେ ସମସ୍ତେ ଭକ୍ତିରେ ମୁଣ୍ଡ ନୁଆଁଇ ସମ୍ମାନ ଜଣାନ୍ତି । ଶୀଘ୍ର ଫେରିବାର ଥିବାରୁ ସେମାନେ ତରତର ହେଉଥାନ୍ତି । ସାରା ସହରରେ ଚାପା ଉତ୍ତେଜନା ସାଙ୍ଗକୁ ଶହ ଶହ ଶହୀଦଙ୍କ ରକ୍ତର ଡାକ ଗଗନ ପବନରେ ମୁଖରିତ ହେଉଥାଏ । ଫେରିବା ବେଳକୁ ତଥାପି ତାଙ୍କର ଟିକିଏ ବିଳମ୍ବ ହୋଇଯିବାରୁ ଛାନିଆଁ ହୋଇ ବେଗମ୍ କହେ – "ଆସ, ଏଇ ଅନ୍ଧାରୀ ଗଳି ଦେଇ ବାହାରିଗଲେ ଶୀଘ୍ର ପହଞ୍ଚିଯିବା ଘର ପାଖରେ ।" ପାରୋ କହେ – "ହେଲେ ଏଠି ଯେ ଗୋରା ସିପାହୀମାନେ ପହରା ଦେଉଛନ୍ତି !" ଶାମ୍ କୌର୍ କହେ – "ଆଉ ଗୋରାଙ୍କ ଠାରେ କୌଣସି ଭରସା ନାହିଁ ।" ଜୈନବ୍ କହେ – "ସେମାନେ ସ୍ତ୍ରୀଲୋକଙ୍କୁ କିଛି କହିବେନି । ଆମେ ଓଢ଼ଣା ଟାଣି ଶୀଘ୍ର ଶୀଘ୍ର ବାହାରିଯିବା । ଚାଲ ଜଲଦି ।" ପହରା ଦେଉଥିବା ସିପାହୀ ସେମାନଙ୍କୁ ଫର ଫର ହୋଇ ଉଡୁଥିବା ୟୁନିୟନ୍ ଜ୍ୟାକ୍ କୁ ସଲାମ୍ କରିବାକୁ ନିର୍ଦ୍ଦେଶ ଦିଏ । ସେମାନେ ଛାନିଆଁ ହୋଇ ସଲାମ୍ କରନ୍ତି । ତା'ପରେ କଡ଼ା ଆଦେଶ ଗଳିର ଏମୁଣ୍ଡରୁ ସେମୁଣ୍ଡ ପର୍ଯ୍ୟନ୍ତ ଆଣ୍ଠେଇ ଆଣ୍ଠେଇ ଯିବାକୁ । ସେମାନେ ଆଣ୍ଠେଇ କରି ଯାଇ ପାରିବେନି ବୋଲି ଜୈନବ୍ କହେ ମୁହଁ ଉଠାଇ । ଏହା କିନ୍ତୁ ସରକାରଙ୍କ ନିର୍ଦ୍ଦେଶ, ମାନିବାକୁ ପଡ଼ିବ ସମସ୍ତଙ୍କୁ । ଶାମ୍ କୌର କାହା କଥା ନଶୁଣି ତଗଡଗ ହୋଇ ଆଗକୁ ବଢ଼ିଯାଏ । ଢୋ .... ଗୁଳି ବାଜି ଶାମ୍‌କୌର ଟଳିପଡ଼େ । ତା' ପଛେ ପଛେ ଜୈନବ୍ ଓ ବେଗମ୍ ମଧ୍ୟ ଆଗେଇ ଯାଆନ୍ତି । ତାଙ୍କ ପିଠିରେ ବି ଗୁଳି ବାଜେ । ଏଥର ପାଳି ପାରୋର । ସେ କାନ୍ଦି ପକାଏ । ଏବେ ତା'ର ବଳିଦାନର ସମୟ ଉପଗତ । ସେ ମରିବାକୁ ଚାହୁଁନାହିଁ କିନ୍ତୁ ତାକୁ ମରିବାକୁ ହିଁ ପଡ଼ିବ । ସେ ତା' ଭଉଣୀମାନଙ୍କ ସହିତ ଆସିଥିଲା ଯେତେବେଳେ ସାଥିରେ ଯିବ ନିଶ୍ଚୟ । ପାରୋ କାନ୍ଦି କାନ୍ଦି ଆଗକୁ ବଢ଼େ । କାନ୍ଦିବାର ଆଦୌ ଆବଶ୍ୟକତା ନାହିଁ ବୋଲି ଗୋରା ସୈନିକ ତାକୁ କେତେ ବୁଝାଏ । ସରକାରଙ୍କ ହୁକୁମ୍ ମାନି ଆଣ୍ଠେଇ ଆଣ୍ଠେଇ ଗଳିର ଏମୁଣ୍ଡରୁ ସେମୁଣ୍ଡକୁ ଚାଲିଗଲେ କଥା ଛିଣ୍ଡିଲା । ଏଥିରେ କାନ୍ଦିବାର କ'ଣ ଅଛି ? ଗୋରା ନିଜେ ଆଣ୍ଠେଇ ପଡ଼ି କେମିତି ଚାଲିବାକୁ ହେବ ତାହା ବତାଇ ଦିଏ ମଧ୍ୟ । ପାରୋ କାନ୍ଦି କାନ୍ଦି ତା' ପାଖକୁ ଆସେ । ଗୋରା ଠିଆ ହେବାରୁ ସେ ତା' ମୁହଁକୁ ଲଣ୍ଡାଏ ଛେପ ପକାଇ ଆଗକୁ ବଢ଼ିଯାଏ । ଠିକ୍ ଗଳିର ମଝାମଝି ହୋଇଥିବ ପଛରୁ ଢୋ କରି ଗୁଳି ଫୁଟେ । ଚାରିଜଣଙ୍କ ଭିତରୁ ଯିଏ ସବୁଠାରୁ ଅଧିକ ଦୁର୍ବଳ ଓ ଭୟାଳୁ ଥିଲା ସେ ସମସ୍ତଙ୍କ ଆଗକୁ ଯାଇ ରାସ୍ତା ଉପରେ ଟଳିପଡ଼େ । ପାରୋ, ଜୈନବ୍, ବେଗମ୍ ଓ ଶାମ୍‌କୌର । ଏମାନେ ଓଢ଼ଣା ଟାଣି ଘର କୋଣେ ରହୁଥିବା ସ୍ତ୍ରୀଲୋକ । ଶରୀର ଗୁଳିବିଦ୍ଧ ହୋଇ ଟଳିପଡ଼ିଥିଲା ସିନା କିନ୍ତୁ ସେମାନଙ୍କ ପାଦ ଆଦୌ ଟଳମଳ ହୋଇ ନଥିଲା ସେଦିନ । ତାଙ୍କର ଆତ୍ମା ସେମାନଙ୍କୁ କହିଥିଲା ଗୋରାର ହୁକୁମ୍ ଆଗରେ ମୁଣ୍ଡ ନ ନୁଆଁଇବା ପାଇଁ । ଶହ ଶହ ବର୍ଷର ଗୋଲାମି ପରେ ଆସିଛି ସେଇ କ୍ଷଣ । ସାରା ହିନ୍ଦୁସ୍ଥାନ ଜାଗ୍ରତ ହୋଇ ମୁଣ୍ଡ ଉଠାଇ ଛାତି ଫୁଲାଇ ଆଗକୁ ବଢୁଛି । ସେମାନଙ୍କ ସହ ଆଗଉଛି ସ୍ୱାଧୀନତାର ବିଜୟ ଜୈତ୍ରୀ । ସେଦିନ ଦେଶ, ସଭ୍ୟତା ତଥା ଧର୍ମର ସର୍ବମାନ୍ୟ ପରମ୍ପରା ହୋଇ ଉଠିଛି ଜୀବନ୍ତ । ସେଦିନ ମାନବତାର ଶିର ଗର୍ବୋନ୍ନତ । ସେଇ ଚାରିଜଣ ଅବଗୁଣ୍ଠନବତୀଙ୍କ ବୀରପଣିଆଁକୁ ସମଗ୍ର ସହର ଲକ୍ଷ ଲକ୍ଷ ସଲାମ କରିଛି । ଏହାଥିଲା ୧୯୧୯ର ଅମୃତସର । ସିଦ୍ଦିକ୍ ଓ ପ୍ରକାଶର ଅମୃତସର । ପାରୋ, ଜୈନବ୍, ବେଗମ୍ ଓ ଶାମ୍‌କୌରଙ୍କ ଅମୃତସର ।

ସମୟ ଗଡ଼ିଚାଲେ ଆଗକୁ । ସ୍ୱାଧୀନତା ସଂଗ୍ରାମ ଏକ ଭିନ୍ନ ମୋଡ଼ ନିଏ ଜାଲିଆଁବାଲା ବାଗ୍ ହତ୍ୟାକାଣ୍ଡ ପର ଠାରୁ । ହଜାର ହଜାର ଶହୀଦଙ୍କ ବଳିଦାନର ଫଳ ସ୍ୱରୂପ ୧୯୪୭ ମସିହାରେ ଦେଶ ସ୍ୱାଧୀନ ହୁଏ ବ୍ରିଟିଶ୍‌ଙ୍କ କବଳରୁ । କିନ୍ତୁ ଏତେବେଳକୁ ବିଭେଦର ମଞ୍ଜି ବୁଣା ସରିଥାଏ ଦେଶବାସୀଙ୍କ ଭିତରେ । ସେମାନେ ଭାଗ ଭାଗ ହୋଇ ସାରିଥାନ୍ତି ଧର୍ମ, ଭାଷା ତଥା ଜାତି ଭିତ୍ତିରେ । ସ୍ୱାଧୀନତା ପ୍ରାପ୍ତି ବେଳକୁ ଦେଶ ହୋଇଯାଏ ଖଣ୍ଡଖଣ୍ଡ । ଏକଦା ରାଷ୍ଟ୍ରୀୟତାର କେନ୍ଦ୍ର ଥିବା ଅମୃତସରର ଜନସାଧାରଣ ମଧ୍ୟ ହିନ୍ଦୁ, ମୁସଲମାନ ତଥା ଶିଖ୍ ସମ୍ପ୍ରଦାୟ ଭାବେ ଭାଗ ଭାଗ ହୋଇଯାଇଥାନ୍ତି । ଅମୃତସର ଭାରତ ଭାଗରେ ପଡ଼ିଥିବା ବେଳେ ତା'ଠାରୁ ୫୦ କିଲୋମିଟର ଦୂର ଲାହୋର ପଡ଼ିଥାଏ ପାକିସ୍ଥାନ ଭାଗରେ । ଲାହୋରରୁ ହଜାର ହଜାର ସଂଖ୍ୟାରେ ହିନ୍ଦୁ ତଥା ଶିଖ୍ ଲୋକଙ୍କ ମୃତ ଦେହ ଟ୍ରେନ୍‌ରେ ବୋଝେଇ ହୋଇ ଆସି ପହଞ୍ଚେ ଅମୃତସର ଷ୍ଟେସନ୍‌ରେ । ଡବା ବାହାରେ ସ୍ଥାନେ ସ୍ଥାନେ ବଡ଼ ବଡ଼ ଅକ୍ଷରରେ ଲେଖା ହୋଇଥାଏ "ହାଣିବା ପାକିସ୍ଥାନ ଠୁଁ ଶିଖ" । ଅମୃତସର ଛାଡୁଥିବା ଟ୍ରେନ୍‌ରେ ସେଇଭଳି ଲେଖାହୁଏ ତା'ର ପ୍ରତିକ୍ରିୟା – "ପ୍ରତିଶୋଧ ନେବା ହିନ୍ଦୁସ୍ଥାନ ଠୁଁ ଶିଖ" । ମଣିଷ ଧର୍ମ ନାଁରେ ପାଗଳ ହୋଇଯାଏ । ପଶୁ ହୋଇଯାଏ । ରାକ୍ଷସ ହୋଇଯାଏ । ଆଇନ୍ ଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ । ଲୁଟ୍, ହତ୍ୟା, ଧର୍ଷଣ, ଅପହରଣ ତଥା ଜଳାପୋଡ଼ାରେ ଏକଦା ରାଷ୍ଟ୍ରୀୟତାର କେନ୍ଦ୍ର ବୋଲାଉଥିବା ସହର ସ୍ୱାଧୀନ ଭାରତରେ ଏବେ ନିଜର ପରିଚୟକୁ ସଜାଡୁଥାଏ କି ବିଗାଡୁଥାଏ କିଏ କହିବ !!!

ଗାନ୍ଧିକ ଶୀଘ୍ର ଶୀଘ୍ର 'କୁଚା ରାମଦାସ୍'ରେ ଆପଣା କାମ ସାରି ଘର ଆଡ଼କୁ ମୁହାଁଉଥାନ୍ତି । ସନ୍ଧ୍ୟା ଆଗତପ୍ରାୟ । ସମଗ୍ର ସହରରେ କର୍ଫ୍ୟୁ ଜାରି ହେବାର ସମୟ ପାଖେଇ ଆସୁଥାଏ । ଗୁରୁଦ୍ୱାରା ସମ୍ମୁଖରେ ମୁଣ୍ଡ ନୁଆଁଇ ଆଗକୁ ବଢ଼ିଲା ବେଳେ ଭାବନ୍ତି ଅନ୍ଧାରି ଗଳି ବାଟେ ପଶିଗଲେ ଶୀଘ୍ର ଘର ପାଖରେ ପହଞ୍ଚିଯିବେ ବୋଲି । ଏଇଟା ସେଇ ଗଳି ଯେଉଁଠି ଜାଲିଆଁବାଲା ବାଗ୍ ହତ୍ୟାକାଣ୍ଡ ଦିନ ଲୋକଙ୍କୁ ଆଣ୍ଠେଇ ଆଣ୍ଠେଇ ଯିବାକୁ ବାଧ୍ୟ କରା ହେଉଥିଲା ଗୋରା ସିପାହୀଙ୍କ ଦ୍ୱାରା । ଗାନ୍ଧିକ ତା'ଭିତର ଦେଇ ଆଗକୁ ବଢ଼ନ୍ତି । ଜନଗହଳିପୂର୍ଣ୍ଣ ଅଞ୍ଚଳର ଖୁବ୍ ସଂକୀର୍ଣ୍ଣ ଗଳି ହୋଇଥିବାରୁ ଦିନବେଳା ବି ସୂର୍ଯ୍ୟାଲୋକ ସେଠାରେ ପ୍ରବେଶ କରି ପାରେନି । ତେଣୁ ତା'ର ନାମକରଣ ସେଇଭଳି । ସେଇଠି ୮/୧୦ ଘର ମୁସଲମାନ ସମ୍ପ୍ରଦାୟର ଲୋକ ରହୁଥିଲେ । ତାଙ୍କ ଘରଗୁଡ଼ିକୁ ଲୁଟ୍ କରିବା ପରେ ସେଥିରେ ନିଆଁ ଲଗାଇ ଦିଆଯାଇଥାଏ । ରାସ୍ତା ଉପରେ ଏଠି ସେଠି ସ୍ତ୍ରୀଲୋକଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ପଡ଼ିଥାଏ । ଆଗକୁ ଯାଇହେବନି ଭାବି ଲେଉଟି ଆସିଲା ବେଳେ କାହାର ଯନ୍ତ୍ରଣା ଜନିତ ଚିତ୍କାର ଶୁଣି ଚମକି ପଡ଼ନ୍ତି ଗାନ୍ଧିକ । ଶବଗଦା ଭିତରୁ ବୁଢ଼ୀଟିଏ ହାମୁଡ଼ି ହାମୁଡ଼ି ନିଜକୁ ବାହାର କରିବାକୁ ଚେଷ୍ଟା କରୁଥାଏ । ଗାନ୍ଧିକ ଯାଇ ତାଙ୍କୁ ସାହାଯ୍ୟ କରନ୍ତି । ବୁଢ଼ୀଟି ଥରୁଥିବା ଅବସ୍ଥାରେ ଥଙ୍ଗେଇ ଥଙ୍ଗେଇ କହେ – "ପାଣି ମୁନ୍ଦିଏ ଦିଅନ୍ତୁନି ବାପ ।" ଗାନ୍ଧିକ ଧାଇଁଯାଇ ଗୁରୁଦ୍ୱାରା ପାଖ ନଳରୁ ଆଞ୍ଜୁଳାରେ ପାଣି ଆଣି ବୁଢ଼ୀକୁ ପିଆନ୍ତି । ପାଣି ପିଇସାରି ଆଶୀର୍ବାଦ ଦିଏ ବୁଢ଼ୀ । ଗାନ୍ଧିକ ତାଙ୍କୁ ଧରାଧରି କରି ଉଠାଇବାକୁ ଚେଷ୍ଟା କରୁ କରୁ ପଚାରନ୍ତି ତାଙ୍କର କୋଉଠାରେ ଆଘାତ ଲାଗିଛି ବୋଲି । ବୁଢ଼ୀ ଅଟକି ଅଟକି କ୍ଷୀଣସ୍ୱରରେ କହେ – "ମୋତେ କାହିଁକି ଉଠାଉଛୁରେ ବାପ ? ମୁଁ ଏଇଠି ମରିବି ନିଜ ଝିଅବୋହୂଙ୍କ ମଝିରେ । କୋଉଠି ଆଘାତ ଲାଗିଛି ବୋଲି ପଚାରୁଛୁ ? ବହୁତ ଶକ୍ତ ଆଘାତ ଲାଗିଛି । ହୃଦୟରେ ଗଭୀର କ୍ଷତ । ତୁମେମାନେ ଏଥିରୁ କେମିତି ନିସ୍ତାର ପାଇବ କେଜାଣି ? ଯାହା କରୁଛ ସେଥିପାଇଁ କ'ଣ ଖୁଦା ତୁମକୁ କେବେହେଲେ କ୍ଷମା କରିବେ ?" ଧଇଁସଇଁ ହୋଇ କିଛି ସମୟ ଚୁପ୍ ହୋଇଯାଏ ବୁଢ଼ୀ । ନିଶ୍ୱାସ ଫେରିବାରୁ ପୁଣି ଆରମ୍ଭ କରେ – "ପ୍ରଥମେ ସେମାନେ ଆମ ପୁରୁଷମାନଙ୍କୁ ମାରିଦିଅନ୍ତି । ତା'ପରେ ଘର ଲୁଟିବା ସହ ଆମକୁ ଘୋଷାଡ଼ି ଆଣନ୍ତି ବାହାରକୁ । ପବିତ୍ର ଗୁରୁଦ୍ୱାରା ସାମ୍ନାରେ ଝିଅବୋହୂଙ୍କ ଇଜ୍ଜତ୍ ଲୁଟିବା ପରେ ଟିକ୍ ଟିକ୍ କରି ହାଣିପକାନ୍ତି ରାକ୍ଷସଗୁଡ଼ାକ । ମୁଁ ତ ସେମାନଙ୍କର ଜେଜେମା' ବୟସର । ତାହାଳ କୁକୁରମାନେ ମୋତେ ବି ଛାଡ଼ନ୍ତିନି । ତୁ ଜାଣିଛୁ, ଏଇଟା ଅମୃତସର । ଏଇଟା ମୋ ସହର । ମସଜିଦ୍‌କୁ ସଲାମ୍ କରିବା ଭଳି ଏଇ ପବିତ୍ର ମୁକଦ୍ଦସ୍ ଗୁରୁଦ୍ୱାରା ସମ୍ମୁଖରେ ମଧ୍ୟ ମୁଁ ପ୍ରତିଦିନ ମୁଣ୍ଡ ନୁଆଉଁଥିଲି । ଆମ ଗଳିରେ ହିନ୍ଦୁ, ମୁସଲମାନ ତଥା ଶିଖ୍ ଶହଶହ ବର୍ଷ ଧରି ଭାଇ ଭାଇ ଭଳି ରହି ଆସିଥିଲେ । ମୁଁ କିଏ ଜାଣିଛୁ ବାପ ? ମୁଁ ଜୈନବ୍‌ର ମାଁ । ଜୈନବ୍ କିଏ ତୁ ଜାଣିନୁ !! ଜାଲିଆଁବାଲା ଦିନ ଏଇ ଗଳିରେ ଯିଏ ଗୋରା ସିପାହୀଙ୍କ ଆଗରେ ମୁଣ୍ଡ ନୁଆଁଇ ନଥିଲା । ନିଜ ଦେଶ ଓ ଜାତିର ସମ୍ମାନକୁ ଉଚ୍ଚରେ ରଖି ସେ ଏଇ ଗଳି ଦେଇ ବାହାରି ଯାଇଥିଲା । ଏଇଟା ସେଇ ସ୍ଥାନ ଯେଉଁଠି ଝିଅ ମୋର ଶହୀଦ୍ ହୋଇଥିଲା । ମୁଁ ତୁମମାନଙ୍କୁ କାହାକୁ ଛାଡ଼ିବିନି । ମୋତେ ଠିଆ କରିଦେ । ମୁଁ ଏଇ ଅବସ୍ଥାରେ ଲିଡରମାନଙ୍କ ପାଖକୁ ଯିବି । ସେମାନଙ୍କୁ କହିବି ମୁଁ ଜୈନବ୍‌ର ମାଁ ବୋଲି । ଅମୃତସରର ମାଁ ବୋଲି । ପଞ୍ଜାବ୍‌ର ମାଁ ବୋଲି । ତୁମେସବୁ ମୋତେ ବରବାଦ୍ କରିଛ । ଏଇ ବୁଢ଼ୀ ବୟସରେ ମୋ ମୁହଁ କଳା କରିଛ । ମୋ ଝିଅବୋହୂଙ୍କ ଇଜ୍ଜତ୍ ଲୁଟି ତାଙ୍କୁ ଟିକ୍ ଟିକ୍ କରି ହାଣିଛ । ମୁଁ ସେମାନଙ୍କୁ ପଚାରିବି ଜୈନବ୍ କ'ଣ ଏଇଭଳି ସ୍ୱାଧୀନତା ପ୍ରାପ୍ତିର ଆଶାରେ ଶହୀଦ୍ ହୋଇଥିଲା କି ବୋଲି ।

ହଠାତ୍ ରକ୍ତବାନ୍ତି କରି ଗାନ୍ଧିକଙ୍କ କୋଳରେ ଗଡ଼ିପଡ଼ନ୍ତି ବୃଦ୍ଧା । ଅଳ୍ପ କିଛିକ୍ଷଣ ଭିତରେ ଶୀତଳ ହୋଇଯାଏ ଶରୀର । ଗାନ୍ଧିକଙ୍କ ଆଖି ଆଗରେ ଜଣଜଣ କରି ଆସି ଠିଆ ହେଉଥାନ୍ତି ସିଦ୍ଦିକ୍, ଓମ୍‌ପ୍ରକାଶ, ଶାମ୍‌କୌର, ଜୈନବ୍, ବେଗମ୍ ଓ ପାରୋ । ସମସ୍ତେ ଏକସ୍ୱରରେ କହୁଥାନ୍ତି ସେମାନେ ପୁଣି ତାଙ୍କ ଅମୃତସରକୁ ଫେରିବେ ବୋଲି । କାରଣ ସେମାନେ ମଣିଷ । ସେମାନେ ନିର୍ମାଣର ଧ୍ୱଜାଧାରୀ । ଯୁଗେ ଯୁଗେ ବିନାଶ ଉପରେ ନିର୍ମାଣ ଜୟଲାଭ କରି ଆସିଛି । ମଣିଷର କେବେ ମୃତ୍ୟୁ ନଥାଏ । ସେ ଅଜର ଅମର । ନିର୍ମାଣର ପୁଣି ଜୟ ହେବ । ରାଷ୍ଟ୍ରୀୟତାର କେନ୍ଦ୍ର ଅମୃତସରକୁ କେହି କେବେ ବିକୃତ କରି ପାରିବେ ନାହିଁ । (ସମାପ୍ତ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com



## ଆଉଜା କବାଟ (୪୯)



# ଭାଷାର ଅସ୍ମିତା : ଆମ ପରିଚୟ(୧)

ଡ. ରାଧାରଂଜନ ପଟ୍ଟନାୟକ

ମଣିଷ ନିଜ ବିଚାରର ଅଭିବ୍ୟକ୍ତି କୌଣସି ନା କୌଣସି ଭାଷା ମାଧ୍ୟମରେ ହିଁ ବ୍ୟକ୍ତ କରିଥାଏ। ଭାଷାର ଅଭାବରେ କୌଣସି ରାଷ୍ଟ୍ରର ପ୍ରଗତି ତଥା ସାଂସ୍କୃତିକ ଉ ।ନର କଳ୍ପନା କରାଯାଇନପାରେ। ସାହିତ୍ୟ, ସଂଗୀତ, କଳା, ବିଜ୍ଞାନ ଓ ଇତିହାସର ମୂଳ ଆଧାର ହିଁ ଭାଷା। ଭାଷା କେବଳ ବୋଧଶକ୍ତିର ପରିଚୟ ନୁହେଁ: ବରଂ ସାମାଜିକ, ନୈତିକ, ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ମୂଲ୍ୟବୋଧର ଆତ୍ମିକ ସ୍ପନ୍ଦନ।

ଲର୍ଡ ମେକେଲ ଭାଷାର ମହତ୍ୱ ସମ୍ପର୍କରେ ଖୁବ୍ ଭଲ ଭାବରେ ହୃଦୟଙ୍ଗମ କରିଥିଲେ। ୨ ଫେବୃୟାରୀ ୧୮୩୫ ମସିହାରେ ବ୍ରିଟିଶ୍ ସଂସଦରେ ପ୍ରଦତ୍ତ ଭାଷାଭିତ୍ତିକ ବିଶ୍ଳେଷଣ ସମ୍ପର୍କରେ ନିଜର ମତ ରଖିଥିଲେ କହିଥିଲେ, ' ମୁଁ ଭାରତର ପ୍ରତିଟିସ୍ଥାନ ଭ୍ରମଣ କରିଛି। ଏହି ଦେଶରେ ମୁଁ ଏମିତି ସମୃଦ୍ଧି ଓ ପ୍ରତିଭା ଦେଖିଛି, ଯାହାକି ବିଶ୍ୱରେ ବିରଳ। ଏପରିକି, ଏଇ ଦେଶରେ ଗୋଟିଏ ବି ତସ୍କରି ବୃତ୍ତି କରୁଥିବା ବ୍ୟକ୍ତି ବିଶେଷଙ୍କୁ ଦେଖି ପାରିଲି ନାହିଁ। ସୁତରାଂ, ମୁଁ ବୁଝିପାରୁନାହିଁ ଯେ, ଏପରିକି ଦେଶକୁ ଦୀର୍ଘ ଦିନ ଧରି ଆମ ହାତମୁଠାରେ ରଖି ହେବ। ଯେତେଦିନ ପର୍ଯ୍ୟନ୍ତ ଏହାର ସଂସ୍କୃତି ଏବଂ ନୈତିକ ମେରୁଦଣ୍ଡକୁ ଭାଙ୍ଗି ଦିଆନଯାଇଛି, ସେତେ ଦିନ ପର୍ଯ୍ୟନ୍ତ ଏହା ଉପରେ ଆମ ଶାସନ ଦୀର୍ଘସ୍ଥାୟୀ ହେବ ନାହିଁ।' ସମ୍ଭବତଃ ସେ ଏଥିପାଇଁ ବ୍ରିଟିଶ ସଂସଦରେ ନିଜସ୍ୱ ପ୍ରସ୍ତାବ ରଖି କହିଥିଲେ ସର୍ବ ପ୍ରଥମେ ଭାରତର ପ୍ରାଚୀନ ଶିକ୍ଷା ପଦ୍ଧତି ଓ ସଂସ୍କୃତିକୁ ବଦଳାଇବା ଦରକାର। ନ ହେଲେ ଆମେ ଭାରତକୁ ହାତ ଛଡ଼ା କରିଦେବା। ଲର୍ଡ ମେକେଲଙ୍କ ଶିକ୍ଷା ନୀତି ଭାରତୀୟମାନଙ୍କୁ ସେମାନଙ୍କର ଭାଷାଠାରୁ ଭିନ୍ନ କରି ଚିର ଦିନ ପାଇଁ ପଙ୍ଗୁ କରିଦେବାର ପ୍ରଚ୍ଛିନ୍ନ ପ୍ରୟାସ ଥିଲା। ଫଳରେ ଏମିତି ହେଲା ଯେ, ଭାରତ ବର୍ଷରୁ ଇଂରେଜମାନେ ଛାଡ଼ିବାର ଅନେକ ଦଶନ୍ଧି ହୋଇ ଯାଇଥିଲେ ମଧ୍ୟ ଆମେ ଏବେ ବି ଇଂରାଜୀ ଭାଷା ନିକଟରେ ବନ୍ଧା ପଡିଛୁ। ଇଂରାଜୀ ଶବ୍ଦପୁଞ୍ଜ ସତେ ଯେମିତି ଆମ ଉପରେ ସବାର ହୋଇଯାଇଛି। ଏଥିରୁ ମୁକୁଳିବା ପାଇଁ ନା କେହି ବାଟ ଖୋଜୁଛନ୍ତି, ନା କେହି ଉଚିତ୍ ମାର୍ଗ ଦେଖାଉଛନ୍ତି। ବିଡମ୍ବନାର ବିଷୟ ସାଧାରଣ ବର୍ଗଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଫିସର ଏବଂ ରାଜନେତା ଯାଏଁ ପ୍ରତ୍ୟେକ ଇଂରାଜୀ ଭାଷା ଓ ସଂସ୍କୃତିର ଜାପାମାଳି କରୁଛନ୍ତି। ନିଜ ଭାଷା ଏବଂ ସଂସ୍କୃତି ପ୍ରତି ଉଦାରତାର ଅଭାବ ଦୃଷ୍ଟିଗୋଚର ହେଉଛି।

ଇଂରେଜ ମାନେ ଭାରତ ମାଟିରୁ ବିଦାୟନେବା ପରେ ଗଣତନ୍ତ୍ରର ପ୍ରତିଷ୍ଠା ହେଲା ସତ; ହେଲେ ଭାରତୀୟ ଭାଷା ପ୍ରତି ସେପରି କୌଣସି ଆନ୍ତରିକତାର ଭାବ ପ୍ରତିଷ୍ଠା କରାଯାଇପାରିଲା ନାହିଁ। ମାତ୍ର ଏକ୍ଷେତ୍ରରେ ସୋଭିଏତ୍ ଋଷ ଆମ୍ଭମାନଙ୍କୁ ଆମ ମାତୃଭାଷା ସମ୍ପର୍କରେ ବୁଝାଇବାକୁ ଭରପୂର ପ୍ରୟାସ କରିଥିଲେ। ଗୋଟିଏ ବିଦେଶୀ ରାଷ୍ଟ୍ର ଭାରତ ଭଳି ଦେଶକୁ ମାତୃଭାଷା ସମ୍ପର୍କରେ ଅବଗତ କରାଇବା ନିଶ୍ଚିତ ଭାବରେ ଭାଷାପ୍ରତି ଏକ ନିବିଡ଼ତାର ପ୍ରକାଶ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହାରେ ଉଲ୍ଲେଖ କରାଯାଇପାରେ, ଅନ୍ତଃରାଷ୍ଟ୍ରୀୟ ସମ୍ପର୍କକୁ ଦୃଢ଼ କରିବା ଉଦ୍ଦେଶ୍ୟରେ ଜଣେ ଭାରତୀୟ ରାଜନାୟିକ ସୋଭିଏତ୍ ଋଷକୁ ଭାରତ ପକ୍ଷରୁ ରାଜଦୂତ ଭାବେ ନିଯୁକ୍ତି କରି ପଠାଯାଇଥିଲା। ସେହି ସମ୍ମାନନୀୟ ବ୍ୟକ୍ତି ଜଣଙ୍କ ନେଇଥିବା ନିଯୁକ୍ତି ପତ୍ରଟି ଇଂରାଜୀ ଭାଷାରେ ଲେଖାଯାଇଥିବାରୁ ଋଷ ସରକାର ସେ ପତ୍ରକୁ ସ୍ୱୀକାର କରିବା ପାଇଁ ରୋକ୍‌ଠୋକ ମନା କରିଦେଇଥିଲେ। କେବଳ ସେତିକି ନୁହେଁ, ଇଂରାଜୀରେ ଲିଖିତ ପତ୍ର ଗୁଲାମିର ପ୍ରତୀକ ହୋଇଥିବାରୁ କୌଣସି ଗୁଲାମୀ ଦେଶ ସହ ସମ୍ପର୍କ ସ୍ଥାପନ କରିବା ଉଚିତ୍ ନୁହେଁ ବୋଲି ଘୋଷଣା କରିଥିଲେ। ଏହା ଥିଲା ଋଷ ସରକାରଙ୍କର ନୂଆ କରି ସ୍ୱାଧୀନତା ଚାଖିଥିବା ଭାରତ ସରକାରଙ୍କ ପ୍ରତି କଡ଼ା ଆଭିମୁଖ୍ୟ। ତତ୍‌କାଳୀନ ସମୟରେ ଭାଷାକୁ କେନ୍ଦ୍ର କରି ସୋଭିଏତ୍ ଋଷର ଆଭିମୁଖ୍ୟ ଆମର ଉଦାସୀନତା ଉପରେ କଡା ପ୍ରହାର ବ୍ୟତୀତ ଅନ୍ୟକିଛି ନୁହେଁ।

ଭାଷା ପ୍ରତି ଗଭୀର ଅନୁରାଗ ଫ୍ରାନ୍ସର ଏକ ଘଟଣାକ୍ରମରୁ ସ୍ପଷ୍ଟ ହୋଇଥାଏ। ପ୍ରଥମ ବିଶ୍ୱଯୁଦ୍ଧ ପରେ ଫ୍ରାନ୍ସର କିଛି ଭୂଭାଗ ଜର୍ମାନୀ ଅଧୀନକୁ ଚାଲିଗଲା। ଜର୍ମାନର ମହାରାଣୀ ସେହି ସ୍ଥାନରେ ସ୍ଥାପିତ ହୋଇଥିବା ଏକ ବିଦ୍ୟାଳୟକୁ ପରିଦର୍ଶନରେ ଯାଇଥିଲେ। ସେଠାରେ ସେ ପହଞ୍ଚି ଛାତ୍ରଛାତ୍ରୀମାନଙ୍କୁ ଜର୍ମାନୀ ଭାଷାରେ ରାଷ୍ଟ୍ରଗାନ ଶୁଣିବାକୁ କହିବାରୁ କେବଳ ଜଣେ ଛାତ୍ରୀ ରାଷ୍ଟ୍ରଗାନ କରିବାରେ ସଫଳ ହୋଇପାରିଥିଲା। ସେହି ଛାତ୍ରୀଟି ପ୍ରତି ମହାରାଣୀ ଏତେ ଖୁସି ହୋଇଯାଇଥିଲେ ଯେ, ତତ୍‌କ୍ଷଣାତ୍ ସେହି ଛାତ୍ରୀଟିକୁ କିଛି ମାଗିବା ପାଇଁ କହିଲେ। ରାଣୀଙ୍କର ଏଭଳି କଥା ଶୁଣି ଛାତ୍ରୀଙ୍କ ମୁହଁରୁ ଅଚାନକ ଏହି ବାକ୍ୟଟି ଉତ୍ତରି ଆସିଥିଲା- 'ହେ ମହାରାଣୀ, ଶିକ୍ଷାର ମାଧ୍ୟମ ଆମ ପାଇଁ ଫ୍ରେଞ୍ଚ ଭାଷା କରିଦିଅନ୍ତୁ।' ଛାତ୍ରୀଟିର ଏତାଦୃଶ କଥାରେ ମହାରାଣୀ ପ୍ରୀତ ହୋଇ ଉଦାରତାର ସହ ଫ୍ରେଞ୍ଚଭାଷା ପ୍ରଚଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ କୁହାଯାଏ ଭାଷା ପ୍ରତି ନିବିଡ଼ ଅନୁରାଗ।

ଭାଷାର ଅସ୍ମିତା ଉପରେ ଆଜିବି ଲାଗିଛି ପ୍ରଶ୍ନ ଚିହ୍ନ। ଇଂରାଜୀ ଭାଷାରେ ପିଲାଏ ଅଧ୍ୟୟନ କରିବେ ନା  ନିଜ ମାତୃ ଭାଷାରେ ! ଏଭଳି ଏକ ଦ୍ୱନ୍ଦାତ୍ମକ ସମୟ ପରିଧିଭିତରେ ଆମ ଭାଷା ଓ ସାହିତ୍ୟ। ସେଇଥି ପାଇଁ ସମୁଦାୟ ବିଶ୍ୱ ସମ୍ମୁଖରେ ଆମେ ଲଜ୍ୟାଜନକସ୍ଥିତିରେ ରହିଛୁ। କାରଣ ଯେଉଁ ଦେଶ ଆପଣା ମା'ର ଭାଷା ସମ୍ପର୍କରେ ସଚେତନ ନୁହେଁ, ସେ ଦେଶର ନାଗରିକ କେବେବି ସ୍ୱାଧୀନ ଚିନ୍ତାଧାରାର ବ୍ୟକ୍ତି ହୋଇପାରିବ ନାହିଁ।

ଇଂରାଜୀ ଭାଷାର କାଳିସି ଏମିତି ଲାଗିଛି ଯେ, ଖାଇବା-ପିଇବା-ପଢ଼ିବା-ଶୋଇବା-ବିଚାରବିମର୍ଶ-ସମ୍ବୋଧନ ଏବଂ ଅଭିବାଦନର ଭାଷା ମଧ୍ୟ ଇଂରାଜୀ ହୋଇଯାଇଛି। ବଜାରବାଦୀ ଶକ୍ତି ବିଜ୍ଞାପନ ମାଧ୍ୟମରେ ଆମର ସଂସ୍କୃତି ଏବଂ ସଂସ୍କାରକୁ ଧ୍ୱଂସ କରିଦେବା ପାଇଁ ପ୍ରସ୍ତୁତ ହୋଇ ରହିଛନ୍ତି। ଏଠାରେ ପ୍ରଶ୍ନଉଠେ, ଗୋଟିଏ ଜାତିର ସଂସ୍କାର ଏବଂ ସଂସ୍କୃତିର ଅବକ୍ଷୟ ହୁଏ କେମିତି ? ଏହାର ଉତ୍ତରରେ ଏତିକି ମାତ୍ର କୁହାଯାଇପାରେ ଯଦି ଏକ ସମୂହ ଜନତାର କଥାବାର୍ତ୍ତା ଓ ବ୍ୟବହାର ଭାଷାକୁ କୌଣସି ଏକ ନିର୍ଦ୍ଦିଷ୍ଟ ଭାଷା ଉପରେ ଛାଡି ଦିଆଯାଏ, ତେବେ ମାତୃଭାଷାର ସୌଧ ଭୁଷୁଡ଼ି ପଡ଼େ। ସମ୍ପ୍ରତି ଛାତ୍ରଛାତ୍ରୀମାନେ ନିଜ ମାତୃଭାଷା ପ୍ରତି ଅନୁରାଗ ଭାବ ଜାଗ୍ରତ କରିବା ପରିବର୍ତ୍ତେ ଘୋର ଅନୁଦାର ଭାବ ଲକ୍ଷ୍ୟ କରାଯାଉଛି। ଏପରିକି ଅଧ୍ୟପକ ଏବଂ ଅଭିଭାବକ ମାନେ ନିଜ ମାତୃଭାଷା ପ୍ରତି  ସେତେବେଶି ଗୁରୁତ୍ୱ ଦେଉନାହାଁନ୍ତି। ଆଜିର ଯୁବକ କ୍ୟାରିୟର ବିଲ୍ଡିଂ ନାମରେ ନିଜ ଭାଷାପ୍ରତି ବିମୁଖତା ପ୍ରକାଶ କରି ବୈମାତୃକ ଭାବ ପୋଷଣ କରୁଛନ୍ତି। ଏହାର ଏକମାତ୍ର କାରଣ ସମ୍ଭବତଃ ନିଜ ଅଞ୍ଚଳର ଭାଷା ରୋଜଗାରକ୍ଷମ ନୁହେଁ କିମ୍ବା ନିଜର ଷ୍ଟାର୍ଟସ୍ ବୃଦ୍ଧି କରାଇବାର ପ୍ରକୃତ ମାର୍ଗ ନୁହେଁ।

ଭାଷାର ପ୍ରସଙ୍ଗ ଉପରେ ଗୁରୁତ୍ୱ ଦେବା ସହ ଉଚ୍ଚତମ ନ୍ୟାୟାଳୟର ତତ୍‌କାଳୀନ ମୁଖ୍ୟ ନ୍ୟାୟଧୀଶ ଏମ.ଏନ.ଭେକେଣ୍ଟ ଚେଲେୟା ଏବଂ ନ୍ୟାୟମୂର୍ତ୍ତି ଏସ. ମୋହନ ଖଣ୍ଡପୀଠ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଥିଲେ କି, ପ୍ରାରମ୍ଭିକ ସ୍ତର ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ କେବଳ ମାତୃଭାଷାରେ ଶିକ୍ଷା ଦେବା ଆବଶ୍ୟକ। ଏଥିପାଇଁ ମାତୃଭାଷା ମାଧ୍ୟମରେ ଦିଆଯାଉଥିବା ଶିକ୍ଷା ସଂସ୍କୃତି ଏବଂ ପରମ୍ପରା ଉପରେ ଛାତ୍ରଛାତ୍ରୀମାନେ ଶିକ୍ଷା ଅର୍ଜନ କରିପାରିବେ। ସମ୍ବିଧାନର ଅନୁଚ୍ଛେଦ ୩୫୦(ଏ) ଅନୁସାରେ ପ୍ରାଥମିକ ସ୍ତରରେ ମାତୃଭାଷା ଶିକ୍ଷା ପାଇଁ ପର୍ଯ୍ୟାପ୍ତ ସୁବିଧା ଯୋଗାଇଦେବା ରାଜ୍ୟସରକାରଙ୍କର ଏବଂ ସ୍ଥାନୀୟ ପ୍ରଶାସନର ଦାୟିତ୍ୱ ବୋଲି ଉଲ୍ଲେଖ ଅଛି। ଏ କ୍ଷେତ୍ରରେ କର୍ଣ୍ଣାଟକ ସରକାର ଉଚ୍ଚତମ ନ୍ୟାୟାଳୟର ଏହି ଆଦେଶକୁ ସର୍ବପ୍ରଥମେ ସ୍ୱୀକାର କରି ସାହସିକ ପଦକ୍ଷେପ ନେବା ସଙ୍ଗେ ସଙ୍ଗେ ପ୍ରଶଂସନୀୟ କାର୍ଯ୍ୟ ଆରମ୍ଭ କରିଥିଲେ ସୁଦ୍ଧା ଇଂରାଜୀ ମାନସିକତା ସମ୍ପନ୍ନ ଅଭିଭାବକ ଏହାକୁ ଜୋରଦାର ବିରୋଧ କରିଆସୁଛନ୍ତି। ତଥାପି ସରକାରଙ୍କ ଦୃଢ଼ ଇଚ୍ଛାଶକ୍ତି ସାମ୍ନାରେ ସେମାନଙ୍କର ସମସ୍ତ ପ୍ରକାର କଳା କୌଶଳ ତିଷ୍ଠିପାରିଲା ନାହିଁ। (କ୍ରମଶଃ)

କାଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ. ୯୪୩୮୨୯୦୦୭୨

## ସ୍ମୃତି ଶତଦଳ ୨୧୧

# ନୀଳାଂଜନ ନିଜେ ଜଣାଇଲେ ନିମନ୍ତ୍ରଣ



ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ବେଳେବେଳେ ମହମହ ବାସ୍ନାରେ ସାରାଦେହ, ମନ ଓ ହୃଦୟସୁଗନ୍ଧରେ ପରିପୂର୍ଣ୍ଣ ହୋଇଯାଏ । ସେ ବାସ୍ନା ଅଗୁରୁ, ଚନ୍ଦନ, ଧୂପକାଠିର ତଥା ପ୍ରଭୁଙ୍କର ବଡ଼ ସିଂହାର ବେଶରେ ଲାଗି ହୋଇଥିବା ମହଣ ମହଣ ଫୁଲର ଅପୂର୍ବ ସୁଗନ୍ଧ । ଏକ ଦିବ୍ୟଜ୍ୟୋତିରେ ଯେମିତି ଚାରିଆଡ଼ ଆଲୋକିତ ହୋଇଯାଏ, ଠିକ୍ ସେମିତି ବେଳେବେଳେ, ଆଖିବୁଜିଲେ ଏବଂ ଆଖି ଖୋଲିଲେ ମଧ ସେ ଆଲୋକ ଶିଖାକୁ ଅନୁଭବ କରିହୁଏ । ବ୍ୟକ୍ତିଟିଏ ଖୁବ୍ ଗଭୀର ଭାବରେ ତା'ର ଚିରାଚରିତ ବୃତ୍ତିରେ ନିମଗ୍ନ ଥିଲେ ମଧ ଆଖି ଆଗରେ ସେ ପ୍ରତିଭାତ ହୁଅନ୍ତି । ସେତିକିବେଳେ ସେ ଅନିର୍ବଚନୀୟ ଚିନ୍ତାଧାରା ତା'ର ସାରା ସତ୍ତାକୁ ଆଚ୍ଛନ୍ନ କରିଦିଏ ଏବଂ ସେ ଐଶ୍ୱରୀୟ ବିଭୂତି ତାଙ୍କୁ ବିହ୍ୱଳ କରିଦିଏ ।

ସେଦିନ ଥିଲା ରବିବାର- ଅନେକ ରୋଗୀ ଦୂର ଦୂରାନ୍ତରରୁ ଆସିଥାନ୍ତି । ସକାଳ ୯ଟାରୁ ରୋଗୀ ଦେଖି ଚାଲିଥିଲି । ୧୦-୧୫ ମିନିଟ୍ ଲଂଚ ବ୍ରେକ୍ ପରେ ପୁଣି ଚାମ୍ବରକୁ ଯାଇ ପ୍ରେସ୍‌କ୍ରିପ୍‌ସନ ଲେଖିବା ଆରମ୍ଭ କରିଛି - ମୋ ଚାରିପଟେ ରୋଗୀଙ୍କର ପ୍ରବଳ ଭିଡ଼ଥାଏ । ହଠାତ୍ ଏକ ଅପୂର୍ବ ସୁଗନ୍ଧରେ ସାରାଘର ସୁଗନ୍ଧିତ ହୋଇଗଲା, ମୋହିତ କରିଦେଲା ମୋର ସ୍ନାୟୁ ଓ ସମସ୍ତ ଜୀବକୋଷକୁ । ଆଲୋକିତ ହୋଇଗଲା ମୋର ଆତ୍ମାର ସମସ୍ତ ସୂକ୍ଷ୍ମ ଅଂଶ । କ୍ରମଶଃ କୋଠରୀର ସମସ୍ତ କୋଣ ଅନୁକୋଣ ଜୀବନ୍ତ ହୋଇଉଠିଲେ, ପ୍ରାଣବନ୍ତ ହୋଇଉଠିଲେ ଏବଂ ହୋଇଗଲେ । ମୋ ସାମ୍ନାରେ ଠିଆ ହୋଇଥିଲେ, ଏକ ଗୌରବର୍ଣ୍ଣ ବାଳକ, ସାର୍ଟପେଣ୍ଟ୍ ପିନ୍ଧି ଅତ୍ୟାଧୁନିକ ବେଶରେ ସଜ୍ଜିତ ହୋଇଥିଲେ ସେ, ନାଁ ତାଙ୍କର ଦେବୀପ୍ରସନ୍ନ । ତାଙ୍କ ପାଖରେ ଠିଆ ହୋଇଥିଲେ ତାଙ୍କ ବାପା ଶ୍ରୀ ଶିବପ୍ରସନ୍ନ ପଣ୍ଡା ଓ ମା' । ଭଉଣୀ ତଥା ବନ୍ଧୁ ବାନ୍ଧବ । ମତେ ଲାଗିଲା ଦେବୀପ୍ରସନ୍ନ ନୁହେଁ ମୋ ଆଗରେ ଠିଆ ହୋଇଛନ୍ତି ସ୍ୱୟଂ ଜଗନ୍ନାଥ । ସତେ ଯେପରି ରଜତ ଗିରିନିଭ ଧ୍ୟାନ ଗମ୍ଭୀର, ଭାବ ଗମ୍ଭୀର ସେ ମୂର୍ତ୍ତୀ । ଜ୍ୟୋତ୍ସ୍ନାସ୍ନାତ ଅନନ୍ତ ଆକାଶ ପରି ବିପୁଳ ସୁନ୍ଦର ତନୁ ତାଙ୍କର, ଦୁଇ ହାତରେ ମୋ' ଆଡ଼କୁ ବଢ଼ାଇ ଦେଲେ ବ୍ରତ ଘରର ନିମନ୍ତ୍ରଣ ପତ୍ର । ମତେ ଲାଗିଲା ଦିବ୍ୟ ପଟ୍ଟବସ୍ତ୍ର ଓ ଦିବ୍ୟ ସୁଗନ୍ଧରେ ମୋ ଆଗରେ ପ୍ରଭୁ ନିଜେ ଉଭା ହୋଇ ନିମନ୍ତ୍ରଣ ଜଣାଉଛନ୍ତି ଶ୍ରୀକ୍ଷେତ୍ରକୁ ଯିବା ପାଇଁ । ଖୁବ୍ ପଛରେ କିଛି ଅସ୍ପଷ୍ଟ କୋଳାହଳ ଭଳି କ୍ଷୀଣ ସ୍ୱର ଶୁଭୁଥିଲା ସେ ସ୍ୱର ଥିଲା ଦେବୀ ପ୍ରସନ୍ନଙ୍କର ପିତା ଶିବପ୍ରସନ୍ନଙ୍କର - "ମା' ଜଗନ୍ନାଥ ମୋତେ ପଠାଇଥିଲେ ଆପଣଙ୍କ ପାଖକୁ, ସୁଦୂର ପୁରୀରୁ ମୁଁ ଧାଇଁ ଧାଇଁ ଆସିଥିଲି କଟକ । ଆପଣ ମୋର ଏ ପୁଅକୁ ଆପଣଙ୍କ ହସ୍‌ପିଟାଲରେ ଡେଲିଭରି କରାଇଥିଲେ, ତା'ର ବ୍ରତଘରକୁ ଆପଣ ଓ ବାପା ଦୁହେଁ ଆସି ତାକୁ ଆଶୀର୍ବାଦ କରିବେ ନିଶ୍ଚୟ ।" ମୁଁ ଯନ୍ତ୍ରବତ୍ ହାତବଢ଼ାଇ ଗ୍ରହଣ କଲି ସେ ନିମନ୍ତ୍ରଣ ପତ୍ର, ନିମନ୍ତ୍ରଣ ପତ୍ର ତ ନୁହେଁ, ମୋ ଦୁଇହାତ ପାପୁଲିରେ ଯେପରି ପ୍ରଭୁଙ୍କର ବିନ୍ଦୁଏ କୃପାଜଳ ପଡ଼ି ଢଳଢଳ ହେଉଥିଲା । ମତେ ଲାଗିଲା ସେ ନିମନ୍ତ୍ରଣ ପତ୍ରର ପ୍ରତିଟି ଅକ୍ଷରରେ ଯେପରି ଅପୂର୍ବ ତେଜରଶ୍ମୀ ବିକିରଣକାରୀ ଅଂଶୁମାନ ଉଭାହୋଇଛନ୍ତି । ଚାହୁଁ ଚାହୁଁ ପ୍ରତ୍ୟେକଟି ଅକ୍ଷର ପାଲଟି ଯାଉଥିଲା ସୁବର୍ଣ୍ଣ ରେଣୁ, ପ୍ରତ୍ୟେକ ଶବ୍ଦରୁ ବିସ୍ଫୋରିତ ହେଉଥିଲା ଶହ ଶହ ନାଦ ବ୍ରହ୍ମ ଏବଂ ସେ ଚିଟାଉ, ତ କେବଳ ଖଣ୍ଡେ ପତ୍ର ନୁହେଁ ଏ ତ ସ୍ୱୟଂ ପ୍ରଭୁଙ୍କର ଅଭିନବ ଆଦେଶ, ଅଖଣ୍ଡ ଆଦେଶ, କଡ଼ା ଚେତାବନୀ । "କେବେଠାରୁ ଆସିନାହୁଁ ପୁରୀ ? କେବେ ମତେ ଦର୍ଶନ କରିଥିଲୁ ମନେ ଅଛି ତୋର ? ଛାପା ହୋଇଥିବା ଅକ୍ଷରଗୁଡ଼ିକ ରହିଗଲା କାଗଜରେ - ମନର ସିଲଟରେ ଚକ୍‌ଖଡ଼ିରେ ପ୍ରଭୁ ଯେପରି ବ୍ରତ ଘର ତାରିଖ ଲେଖିଦେଇ ଷ୍ଟାମ୍ପ ଟିଏ ମଧ ବସାଇଦେଲେ ମସ୍ତିଷ୍କରେ । କହିବା ବାହୁଲ୍ୟ ମୋ ସାମ୍ନାରେ ଥିବା ଟେବୁଲ୍ କ୍ୟାଲେଣ୍ଡର ରେ ସେ ତାରିଖକୁ ଗୋଲ ବୁଲାଇ ଦେଲି ଏବଂ କେବଳ ପ୍ରଭୁଙ୍କୁ ଟିକେ ଦର୍ଶନ କରିବାର ଲୋଭ ସମ୍ବରଣ କରି ନପାରି ସେଇ ତାରିଖଟିକୁ ମନରେ ଖୋଦେଇ ଦେଲି ଯେମିତି ଦେହରେ ଚିତା କୁଟେଇ ଦିଅନ୍ତି । ବ୍ରତଘର ଗୁରୁବାର ଦିନ ପଡୁଥିଲା । ସେଦିନ ପାଇଁ ରୋଗୀ ମାନଙ୍କୁ ଆପଏଣ୍ଟମେଣ୍ଟର ଡେଟ୍ ମଧ୍ୟ ଦେଲିନାହିଁ । ନିର୍ଦ୍ଧାରିତ ତାରିଖ ପହଂଚିବା ଆଗରୁ ବାରମ୍ବାର ସ୍ୱରଟିଏ ଶୁଭୁଥାଏ "ଜମା ଭୁଲିବୁନି ଟି" ।

ଶେଷକୁ ସେଇ ତାରିଖ ଆସି ପହଂଚିଗଲା - ଆମେ ସବୁ ପ୍ରକାର ପ୍ରସ୍ତୁତି ନେଇ ପୁରୀ ବାହାରିଲୁ। ବାଟରେ ପ୍ରଭୁଙ୍କ ଜଣାଣ ବାଜୁଥାଏ । ଶେଷକୁ ଦେବୀପ୍ରସନ୍ନର ବ୍ରତ ଘର ସ୍ଥାନରେ ପହଂଚିଲୁ । ଦେବୀର ବାପା, ମା', ଆତ୍ମୀୟ ସ୍ୱଜନ, ଜ୍ଞାତି କୁଟୁମ୍ବ ସବୁ ଘେରିଗଲେ ଆମକୁ । ଦେବୀପ୍ରସନ୍ନକୁ ମା' ଓ ମାଉସୀମାନେ ସଜାଉଥିଲେ ରିସେପ୍‌ସନ୍ ମଣ୍ଡପକୁ ନେବା ପାଇଁ -ମଣ୍ଡପ ମଧ ଲୋକାରଣ୍ୟ ହୋଇଗଲାଣି । ଠିକ୍ ପ୍ରଭୁଙ୍କ ଶ୍ରୀମନ୍ଦିରକୁ ଲାଗି ହୋଇଛି ବ୍ରତ ମଣ୍ଡପ । ସଜ ବାଜ ହୋଇ ଜେଜେମା', ମା', ମାଉସୀ ପିଉସୀ ଓ ମାମୁଁ ମାନଙ୍କ ଗହଣରେ ଆସି ଆମ ଆଗରେ ଠିଆ ହେଲା ଦେବୀପ୍ରସନ୍ନ । ଏକ ହାଲୋଳମୟ ଜ୍ୟୋତିରେ ଚାରିଆଡ଼ ଆଲୋକିତ ହୋଇଗଲା । ଦେବୀପ୍ରସନ୍ନ ? ନାଁ ମୋ ଆଗରେ ଠିଆ ହୋଇଛନ୍ତି ସ୍ୱୟଂ ଲୀଳାମୟ ପ୍ରଭୁ ଶ୍ରୀ ଜଗନ୍ନାଥ ଅବା ଦ୍ୱାପର ଯୁଗର ସେଇ ଷୋଳକଳାରେ ପରିପୂର୍ଣ୍ଣ କୃଷ୍ଣ, ହାତରେ ବଂଶୀ, ଓଠରେ ମୃଦୁ ମୃଦୁ ହସ ନେଇ ଦେବୀପ୍ରସନ୍ନର ବେକରୁ ପେଟ ପର୍ଯ୍ୟନ୍ତ ପ୍ରାୟ ୫.୬ ଭରି ଓଜନର ଦଶଟି ହାର ଓ ତା' ସାଙ୍ଗକୁ କଣ୍ଠମାଳି । ତା' ଗୌର ନିଟୋଳ ତନୁ ଯେପରି ପୂରିଯାଇଛି ସୁନାହାରରେ ଏବଂ ତା' ଭିତରେ ଲୁଚିଯାଇଛି ପଇତା । ବ୍ରତ ଘରରେ କର୍ଣ୍ଣଭେଦ କରାଯାଏ । କର୍ଣ୍ଣଭେଦ ପରେ ସେ ପିନ୍ଧିଛି କାନରେ ସୁନାର କୁଣ୍ଡଳ, ଦୁଇ ହାତର ଦଶ ଅଙ୍ଗୁଳିରେ ପିନ୍ଧିଛି ୨୦ଟି ସୁନା ଓ ହୀରାମୁଦି । ମୁଁ ମୁହୂର୍ତ୍ତକ ପାଇଁ ଭୁଲିଗଲି ନିଜକୁ, ଭୁଲିଗଲି ମୋର ଚତୁର୍ଦ୍ଦିଗର ପୃଥିବୀ ମତେ ଲାଗୁଥିଲା ସ୍ୱୟଂ ପୁରୁଷୋତ୍ତମ ହସି ହସି ବଳିଆର ଭୁଜ ମେଲି ଦେଇଛନ୍ତି । ଅଲକ୍ତକ ରଂଜିତ ପଦ୍ମପାଦ ଦୁଇଟି ଦିଶୁଚି ଅପୂର୍ବ । କ୍ଷୁଦ୍ରାତିକ୍ଷୁଦ୍ର ଅକିଂଚନ ଜୀବଟିଏ ମୁଁ, ଚରଣାରବିନ୍ଦ ପାଇଁ ପ୍ରାଣ ଆକୁଳ ହୋଇଉଠୁଛି । ପୂରା ମୋହାଚ୍ଛନ୍ନ ଅବସ୍ଥାରେ ମୁଁ, ସ୍ଥିତି ମୋର ଟଳମଳ । ହଠାତ୍ କ୍ଲିକ୍ କ୍ଲିକ୍ ଶବ୍ଦରେ ମୋର ମୋହ କଟିଗଲା, ତନ୍ଦ୍ରାଚ୍ଛନ୍ନତା ଦୂରେଇଗଲା, ଅନ୍ଧାର ବଦଳିଗଲା ଆଲୋକରେ, ମହମଭଳି ଶରୀର ମୋର ତରଳି ବୋହିଗଲା, ମିଶିଗଲା ମାଟିରେ । ମୋର ସ୍ୱାମୀ ଡଃ ରମାରମଣ ଷଡ଼ଙ୍ଗୀ ଆଉ ମୋ ମଝିରେ ଠିଆ ହୋଇଛି ଦେବୀ ପ୍ରସନ୍ନ, ଆମକୁ ଘେରି ସମସ୍ତେ, ଅସଂଖ୍ୟ ଫଟୋ ଉଠିସାରିଲାଣି ଆମର । ଆମେ ଯେ କଟକରୁ ଗୋଟିଏ ବ୍ରତ ଘରରେ ଯୋଗ ଦେବାପାଇଁ ଆସିଛୁ ଏହି ଟିକକ କଥାରେ ସମଗ୍ର ପରିବାର ଯେପରି କୃତଜ୍ଞତାରେ ନଇଁ ପଡୁଥିଲେ - ବ୍ରତଘର ଭୋଜି, ଅନ୍ନ ଓ ମହାପ୍ରସାଦ ଆଦି ପ୍ୟାକ୍ କରି ସେମାନେ ଦେଇଦେଲେ । ଆମେ ଦୁହେଁ ଦ୍ରୁତଗତିରେ ବାହାରିଲୁ ଶ୍ରୀମନ୍ଦିରକୁ । ଗରୁଡ଼ ସ୍ତମ୍ଭକୁ କୁଣ୍ଡାଇ ଗୁହାରି ଜଣାଇଲୁ "ପ୍ରଭୁ ତୁମେ ଏଡ଼େ କପଟିଆ, ପୁଣି ଏତେ ଭଲପାଅ ତୁମ ଭକ୍ତକୁ ? କେତେ ବାଗରେ, କେତେ ଭାବରେ ଟାଣି ଆଣିଲ ଆମକୁ । ପ୍ରସନ୍ନ ଚିତ୍ତରେ ପ୍ରଭୁ ପୁଷ୍ପବେଶ ହୋଇ ଯେମିତି ଦୁଇଭୁଜ ଟେକି ଭକ୍ତକୁ ଆଶୀର୍ବାଦ କରିବାକୁ, ଠିଆ ହୋଇଛନ୍ତି, ଏବଂ ମୃଦୁ ଭର୍ତ୍ସନା ଦେଇ କହୁଛନ୍ତି "ଦେଖିଲୁ ତତେ କେମିତି ଟାଣି ଆଣିଲି ଶ୍ରୀକ୍ଷେତ୍ର" । ପ୍ରଭୁଙ୍କର ଦର୍ଶନ କରି ଫେରିଲା ବେଳେ ମନ ଆନନ୍ଦରେ ଉତ୍‌ଫୁଲ୍ଲ ହୋଇ ଉଠୁଥାଏ ଏବଂ ଆଖିରେ ଭରି ଯାଇଥାଏ ଆନନ୍ଦାଶ୍ରୁ । ପୁରୀରୁ କଟକ ଫେରିଲା ବେଳେ ଛାଇ ଆଲୁଅପରି କେତେବେଳେ ପ୍ରଭୁ ଦିଶିଯାଉଥାନ୍ତି ତ' କେତେବେଳେ ଦେବୀପ୍ରସନ୍ନ । ଘରକୁ ଫେରି ଦିବ୍ୟ ମହାପ୍ରସାଦ ଖାଇଲୁ । କହିବା ବାହୁଲ୍ୟ, ଆଗରୁ ଏତେ ସୁସ୍ୱାଦୁ ଅନ୍ନ, ଛେନାଖିରୀ ଏବଂ ଅନ୍ୟ ମିଷ୍ଟାନ୍ନ କେବେ ଖାଇନଥିଲା ପରି ମନେ ହେଉଥିଲା । ସତରେ ନୀଳାଜଂନଙ୍କର ସୂକ୍ଷ୍ମ ନିମନ୍ତ୍ରଣ ଏଜନ୍ମ ଯେପରି ସାର୍ଥକ ହୋଇଗଲା ।–(କ୍ରମଶଃ)

## ଚେତନାର ଚଉହଦୀ : ନକୁଳ ଚନ୍ଦ୍ର ସାହୁ

# ସାହିତ୍ୟର ଆଦିତତ୍ତ୍ୱ ୨



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଶ୍ରୀମଦ୍ ଭାଗବତ ମହାପୁରାଣରେ ବର୍ଣ୍ଣିତ, ବଦନ୍ତି ତତ୍ତତ୍ତ୍ୱବିଦସ୍ତତ୍ତ୍ୱଂ ଯଜ୍‌ଜ୍ଞାନମ୍ ଦ୍ୱୟମ୍। ବ୍ରହ୍ମେତି ପରମାତ୍ମେତି ଭଗବାନିତି ଶତଦ୍ୟତେ। ଅର୍ଥାତ୍ - ଯେଉଁ ଅଦ୍ୱିତୀୟ ଜ୍ଞାନକୁ ତତ୍ତ୍ୱଜ୍ଞାନୀ 'ପୁରୁଷତତ୍ତ୍ୱ' କହନ୍ତି, ତାହାକୁ ଉପନିଷଦୀୟ ପଣ୍ଡିତ କହନ୍ତି 'ବ୍ରହ୍ମ'। ମହର୍ଷିଗଣ ତାହାଙ୍କୁ 'ପରମାତ୍ମା' ଓ 'ଭଗବାନ' ବୋଲି କରିଛନ୍ତି ନାମିତ। ମାନବ ଯାହା କରିଥାଏ, ତାହା 'ତପସ୍ୟା' ! ପ୍ରଲୋଭନ ପ୍ରରୋଚିତ ମାନବ ସଂସାର ସଂପଦକୁ ନିଜ ପ୍ରାପ୍ୟ ଠାରୁ ବହୁଗୁଣ ଲୁଟି ଥାଏ, ନିଜ ଇନ୍ଦ୍ରୀୟ ସୁଖ ପାଇଁ ଠୁଳ କରିଥାଏ, ତାହା ତ ନିଜ କର୍ମ। ମନ୍ଦ କର୍ମ। ଯେଣୁ ତାହା ସଂସାର ହିତରେ ପ୍ରତିକୂଳ। କିନ୍ତୁ ତାହା ମଧ ତପସ୍ୟା ! ମହାକାଳଙ୍କ ସଂହାର ମୂର୍ତ୍ତି ମଧ ସକଳ ସୌନ୍ଦର୍ଯ୍ୟର ଅଧିପତି ଲକ୍ଷ୍ମୀପତିଙ୍କ ଅଲଗା ଗୋଟିଏ ରୂପ ! ଧ୍ୱଂସର ମୂର୍ତ୍ତି ସେହି ଶିବସୁନ୍ଦରଙ୍କ ଆବଶ୍ୟକ ବେଳେ ଗୋଟିଏ ସ୍ୱରୂପ ! ରୁଦ୍ର ! ଶ୍ରୀଚଣ୍ଡୀରେ ବର୍ଣ୍ଣିତ, ଯାଶ୍ରୀଃ ସ୍ୱୟଂ ସୁକୃତିନାଂ ଲକ୍ଷ୍ମୀ, ସୁକର୍ମ ଆଚରଣ ଯୁକ୍ତଙ୍କ ଗୃହରେ ଯେଉଁ ଜନନୀ ଶ୍ରୀ, ସିଏ ଲକ୍ଷ୍ମୀ ଅଟନ୍ତି। ପାପାତ୍ମନାଂ କକୃତଧିୟାମ୍, ପାପୀମାନଙ୍କ ଠାରେ ଦାରିଦ୍ର୍ୟ ରୂପିଣୀ ମା' ! ସିଏ ଅଲକ୍ଷ୍ମୀ। ପୁଣ୍ୟାତ୍ମା ପୁରୁଷ ହୃଦୟରେ ବୁଦ୍ଧି ରୂପରେ ସିଏ ବାସ କରନ୍ତି ! ସତ୍‌ପୁରୁଷ ଠାରେ ସିଏ ଶ୍ରଦ୍ଧା ଏବଂ କୁଳୀନ ନର ନାରୀଙ୍କ ହୃଦୟରେ ସିଏ ଲଜ୍ଜା। ଗୋଟିଏ ସତ୍, ଚିତ୍ ଓ ଆନନ୍ଦଙ୍କ ବହୁବିଧ ରୂପ। ପୂର୍ବରୁ କୁହାଯାଇଛି, ସର୍ବେଷାଂ ତ ସ ନାମାନି କର୍ମାଣି, ମୂଳ ତତ୍ତ୍ୱଟି।

ଯାହା ତୁମେ ରଚନା କରୁଛ, କର; ତାହା କବିତା, ଗଳ୍ପ, ନାଟକ, ଉପନ୍ୟାସ ବା ହେଉ ପ୍ରବନ୍ଧ, 'ଇଦଂ ହି ପୁଂସସ୍ତପସଃ', ତାହା ଆତ୍ମପୁରୁଷଙ୍କ ତପସ୍ୟା। ତାହା, 'ଅବିଚ୍ୟୁତୋଽର୍ଥଃ କବିଭିର୍ନିରୂପିତୋ', ଅବିଚ୍ୟୁତ ଅର୍ଥ, ଅଭିନ୍ନ ଲକ୍ଷ୍ୟ, କବିଙ୍କ ନିରୂପିତ ବାକ୍ୟ, 'ଗୁଣାନୁବର୍ଣ୍ଣନମ୍', ତାହାଙ୍କ ! ସେହି ପରମ ସତ୍ୟ, ପରମ ଅର୍ଥ ଓ ପରମ ଧର୍ମଙ୍କ ସମସ୍ତ ଗୁଣ ବର୍ଣ୍ଣନା।

ଜଣେ କବି ସ୍ତନ ବର୍ଣ୍ଣନା କରୁଛନ୍ତି, 'କନକ କଳସ', 'କୁଚାଦି ପୀନମ୍', ସାହିତ୍ୟ ରସିକ ଭାବୁକ ଏହି ରୂପଶ୍ରୀ ବର୍ଣ୍ଣନରେ ହୋଇଯାଏ ମୁଗ୍ଧ, ହୋଇଥାଏ ଉଦ୍ଦୀପିତ ! ସିଏ ଅଜ୍ଞ, ସଦ୍‌ଜ୍ଞାନର ଅଣୁଏ ରଶ୍ମି ତାଙ୍କ ଚେତନାକୁ କରିନଥାଏ ଦୀପ୍ତ ! ବୋକାକୁ ବୋକା ବନାଇବାରେ ଯେମିତି କିଛି ଲୋକ ଅନୁଭବ କରନ୍ତି ପୁଲକ, ଠିକ୍ ସେମିତି ମହାମାୟାଙ୍କ ଲୀଳାଚକ୍ର ତାହାଙ୍କୁ ଭସାଇ ନିଏ ଜନ୍ମ ଯନ୍ତ୍ରଣା ଦ୍ୱାରକୁ, ବାରମ୍ବାର ଜନ୍ମ ମୃତ୍ୟୁର ଦ୍ୱାର ଉନ୍ମୁକ୍ତ ଓ ବନ୍ଦ କରି ତାହା ସହିତ ହୁଅନ୍ତି କ୍ରୀଡାରତ ! ଯିଏ ସୁସ୍ଥ ସାହିତ୍ୟ ପଣ୍ଡିତ, ସିଏ ସେହି ରୂପଶ୍ରୀରେ ରୂପମୟଙ୍କ 'ମନାମହେ' ଅର୍ଥାତ୍ 'ଉଚ୍ଚାରୟାମଃ', ଉଚ୍ଚାରିତ ଶବ୍ଦରୁ ଶବ୍‌ଦବ୍ରହ୍ମଙ୍କୁ କରିଥାଏ ଦର୍ଶନ । ପ୍ରାପ୍ତ ରସ, 'ବୈସଃ' ! ସାହିତ୍ୟ ଶୁଷ୍କ ଶବ୍‌ଦ ବସାଣ ନୁହେଁ, 'ବିଷୟଃ ପରମେଶ୍ୱରୀ' ! ପୁନଶ୍ଚ ତାହା, 'ପ୍ରେମସର୍ବସ୍ୱସ୍ୱଭାବା' (ନାରଦ-ପଞ୍ଚରାତ୍ର), 'ପ୍ରେମାର୍ଥଂ ଭାବିତମ', 'ଲୀଳାୟା' ବିଗ୍ରହମ୍', ଭାରତୀୟ ଉଚ୍ଚାଙ୍ଗ ସାହିତ୍ୟ ଗଭୀର ତତ୍ତ୍ୱଯୁକ୍ତ ଏବଂ ସାହିତ୍ୟର ପାଠକ ପଣ୍ଡିତ। ସାଧାରଣ ପଣ୍ଡିତ ପାଇଁ, ସ୍ତନଂ ପ୍ରଯଚ୍ଛତି ଯସ୍ତେ ସ୍ତନଃ ଶଶୟୋ ଯୋ ମୟୋଭୁର୍ଯେ୍ୟ ରତ୍ନା ବସୁବିଦ୍ ଯଃ ସୁଦତ୍ରଃ ! ଅର୍ଥାତ୍ ତୁମ ସ୍ତନ ଏହି ଶିଶୁଟି ପାଇଁ ହୋଇଅଛି ନିର୍ମିତ। ଇଏ ରତ୍ନପଦ, ସଂପଦପ୍ରଦ ଓ ଅଟେ କଲ୍ୟାଣ ପ୍ରଦାୟକ !

ଭୃଣଟିଏ ଭୂମିଷ୍ଠ ହେବା ପୂର୍ବରୁ କୃପାସାଗର କରିଛନ୍ତି ତା ଅନ୍ନଚିନ୍ତା ! ସଂସାରକୁ ଆଦୌ ଚିହ୍ନି ନଥିବା ତାଙ୍କର ଅବିଚ୍ଛିନ୍ନ ଭଗ୍ନାଂଶ (ମମୈବାଂଶୋ..) ଯେତେବେଳେ ଦେହର ପୋଷାକ ଧାରଣ କରି ହେବେ ଅବତୀର୍ଣ୍ଣ, କ'ଣ ସିଏ କରିବେ ଭୋଜନ ? ତାଙ୍କ ଶିଶୁ ପାକସ୍ଥଳୀ କେଉଁ ଖାଦ୍ୟକୁ କରାଇ ପାରିବ ହଜମ ? କେଉଁ ଖାଦ୍ୟ ତାଙ୍କ ଶରୀରର ରକ୍ତ ପ୍ରବାହକୁ କରିବ ସ୍ୱାଭାବିକ ଏବଂ ଇନ୍ଦ୍ରିୟ ମାନଙ୍କୁ କରାଇବ ସଚେତନ ? କେଉଁ ଖାଦ୍ୟ ଶିଶୁ ଶରୀରକୁ ବୃଦ୍ଧିପ୍ରାପ୍ତ ହେବାକୁ କୋଷଗୁଡିକରେ ଦେବବଳ ? ସମସ୍ତ ଚିନ୍ତା କରି ଜନନୀ ସ୍ତନ ରୂପକ ଯନ୍ତ୍ରଟିଏ କରିଛନ୍ତି ଖଞ୍ଜିତ। ଯେଉଁ ଯନ୍ତ୍ରର କାର୍ଯ୍ୟ ହେଲା ଜନନୀ ଶୋଣିତକୁ ଦୁଗ୍ଧରେ କରିବ ପରିଣତ, ଯେମିତି ଦୁଗ୍ଧର ଘୃତ ! ଘୃତକୁ ଆଉ କରି ହୁଏ ନାହିଁ ରୂପାନ୍ତରିତ ! ସୃଷ୍ଟିର ମୌଳିକ ଗୋଟିଏ ଉତ୍ପତ୍ତି ସ୍ଥଳ ତାହା ! ତାହା ଅମୃତର ଜନ୍ମସ୍ଥାନ । ଯେତେବେଳେ ମହାମାୟା ମନୁଷ୍ୟ ବୁଦ୍ଧିକୁ ବିକାର ଯୁକ୍ତ କରିବେ ସେତେବେଳେ ମଣିଷ ଆଖିର ନୀଳ ହ୍ରଦରେ ଝସ (କାମ) ଖେଳିବ ! ଝସ ଖେଳିବା ସମୟ ମଧ ସ୍ଥିରୀକୃତ । ଯେତେବେଳେ 'ବଂଶ ବର୍ଦ୍ଧନ', ଭଗବାନ ଶ୍ରୀ ବିଷ୍ଣୁଙ୍କ ସହସ୍ରନାମରୁ ଏକ 'ବଂଶବର୍ଦ୍ଧନ' 'ସଙ୍କଳ୍ପ' କରିବେ, ମହାମାୟା ମନୁଷ୍ୟ ବୁଦ୍ଧିରେ ସୃଷ୍ଟି କରିବେ ବିକୃତି, ଜଳରେ ଉଠିବ ତରଙ୍ଗ, କାମ ଶକ୍ତି ହେବ ତୃଷିତ, ସମୁଦ୍ର ମନ୍ଥନ ମିଥିଟିକୁ ଅର୍ଥାନ୍ୱିତ କରିବାକୁ ହେବ ପ୍ରଚେଷ୍ଟିତ ! କିନ୍ତୁ ମୂଳ ବସ୍ତୁ ସେହି ପରମଙ୍କ ଲୀଳା ରହସ୍ୟ ! ନିଜର ଆନନ୍ଦ ପାଇଁ ସିଏ ସୃଷ୍ଟି କରନ୍ତି ଆନନ୍ଦ ! ସେହି ଆନନ୍ଦରୁ ଆମ ସମସ୍ତଙ୍କର ଜନ୍ମ ଏବଂ ଦିନେ ତାହାଙ୍କ ସେହି ଆନନ୍ଦ ସମୁଦ୍ରରେ ଆମେ ସମସ୍ତେ ହୋଇଯିବା ବିଲୀନ । ଆମର ଶେଷ ଓ ଶ୍ରେଷ୍ଠ ଖେଦ ମୃତ୍ୟୁ ବି ତାହାଙ୍କ ଆନନ୍ଦର ଜନ୍ମ ।

ପୁରୁଣା କଣ୍ଢେଇଟିକୁ ଭାଙ୍ଗି ଦେବ ତା ଭିତରୁ କାଢି ନେବ ନିଜର ଅରୂପ । ପୁଣି ଗଢିବ ଗୋଟିଏ ନୂତନ କଂଢେଇ, ଦେବ ରୂପ ଓ ନାମ । ତା ଭିତରେ ପୁଣି ଖଞ୍ଜିବ ନିଜର ଅରୂପ । ଯେମିତି ଖେଳନା ଭିତରେ ବେଟାରିର ଶକ୍ତି ସୃଷ୍ଟି କରେ କ୍ରିୟାଶକ୍ତି ! ଚାଲେ ମଟର, ଗୁଳି ଫୁଟେ, ନର୍ତ୍ତକୀ ନାଚେ ଏବଂ ଭଲ୍ଲୁକ ବାଦ୍ୟ ବାଦନ ରଚେ । ଦେହର ବସ୍ତ୍ର ପରିଧାନ କରୁଥିବା ହେତୁ ଅରୂପ ତ ହୁଅନ୍ତି ଆନନ୍ଦିତ ଏବଂ ଦେହ ବି ତ ! ଅରୂପ ଥିବା ହେତୁ ଦେହ ଶିବ ଈଶ୍ୱରଙ୍କ ସୃଷ୍ଟିର ଶ୍ରେଷ୍ଠତମ ଆର୍ଟ । ଅରୂପ ନଥିଲେ ଦେହଟି ଯେତେ ପାର୍ଥିବ ଦାମୀ ଅଳଙ୍କାରରେ ଭୂଷିତ ହୋଇଥିଲେ ମଧ ତାହା ଶବ ! ଶବକୁ ଅଳ୍ପ ସମୟ ମଧରେ ମହାକାଳ ପରିବା ପରି ପଚାଇ କରିଦିଏ ଦୁର୍ଗନ୍ଧ ପ୍ରଦ ।

ସେହି ଅରୂପ ରୂପକୁ ଯିଏ କରନ୍ତି ଜୀବନ୍ତ ଓ ଲୀଳାୟିତ, ଥା'ନ୍ତି ରୂପ ସହିତ, ଅଟନ୍ତି ସାହିତ୍ୟ । ସାହିତ୍ୟ ବହୁତ ରଚନା କରିଗଲେ ହୁଏ ନାହିଁ, ସାହିତ୍ୟ ଉପଲବ୍ଧିରୁ ହିଁ ଆସେ । ଧ୍ୟାନ ହିଁ ଏକମାତ୍ର ପଥ, ଯେଉଁ ପଥ ଦେଇ ଆସିଥାଏ ଅନୁଭବଃ ସାହିତ୍ୟ ଗୋଟିଏ ଦିବ୍ୟ ଭୋଗ, ସାହିତ୍ୟ ସ୍ୱର୍ଗୀୟ ଅମୃତ ଭୋଗ, ଏହାକୁ ଭୋଗ କରିଥାଏ ମାନବ ଚେତନା । ଭୋଗ ଶବ୍‌ଦର ଭାବ ପରମବ୍ରହ୍ମଙ୍କୁ ସମର୍ପିତ ଅମୃତ ନୈବେଦ୍ୟ ! ଦିବ୍ୟ ପ୍ରସାଦ !

ଯେଉଁ ଚେତନାର ଫଳକରେ ପରସ୍ତ ପରସ୍ତ ନାମ, ଧ୍ୟାନ କିମ୍ବା ଭକ୍ତିର ପାରଦ ବୋଳା ଯାଇ କରାଯାଇଥାଏ ସ୍ୱଚ୍ଛ ପ୍ରତିଫଳକ, ଆଧାର ପାତ୍ରଟି ଥିବ ପ୍ରସ୍ତୁତ, ତହିଁରେ 'ସହିତ' ଥିବା ରଥି ବା ସାରଥି ହୋଇଥାନ୍ତି ପ୍ରତିବିମ୍ବିତ । ପ୍ରସ୍ତୁତ ଆଧାର ପାତ୍ର ହିଁ ସତ୍ୟଙ୍କୁ କରିପାରିଥାଏ ଅଭିବ୍ୟକ୍ତ । କହିଛନ୍ତି ଶାସ୍ତ୍ର, ଭକ୍ତାନାଂ ସର୍ବେଷଂ ପ୍ରତିରୂପ ଧୃକ୍ । ଶ୍ରୀ ଚୈତନ୍ୟଙ୍କ ଭାଷାରେ ତାହା 'ବିଦ୍ୟାବଧୂ ଜୀବନମ୍' । 'ଆନଂଦାମ୍ବୁଧିବର୍ଧନମ୍' ଏବଂ 'ପୂର୍ଣ୍ଣାମୃତାସ୍ୱାଦନମ୍' ! ଜୀବର ଆତ୍ମ ଓ ପରମତତ୍ତ୍ୱ ଶବ୍ଦ ସ୍ଥାପତ୍ୟ ଅଟେ ସାହିତ୍ୟ । ଶବ୍‌ଦ ବ୍ରହ୍ମଙ୍କୁ ଏପରି ପଂକ୍ତିରେ ବସାଇ କଳା କର୍ମ କରାଯିବା ଆବଶ୍ୟକ ଯେଉଁଥିରେ ସୌନ୍ଦର୍ଯ୍ୟ ରୂପେ ଈଶ୍ୱରତ୍ୱ ହେବ ପ୍ରତିବିମ୍ବିତ ! ସ୍ରଷ୍ଟା ମନୁଷ୍ୟ ଜନ୍ମର ପୁଣ୍ୟ ହେବେ ପ୍ରାପ୍ତ । ପୃଥିବୀ ଉପରେ ପଶୁଟିଏ ହୋଇ ବଞ୍ଚି ଲେଉଟି ଯିବ, ଏହା ଯେପରି ନ ଘଟିବ !

॥ ତିନି ॥

ଯେତେବେଳେ ହୃଦୟର ସିଂହାସନକୁ ଦଖଲ କରେ ଭକ୍ତି, ଜୀବନର ସାମ୍ରାଜ୍ୟକୁ ଶାସନ କରେ ଭକ୍ତି ରସର ଗଙ୍ଗୋତ୍ରୀ, ବଞ୍ଚିବାର ଧରିତ୍ରୀଟି ହୋଇଯାଏ ସାର୍ଥକ ଓ ପବିତ୍ର । ସ୍ପଷ୍ଟ ଅବବୋଧ ହୋଇଯାଏ ଜୀବନ ଆଧ୍ୟାତ୍ମିକ ! ଦେହର ଦେବାଳୟରେ ଜୀବ ଈଶ୍ୱର । ଜୀବ ଅମୃତ । ଦେହ ମୃତ । ଦେହ ମାଟିର ଘଟ ।

(ଆରଥରକୁ)

+ ଶବ୍‌ଦଘର, ଗୋଡିସାହି, କଟକ
ମୋ:୯୪୩୭୭୪୦୨୬୪

# ୩୫ ଲକ୍ଷ ମୂଲ୍ୟର ବ୍ରାଉନ୍‌ସୁଗର ଜବତ : ମାଷ୍ଟାର ମାଇଣ୍ଡ ସହିତ ୪ ଅଭିଯୁକ୍ତ ଗିରଫ

ଜଳେଶ୍ୱର, ୧୮/୯(ନି.ପ୍ର) : ବ୍ରାଉନ୍‌ସୁଗର କାରବାରର ଅନ୍ୟତମ ମୁଖ୍ୟ ସେକ୍ ମମତାଜକୁ ଶୁକ୍ରବାର ସଂଧ୍ୟାରେ ବାଲେଶ୍ୱର ଜିଲାର ଜଳେଶ୍ୱର ପୁଲିସ୍ ଗିରଫ କରିଥିବା ବେଳେ ଆଜି ଶନିବାର ଭୋର ସମୟରେ ଅନ୍ୟ ୩ଜଣଙ୍କୁ ଗିରଫ କରିବା ସହିତ ସେମାନଙ୍କଠାରୁ ୩୫ଲକ୍ଷ ଟଙ୍କା ମୂଲ୍ୟର ୩୫୦ ଗ୍ରାମ ଓଜନର ଧଳାଜହର ଜବତ୍ କରିଛି । ଧଳାଜହର କାରବାରରେ ସଂପୃକ୍ତ ୫ଟି କେସ୍‌ରେ ଅଭିଯୁକ୍ତ ଥିବା ରାଜପୁରର ସେକ୍ ମମତାଜଙ୍କ ସହିତ ଝାଡେଶ୍ୱରପୁରର ସେକ୍ ରାଜା, ସେକ୍ ବାବୁ ଓ ଦିଲବାରୀ ବିବି କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଘରେ ଘରେ କୁଟୀରଶିଳ୍ପ ପାଲଟିଥିବା ଏହି କାରବାରକୁ ମୂଳପୋଛ କରିବାଲାଗି ଏସ୍‌ଡିପିଓ ଅଂକିତା କୁମ୍ଭାର, ଆଇଆଇସି ପ୍ରଜ୍ଞା ମହାନ୍ତିଙ୍କୁ ନେଇ ଗଠିତ ପୁଲିସ୍ ଟିମ୍ ରାଜପୁର, ଝାଡେଶ୍ୱରପୁର, ସେକ୍‌ବାଡ ଓ ଶାସନବାର୍ଡ ଅଂଚଳର କେତେକ ସ୍ଥାନରେ ଚଢାଉ କରିଥିଲେ । ଏଥିରେ କେତେକ ଛୋଟ ଛୋଟ ବ୍ୟବସାୟୀଙ୍କୁ ଗିରିଫ କରାଯାଉଥିବା ବେଳେ ମୁଖ୍ୟକାର୍ପଟଦାରକୁ ପୁଲିସ୍ ଠାବ କରିପାରୁନଥିବାର ଦେଖିବାକୁ ମିଳୁଛି । ଜଳେଶ୍ୱର ଅଂଚଳର ୩୨ଜଣ ବ୍ୟକ୍ତି ସଂପୃକ୍ତ ଥିବା ଏକ ଗୋଇନ୍ଦା ରିପୋର୍ଟ ଥିବା ବେଳେ ସେମାନଙ୍କ ମଧ୍ୟରୁ କାହାକୁ ପୁଲିସ୍ ଅଦ୍ୟାବଧି ଧରିପାରିନଥିବା ଜଣାଯାଇଛି ।

# ରାଧାନାଥଙ୍କ ନାମରେ ଏକ ଜାତୀୟ ସମ୍ମାନ ଓ ମନୋଜ ଜୟନ୍ତୀରେ ରାଜ୍ୟସ୍ତରୀୟ ମନୋଜ ସାହିତ୍ୟର ଚର୍ଚ୍ଚା ପାଇଁ ସାହିତ୍ୟ ଏକାଡ଼େମୀରେ ଉଠିଲା ଦାବି

ବାଲେଶ୍ୱର,୧୮/୦୯ (ନି.ପ୍ର): ଓଡ଼ିଶା ସାହିତ୍ୟ ଏକାଡ଼େମୀର ସାଧାରଣ ପରିଷଦ ବୈଠକ କୋଭିଡ଼ କଟକଣା ପାଇଁ ବିଳମ୍ବରେ ଗତକାଲି ଭୁବନେଶ୍ୱର ରବୀନ୍ଦ୍ରମଣ୍ଡପ ଠାରେ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ରାଜ୍ୟର ସମସ୍ତ ଜିଲ୍ଲାର ସଦସ୍ୟମାନେ ଉପସ୍ଥିତ ରହି ସାରା ରାଜ୍ୟରେ ଆଗାମୀ ଦିନରେ ହେବାକୁ ଥିବା ବିବିଧ କାର୍ଯ୍ୟକ୍ରମର ପ୍ରସ୍ତାବମାନ ଦେଇଥିଲା ବେଳେ ସରକାରଙ୍କର ମନୋନିତ ସଦସ୍ୟ କବି କାଳୀପଦ ପଣ୍ଡା ଏଥିରେ ଅଂଶଗ୍ରହଣ କରି କବିବର ରାଧାନାଥ ରାୟଙ୍କର ପୁଣ୍ୟ ସ୍ମୃତିରେ ଏକ ଜାତୀୟ ପୁରସ୍କାର ପ୍ରଚଳନ କରିବା ପାଇଁ ଏକାଡ଼େମୀ ପକ୍ଷରୁ ସରକାରଙ୍କ ସଂସ୍କୃତିବିଭାଗକୁ ଅନୁରୋଧ କରାଯାଉ ବୋଲି ପ୍ରସ୍ତାବ ରଖିଥିଲେ । କାରଣ ଏକ ସମୟରେ ଓଡ଼ିଆ ଆଧୁନିକ କଥାସାହିତ୍ୟର ଯେଭଳି ଫକୀରମୋହନ ଯୁଗ ଆରମ୍ଭ ହୋଇଥିଲା ସେହିଭଳି ଭାବେ ପଦ୍ୟ ସାହିତ୍ୟକୁ ରାଧାନାଥ ରାୟଙ୍କର ଯେଉଁ ବିପୁଳ ଅବଦାନ ତାହାକୁ ରାଧାନାଥ ଯୁଗ ବୋଲି କୁହାଗଲା । ଏଣୁ ଏହି ଦୁଇ ଯୁଗ ପ୍ରବର୍ତ୍ତକଙ୍କ ସ୍ମୃତିରେ ଆମେ ଅଧିକ କାର୍ଯ୍ୟ କରିବାର ଆବଶ୍ୟକତା ରହିଥିବାରୁ ଅବିଳମ୍ବେ ରାଧାନାଥଙ୍କ ନାମରେ ଏକ ଜାତୀୟ ପୁରସ୍କାର ପ୍ରବର୍ତ୍ତନ ଜରୁରି ବୋଲି ସେ ଯୁକ୍ତି ବାଢ଼ିଥିଲେ । ଏହାକୁ ଉପସ୍ଥିତ ସଦସ୍ୟ ଓ ଏକାଡ଼େମୀର କର୍ମକର୍ତ୍ତା ମଧ୍ୟ ସମର୍ଥନ ଜଣାଇଥିଲେ । ସେହିପରି ଭାବେ ଆନ୍ତର୍ଜାତିକ କଥାଶିଳ୍ପୀ ପଦ୍ମଶ୍ରୀ ମନୋଜ ଦାସଙ୍କ ଆଗାମୀ ଫେବୃଆରୀ ୨୭ତାରିଖର ଜନ୍ମଦିନକୁ ତାଙ୍କର ପୁଣ୍ୟଜନ୍ମମାଟି ଭୋଗରାଇର ଶଙ୍ଖାରିରେ ଏକାଡ଼େମୀର ସମସ୍ତ ସଦସ୍ୟମାନଙ୍କ ଉପସ୍ଥିତିରେ ଏକ ରାଜ୍ୟସ୍ତରୀୟ ମନୋଜ ସାରସ୍ୱତ ସମାରୋହ କରିବାକୁ ପ୍ରସ୍ତାବ ରଖିଥିଲେ । ଏକାଡ଼େମୀର ସଭାପତି କବି ଡ.ହୃଷୀକେଶ ମଲ୍ଲିକ ସେହିଦିନ ଏକାଡ଼େମୀର ମୁଖପତ୍ର 'କୋଣାର୍କ' ମନୋଜ ବିଶେଷାଙ୍କ ରୂପେ ପ୍ରକାଶ ପାଇ ସେହିଦିନ ଉନ୍ମୋଚନ ହେବା ସହ ଏଭଳି ଏକ ଉତ୍ସବ କରିବା ଦିଗରେ ସମର୍ଥନ ଜଣାଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଇସ୍ତଫା ଦେଲେ...

ଅମରିନ୍ଦର ଇସ୍ତଫା ଦେଇଥିବାରୁ ଏବେ ନୂଆ ମୁଖ୍ୟମନ୍ତ୍ରୀ ଚୟନ ପାଇଁ ଆଜି ସନ୍ଧ୍ୟାରେ ବିଧାୟକ ଦଳ ବୈଠକ ବସିବ। ଏଥିପାଇଁ କଂଗ୍ରେସର ପଞ୍ଜାବ ଇନଚାର୍ଜ ହରିଶ ରାୱତ ମଧ ଦିଲ୍ଲୀରୁ ଆସିଛନ୍ତି। ମୁଖ୍ୟମନ୍ତ୍ରୀ ହେବା ଦୌଡ଼ରେ ପଞ୍ଜାବ କଂଗ୍ରେସର ପୂର୍ବତନ ମୁଖ୍ୟ ସୁନୀଲ ଝଖର, ଲୁଧିଆନା ସାଂସଦ ରବନୀତ ସିଂହ ବିଟ୍ଟୁ ଓ ରାଜ୍ୟସଭା ସାଂସଦ ପ୍ରତାପ ସିଂହ ବାଜୱା ରହିଛନ୍ତି। ସିଦ୍ଧୁ ମୁଖ୍ୟମନ୍ତ୍ରୀ ହେବା ଦୌଡ଼ରୁ ବାଦ ପଡ଼ିଛନ୍ତି।
ଅନେକ ମାସ ହେଲାଣି ପଞ୍ଜାବ କଂଗ୍ରେସରେ କନ୍ଦଳ ଲାଗି ରହିଥିଲା। ସିଦ୍ଧୁ ଓ କ୍ୟାପ୍‌ଟେନ୍‌ଙ୍କ ମଧ୍ୟରେ ଖୋଲାଖୋଲି କ୍ଷମତା ଯୁଦ୍ଧ ଚାଲିଥିଲା। ଅନେକ ଭାବୁଥିଲେ ସିଦ୍ଧୁ ପଞ୍ଜାବ କଂଗ୍ରେସର ସଭାପତି ହେବା ପରେ ସବୁ ଠିକ୍ ହୋଇଯିବ। କିନ୍ତୁ ସେମିତି କିଛି ହେଲା ନାହିଁ। ବରଂ କନ୍ଦଳ ଆହୁରି ବଢ଼ିଛି। ବିଧାୟକଙ୍କ ଏକ ଗୋଷ୍ଠୀ କ୍ୟାପ୍‌ଟେନ୍ ଅମରିନ୍ଦର ସିଂହଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ହଟାଇବା ପାଇଁ ଜିଦ୍ ଧରି ବସିଥିଲେ।
ଏହାକୁ ନେଇ ଆଜି କଂଗ୍ରେସର ଅନ୍ତରୀଣ ଅଧ୍ୟକ୍ଷ ସୋନିଆ ଗାନ୍ଧିଙ୍କ ସହ ଅମରିନ୍ଦର ସିଂହ କଥା ମଧ ହୋଇଥିଲେ। ସେ ଏହି ସମୟରେ ତାଙ୍କୁ କେଉଁଭଳି ଏଠାରେ ହଇରାଣ ଓ ଅପମାନିତ କରାଯାଉଛି, ସେକଥା କହିଥିଲେ। ଏଥିସହ ସେ ଏପରି ସ୍ଥିତି ଜାରି ରହିଲେ ମୁଖ୍ୟମନ୍ତ୍ରୀ ଓ ଦଳକୁ ଅଲବିଦା କହିବେ ବୋଲି ସୋନିଆଙ୍କୁ ସଫାସଫା ଜଣାଇ ଦେଇଥିଲେ। ଏହି ଘଟଣାର କିଛି ଘଣ୍ଟା ପରେ ହିଁ ଶ୍ରୀ ସିଂହ ପ୍ରଥମ ନିଜର ବିଶ୍ୱସ୍ତ ବିଧାୟକମାନଙ୍କ ସହ ନିଜ ବାସଭବନରେ ବୈଠକ କରିଥିଲେ। ଏହାପରେ ସେ ରାଜ୍ୟପାଳଙ୍କୁ ଭେଟିଥିଲେ। ରାଜ୍ୟପାଳଙ୍କୁ ଭେଟି ସାରିବା ପରେ ସେ ଗଣାମାଧମ ଆଗରେ ନିଜୀର ଇସ୍ତଫା କଥା ଘୋଷଣା କରିଛନ୍ତି। ହେଲେ ସେ ଦଳ ଛାଡ଼ିବେ କି ନାହିଁ ସେକଥା କହିନାହାନ୍ତି।

## ୨୦ରୁ ଯୁକ୍ତ ୩ ପ୍ରଥମ...

କଂଟେନମେଂଟ ଜୋନରେ ରହୁଥିବା ଅଧାପକ, କର୍ମଚାରୀ କିମ୍ବା ଛାତ୍ରଛାତ୍ରୀ କେହି କଲେଜ କି ବିଶ୍ୱବିଦ୍ୟାଳୟ ଆସିବେ ନାହିଁ । କ୍ୟାମ୍ପସ ଓ ଶ୍ରେଣୀଗୃହରେ ସମସ୍ତଙ୍କୁ ମାସ୍କ ପିନ୍ଧିବାକୁ ପଡ଼ିବ । ନିୟମିତ ବ୍ୟବଧାନରେ ହାତ ଧୋଇବେ କିମ୍ବା ସାନିଟାଇଜ୍ କରିବେ ।
ଶ୍ରେଣୀଗୃହ, ଲାଇବ୍ରେରୀ ସହ ଲାବୋରେଟୋରିରେ ସାମାଜିକ ଦୂରତା ରକ୍ଷା କରାଯିବ। ସଂଖ୍ୟା ଦୃଷ୍ଟିରୁ ଆବଶ୍ୟକ ସ୍ଥଳେ ଛାତ୍ରଛାତ୍ରୀଙ୍କୁ ନେଇ ଅଲଗା ବ୍ୟାଚ୍ କରି ପଢ଼ାଯିବ। କ୍ୟାମ୍ପସରେ ଛେପ ପକାଇବାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି । ଜରୁରୀକାଳୀନ ସ୍ଥିତି ପାଇଁ ଆଇସୋଲେସନ୍ ରୁମ୍ ରଖିବାକୁ କୁହାଯାଇଛି ।

## ରାଜ୍ୟରେ ସଂକ୍ରମଣ ...

ରାଜ୍ୟର ଅନ୍ୟ ଭାଗ ତୁଳନାରେ କଟକ ଓ ଭୁବନେଶ୍ୱରରେ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ଅଧିକ ରହୁଛି। କାରଣ ଏଠାରେ ବଡ଼ ବଡ଼ ହସ୍ପିଟାଲ ଅଛି ଓ ରୋଗୀ ସଂଖ୍ୟା ଅଧିକ ଥିବାରୁ ସଂଖ୍ୟା ବେଶୀ ରହିବା ସ୍ୱାଭାବିକ । ରାଜ୍ୟ ସରକାର ସମସ୍ତ ହସ୍ପିଟାଲରେ ଆରଟିପିସିଆର ଟେଷ୍ଟକୁ ବାଧ୍ୟତାମୂଳକ କରିଛନ୍ତି। ନିଜ ପାଖ ସରକାରୀ ହସ୍ପିଟାଲରେ ଯେକେହି ନିଜର କୋଭିଡ୍ ପରୀକ୍ଷା କରାଇପାରିବେ। ତେବେ ଆଗାମୀ ୩ମାସ ଆମ ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିବାରୁ ସଚେତନ ରହିବାର ଆବଶ୍ୟକତା ଅଛି । କୋଭିଡ୍ ନିୟମ ମାନିବାକୁ ଡାକ୍ତର ମିଶ୍ର ପରାମର୍ଶ ଦେଇଛନ୍ତି ।

# ବସ୍ତା ଅଞ୍ଚଳରେ ବିଭିନ୍ନ ଅଞ୍ଚଳରେ ବିଶ୍ୱକର୍ମା ପୂଜା



ବସ୍ତା, ୧୮/୦୯ (ନି.ପ୍ର): ବସ୍ତା ଅଞ୍ଚଳରେ ବିଭିନ୍ନ ସ୍ଥାନରେ କରୋନା କଟକଣାକୁ ଆଖି ଆଗରେରଖି ସମଦୂରତା ଅବଲମ୍ବନ କରି ଦେବ ଶିଳ୍ପୀ ବିଶ୍ୱକର୍ମାପୂଜା ଅନୁଷ୍ଠିତ ହୋଇଯାଇଅଛି । ଝରିଆ ପେପର ମିଲ, ଗଣପତି ପାଇପ୍, ବିଜୁଳି ବିଭାଗର ଗାନ୍ଧିଛକ ଗ୍ରିଡ, ବାହାର୍ଦ୍ଦା ଇଲେକ୍ଟ୍ରୀ ଅଫିସ ବସ୍ତା ଷ୍ଟୋସନର ଠିକାଲେବରମାନେ, ସେହିପରି ସଦର ବ୍ଲକ ମହକୁମା ରୂପସା ଝୋଟ କାରଖାନାରେ ମଧ୍ୟଦେବ ଶିଳ୍ପୀଙ୍କର ପୂଜାର୍ଚ୍ଚନା ହୋଇଯାଇଛି । ଝୋଟକାରଖାନାର ଶ୍ରମିକ ୟୁନିୟନ ର ସଭାପତି ସାନ୍ତନୁ ଦାସ, ଉପ ସଭାପତି ଦେବବ୍ରତ ବିଶ୍ୱାଳ, ସମ୍ପାଦକ ରଜନୀ ବିଶ୍ୱାଳ ଓ ସେକ୍ରେଟେରୀ ପମୋଦ ପଣ୍ଡାଙ୍କ ତତ୍ୱାବଧାନରେ ଶ୍ରମିକ ମାନେ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ ।

# ରୋଟାରୀ ଦନ୍ତ ଚିକିତ୍ସାଳୟ ଉଦ୍‌ଘାଟିତ

ବାଲେଶ୍ୱର,୧୮/୦୯ (ନି.ପ୍ର): ବାଲେଶ୍ୱର ରୋଟାରୀ କ୍ଲବ ଚକ୍ଷୁ ଚିକିତ୍ସାଳୟର ୬ଷ୍ଠ ବାର୍ଷିକ ପ୍ରତିଷ୍ଠା ଦିବସ ଓ ରୋଟାରୀ ଦନ୍ତ ଚିକିତ୍ସାଳୟ ଉଦଘାଟନ ଉତ୍ସବ ସ୍ଥାନୀୟ ରୋଟାରୀ ଭବନ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଫକୀର ମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଓ ରୋଟାରୀ ଜିଲା ଗଭର୍ଣ୍ଣର ପ୍ରଫେସର ଶାନ୍ତନୁ ପାଣି ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଅନ୍ୟାନ୍ୟ ସାମାଜକଲ୍ୟାଣ କାର୍ଯ୍ୟଧାରା ସାଙ୍ଗକୁ ଚକ୍ଷୁ ଚିକିତ୍ସା କ୍ଷେତ୍ରରେ ବାଲେଶ୍ୱର ରୋଟାରୀ କ୍ଲବର ସଫଳତା ପ୍ରଶଂସନୀୟ ଥିଲା ବୋଲି ସେମାନେ କହିଥିଲେ।ଏବେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଦନ୍ତ ଚିକିତ୍ସାଳୟ ପ୍ରତିଷ୍ଠା କ୍ଲବର ମହାନତାକୁ ବେଶ ପ୍ରତିପାଦିତ କରିପାରିଛି ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ବାଲେଶ୍ୱର ରୋଟାରୀ କ୍ଲବ ସଭାପତି ଡ. ରାଜଲକ୍ଷ୍ମୀ ଯତିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ 'ରୋଟାରୀ ସମାଜକଲ୍ୟାଣ ଟ୍ରଷ୍ଟ'ର ଚେୟାରମ୍ୟାନ ମାତୃଦତ୍ତ ଦାସ, ସମ୍ପାଦକ ପଦାରବିନ୍ଦ ମହାପାତ୍ର, ବରିଷ୍ଠ ରୋଟାରିଆନ ସୁବ୍ରତ କର, ଉଦୟ ରଂଜନ ଦାସ, ଦେବେନ୍ଦ୍ର ଧଳ ପ୍ରମୁଖ ମଞ୍ଚାସୀନ ହୋଇ ଚକ୍ଷୁ ଚିକିତ୍ସାଳୟ ସହ ଦନ୍ତ ଚିକିତ୍ସାଳୟ ପ୍ରତିଷ୍ଠାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବାଲେଶ୍ୱର ରୋଟାରୀ କ୍ଲବର ସମ୍ପାଦକ ପ୍ରଦୀପ୍ତ କୁମାର ପଣ୍ଡା ରୋଟାରୀ କ୍ଲବର ଆଗାମୀ କାର୍ଯ୍ୟଧାରା ଓ ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। ଭି ଉଦୟ କୁମାର ଏଥିରେ ସଂଯୋଜନା କରିଥିବା ବେଳେ କୋଷାଧ୍ୟକ୍ଷ ସୁଖମୟ ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁବର୍ଣ୍ଣରେଖାରେ ବନ୍ୟା ବିପଦ ଟଳିଛି: ଲୋକଙ୍କ ଦୁର୍ଦ୍ଦଶା ବଢିଛି

ବାଲିଆପାଳ,୧୮/୦୯ (ନି.ପ୍ର): ଲଘୁଚାପଜନିତ ଲଗାଣ ବର୍ଷା ସାଙ୍ଗକୁ ଗାଲୁଡିହ ବ୍ୟାରେଜରୁ ପାଣି ନିଷ୍କାସନ ହେବା ପରେ ସୁବର୍ଣ୍ଣରେଖାର ତଳ ମୁଣ୍ଡରେ ଥିବା ବାଲିଆପାଳ ବ୍ଲକର ବ୍ୟାପକ ଅଂଚଳରେ ଗତ ଦୁଇଦିନ ଧରି ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା । ଆଜି ସୁବର୍ଣ୍ଣରେଖା ନଦୀର ଜଳସ୍ତର ହ୍ରାସ ପାଇ ଏହାର ସତର୍କ ସଙ୍କେତ ତଳେ ପ୍ରବାହିତ ହେଉଥିଲେ ମଧ୍ୟ ନିମ୍ନ ଅବବାହିକାରେ ଥିବା ବାଲିଆପାଳ ବ୍ଲକର ଆଜି ମଧ ବନ୍ୟା ପରିସ୍ଥିତି ଅପରିବ ୀତ ରହିଛି ।ବନ୍ୟା ପ୍ରଭାବିତ ଗ୍ରାମର ଲୋକଙ୍କ ଦୁର୍ଦ୍ଦଶା ବଢିଛି । ଏହି ବନ୍ୟାରେ ବାଲିଆପାଳ ବ୍ଲକର ୯ ପ ।ୟତର ୩୦ରୁ ଉର୍ଦ୍ଧ୍ୱ ଗ୍ରାମ ବିଶେଷ ମାତ୍ରାରେ ପ୍ରବାବିତ ହୋଇଛନ୍ତି । ଏବେବି ଏହିସବୁ ଗ୍ରାମାରେ ବନ୍ୟା ପାଣି ପ୍ରବାହିତ ହେଉଥିବାରୁ ଲୋକଙ୍କ ଯାତାୟତରେ ବାଧା ସୃଷ୍ଟି ହେଉଛି । କୁଦସିଂ,ଆଠବାଟିଆ,ରାଉତୁରାପୁର, ତଳ ବାଲିଆପାଳ, ଶୁଙ୍ଗମୁହଁ, ବିଷ୍ଣୁପୁର,ଇକଡପାଳ, ଚୌଧୁରିକୁଦ, କୁହ୍ଲାଚଡ, ବଡତାଳପଦା ,ପାଳଜାମକୁଣ୍ଡା ପ୍ରଭୃତି ଗ୍ରାମ ସଂପୂର୍ଣ୍ଣ ରୂପେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି । ବନ୍ୟା ଯୋଗୁଁ ଗତ ୩ ଦିନ ହେଲା ଗ୍ରାମର ଅନେକ ଲୋକଙ୍କ ଘରେ ଚୁଲି ଜଳିନଥିବା ବେଳେ ସେମାନେ ଭୋକ ଉପବାସରେ ଦିନ ବିତାଉଛନ୍ତି ।ପିଇବା ପାଣି ପାଇଁ ଲୋକେ ସବୁଠାରୁ ଅଧିକ ସଙ୍କଟର ସମ୍ମୁଖୀନ ହେଉଛନ୍ତି । ନଳକୂପ ଗୁଡିକ ପାଣିରେ ବୁଡି ରହିଥିବାରୁ ଲୋକେ ଦୁଷିତ ପାଣି ପିଇବାକୁ ବାଧ୍ୟ ହେଉଛନ୍ତି ।ଜାମକୁଣ୍ଡା ପ ।ୟତ ନଖପାଳ ଗ୍ରାମର ଭାଗିରଥୀ ମଙ୍ଗରାଜ ତାଙ୍କର ଧର୍ମପତ୍‌ନ ଶିଖା ମଙ୍ଗରାଜ ଙ୍କ ଘର ପାଣିରେ ସମ୍ପୂର୍ଣ୍ଣ ବୁଡିଯାଇଥିବାରୁ ରାସ୍ତାକଡରେ ନିଜର ପିଲାଛୁଆଙ୍କୁ ନେଇ ଭୋକଉପବାସରେ ଖୋଲା ଆକାଶ ତଳେ ରହୁଛନ୍ତି ।ତବେ ପ୍ରଶାସନ ପକ୍ଷରୁ କେହି ତାଙ୍କୁ ସହାୟତା ଯୋଗଇ ଦେଇନଥିବା ଦୁଃଖର ସହ କହିଛନ୍ତି । ଆଜକୁ ୭ଦିନ ହେଲା ଲଘୁଚାପ ଜନିତ ବର୍ଷା ସାଙ୍ଗକୁ ବନ୍ୟା ଯୋଗୁଁ ଗୃହପାଳିତ ପଶୁ ଘୁ ପଦାକୁ ବାହାରି ନପାରି ଭୋକିଲା ଅଛନ୍ତି । ବନ୍ୟାପାଣି ହ୍ରାସ ହେଉଥିଲେ ମଧ ବାଲିଆପାଳ ବ୍ଲକରେ ବନ୍ୟାପାଣି ସମ୍ପୂର୍ଣ୍ଣ ଛାଡିବାକୁ ଆହୁରି ଦିନେ ଦୁଇଦିନ ଲାଗିବ ।ପ୍ରଶାସନ ପକ୍ଷରୁ ବ୍ଲକ ପରିସରରେ ପର୍ଯ୍ୟାପ୍ତ ପରିମାଣର ଶୁଖିଲା ଖାଦ୍ୟ ଏବଂ ପାଣିପାଉଚ ମହଜୁଦ ରଖାଯାଇଥିବା କୁହାଯାଉଥିବା ବେଳେ ବନ୍ୟାର ତିନିଦିନ ପରେ ମଧ ପ୍ରଶାସନ ପକ୍ଷରୁ ଲୋକମାନଙ୍କ ପାଖରେ ରିଲିଫ ପହଂଚାଇ ନପାରିବା ପ୍ରଶାସନର ଅପାରଗତାକୁ ପଦାରେ ପକାଇଛି । ସେହିପରି ଶହ ଶହ ଏକର ଜମିରେ ହୋଇଥିବା ଧାନ ପରିବା ଚାଷ ପାଣିରେ ବୁଡି ରହି ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଛି । ପ୍ରଶାସନ ପକ୍ଷରୁ ତୁରନ୍ତ କ୍ଷତିଗ୍ରସ୍ତ ଗ୍ରାମ ଗୁଡିକର ସ୍ଥିତି ଅନୁଧ୍ୟାନ କରି ଲୋକଙ୍କୁ ସହାୟତା ଯୋଗଇ ଦେବାକୁ ଦାବି ହେଉଛି ।

## ମହାବୀର ଫାଉଣ୍ଡେସନ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ଖାତା କଲମ ଓ ମାସ୍କ ବଣ୍ଟନ

ନୀଳଗିରି,୧୮/୦୯ (ନି.ପ୍ର): ନୀଳଗିରି ର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ମହାବୀର ଫାଉଣ୍ଡେସନ ପକ୍ଷରୁ ସଂପାଦକ ସରୋଜ କୁମାର ବାରିକଙ୍କ ଜନ୍ମଦିନ ଉପଲକ୍ଷେ ତେଲିପାଳ ପଞ୍ଚାୟତର ରଙ୍ଗାମାଟିଆ ଓ ପୁଟିବନ୍ଧ ଗ୍ରାମର ଛୋଟଛୋଟ ସ୍କୁଲ ପିଲାମାନଙ୍କୁ ମାଗଣାରେ ଖାତା, କଲମ, ମାସ୍କ, ବିସ୍କୁଟ ବଣ୍ଟନ କରିଛନ୍ତି । ପାଖାପାଖି ୧୫୦ଜଣ ପିଲାଙ୍କୁ ମାଗଣାରେ ବଣ୍ଟନ କରିଛନ୍ତି । ଉପଦେଷ୍ଟା ଗଙ୍ଗାଧର ବାରିକ, ପ୍ରତିଷ୍ଠାତା ବିଦ୍ୟାଧର ବାରିକ, ସଭାପତି ବିଶ୍ୱସୁନ୍ଦର ବାରିକ, ସଂପାଦକ ସରୋଜ ବାରିକ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

# ହାଜରତ ସରକାର ବାବାଙ୍କ ଫତେ ଉତ୍ସବ ପାଇଁ ପ୍ରଶାସନିକ ବୈଠକ




ଭଦ୍ରକ,୧୮/୦୯ (ନି.ପ୍ର): ଆସନ୍ତା ୨୪ ତାରିଖରେ ଭଦ୍ରକରେ ପାଳିତ ହେବାକୁ ଥିବା ହାଜରତ ସରକାର ବାବାଙ୍କ ଫତେ ଉତ୍ସବ ପାଇଁ ଆଜି ଜିଲ୍ଲାପାଳ ତ୍ରିଲୋଚନ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଏସ୍.ପି. ଯତୀନ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ମଧୁସୂଦନ ଦାଶ, ଉପଜିଲ୍ଲାପାଳ ପିତାମ୍ବର ସାମଲ ପ୍ରମୁଖ ଏହି ବୈଠକରେ ଯୋଗଦେଇ ପର୍ବ ପାଳନ ନେଇ ଆଲୋଚନା ରଖିଥିଲେ। ରାଜ୍ୟ ସରକାରଙ୍କ କୋଭିଡ୍ ନିୟମ ଅନୁପାଳନ ପୂର୍ବକୁ ସବୁ ପର୍ବପର୍ବାଣୀ ପାଳନ ହେଉଥିବା ପରି ଏହି ଉତ୍ସବ ପାଳନ କରାଯିବ ବୋଲି ଜିଲ୍ଲାପାଳ ବୈଠକରେ ପ୍ରକାଶ କରିଥିଲେ। ଉପସ୍ଥିତ ଉତ୍ସବ ପାଳନ କମିଟିର ସଭାପତି, ସମ୍ପାଦକ ଓ ଅନ୍ୟ କର୍ମକର୍ତ୍ତାମାନେ ମଧ କୋଭିଡ୍ ପାଇଁ ଉତ୍ସବ ପାଳନରେ କାଟଛାଣ୍ଟ କରିଥିବା ସୂଚନା ଦେଇଥିଲେ। ପ୍ରଥମେ ଜୀବନ ତାପରେ ପାଳନ ବୋଲି ସେମାନେ ପ୍ରକାଶ କରିଥିଲେ ଏବଂ ଏହି ପରିପ୍ରେକ୍ଷୀରେ ଏହି ପର୍ବ ପାଳନରେ ଫଳ ଭୋଗ ନେଇ ଆସିବାକୁଥିବା ବହୁ ସଂଖ୍ୟାରେ ଦର୍ଶକମାନଙ୍କୁ ବାରଣ କରାଯାଇଛି। ସାଧାରଣ ଦର୍ଶନ ବା ଜନସମାବେଶକୁ ଦୂରେଇ ରଖିବା ପାଇଁ ସେଦିନ ଫାଟକ ବନ୍ଦ ରଖାଯିବ ବୋଲି ସୂଚନା ଦେଇଥିଲେ। ନିଜ ନିଜ ଘରେ ଏ ପର୍ବ ପାଳନ ପାଇଁ ସୂଚନା ଦିଆଯାଇଛି ଏବଂ ଗେଟ୍‌ରେ ମଧ ସୂଚନା ଫଳକ ଲଗାଯାଇଛି ବୋଲି କହିଥିଲେ। କମିଟି ଦ୍ୱାରା ନିଜ ତରଫରୁ କୋଭିଡ ନିୟମ ଅନୁପାଳନ ନେଇ ସ୍ୱତଃ ପ୍ରବୃତ ଭାବେ ନିଆଯାଇଥିବା ଏଭଳି ନିଷ୍ପତ୍ତି ପାଇଁ ଜିଲ୍ଲାପାଳ ବୈଠକରେ କର୍ମକର୍ତ୍ତାମାନଙ୍କୁ ସାଧୁବାଦ ଜଣାଇଥିଲେ। ପର୍ବ ପାଳନ ହେବାକୁ ଥିବା ୨୩ ଓ ୨୪ ଦୁଇଦିନ ପାଇଁ ବିଦ୍ୟୁତ ସରବରାହ ଅବିଚ୍ଛିନ୍ନ ରଖିବା ଏବଂ ମ୍ୟୁନିସିପାଲିଟି ଦ୍ୱାରା ରାସ୍ତା ସଫେଇ ସାଙ୍ଗକୁ ରାସ୍ତାରେ ଆଲୁଅ ଲଗାଇବା ପାଇଁ କମିଟି ତରଫରୁ ଅନୁରୋଧ ମତେ ଜିଲ୍ଲାପାଳ ଏ ଦିଗରେ ପଦକ୍ଷେପ ନେବାପାଇଁ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୋବାଇଲ ଗାଡ଼ି ନିୟୋଜିତ ହେବା ସହ ପୋଲିସ୍ ବିଭାଗ ତରଫରୁ ଆବଶ୍ୟକ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ଏ.ଏସ୍.ପି. ମଧ ସୂଚନା ଦେଇଥିଲେ। ଉପଖଣ୍ଡ ପୋଲିସ୍ ଅଧିକାରୀ ସାର୍ଥକ ରାୟ, ଟାଉନ୍ ଥାନା ଅଧିକାରୀ ଉମାଶଙ୍କର ନାୟକ, ପୁରୁଣାବଜାର ଥାନାଧିକାରୀ ପ୍ରକାଶ ଚନ୍ଦ୍ର ପୃଷ୍ଟି, କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ, ତହସିଲଦାର ଭଦ୍ରକ ନବକୃଷ୍ଣ ଜେନା, ଆର.ଆଇ. ପୋଲିସ୍ ମନୋରଂଜନ ତରାଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖଙ୍କ ସହ ସଂପୃକ୍ତ ବିଭାଗୀୟ ଅଧିକାରୀ, କର୍ମଚ଼ାରୀ ଓ ଉତ୍ସବ ପାଳନ କମିଟି ସଦସ୍ୟମାନେ ଏହି ବୈଠକରେ ଉପସ୍ଥିତ ଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲା ବିଜେପି ପକ୍ଷରୁ ସେବା ଓ ସମର୍ପଣ କାର୍ଯ୍ୟକ୍ରମ ଆରମ୍ଭ

ବାଲେଶ୍ୱର,୧୮/୦୯ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୧ ତମ ଜନ୍ମ ଦିବସ ଅବସରରେ ଦେଶବ୍ୟାପୀ ୨୦ଦିନ ପାଇଁ 'ସେବା ଓ ସମର୍ପଣ' କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ବାଲେଶ୍ୱରରେ ମଧ୍ୟ ଅନୁରୂପ ପ୍ରତିଫଳନ ଦେଖିବାକୁ ମିଳିଛି। ଜିଲ୍ଲା ବିଜେପି ସଭାପତି ଉମାକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ଜିଲାବ୍ୟାପୀ ସମାଜସେବା ମୂଳକ କାର୍ଯ୍ୟ ଆରମ୍ଭ ହୋଇଛି। ଦଳର ସମସ୍ତ ମୋର୍ଚ୍ଚା ଓ ଶାଖା କମିଟିମାନେ ଏହି କାର୍ଯ୍ୟରେ ଅଂଶଗ୍ରହଣ କରିଛନ୍ତି। ଆସନ୍ତା ଅକ୍ଟୋବର ମାସ ୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିବସ ଅବସରରେ ଦଳର କର୍ମକର୍ତ୍ତା ଓ ସଦସ୍ୟମାନେ ଝାଡେଶ୍ୱର ମନ୍ଦିରେ ପୂଜାର୍ଚ୍ଚନା ଓ ହୋମ ଯଜ୍ଞ ପ୍ରଭୃତି କରିଥିଲେ। ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଜିଲ୍ଲା ସଭାପତି ଶ୍ରୀ ମହାପାତ୍ର ନିକଟସ୍ଥ ନୀଳିଆବାଗ ବସ୍ତି ବାସିନ୍ଦାଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରିଥିଲେ। ଏହାପରେ ସ୍ୱଚ୍ଛ ଭାରତ ଅଭିଯାନ ତରଫରୁ ସହୀଦ ପାର୍କ ଆଖପାଖ ଅଞ୍ଚଳକୁ ପରିଷ୍କାର ପରିଚ୍ଛନ୍ନ କରାଯିବା ସହ ସେଠାରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଶିଷ ଘୋଷ, ପର୍ଶୁରାମ ପରିଡ଼ା, ଶୁଭଙ୍କର ମହାପାତ୍ର, ଶୋଭନା ମହାନ୍ତି, ସୁଷମା ବିଶ୍ୱାଳ, ମୀନାକ୍ଷୀ ମହାପାତ୍ର, କମଳା ବିନ୍ଧାଣି, ତରୁଲତା ମହାନ୍ତି, ଦମୟନ୍ତୀ ବାଗ୍, ଶ୍ରୀନିବାସ ପ୍ରଧାନ, ମଣ୍ଟୁପେରିୱାଲ, ଯୋଗେନ ରଣା, ବିଜୟ ପାଣିଗ୍ରାହୀ, ଚିତରଞ୍ଜନ ପଣ୍ଡା, ହେମନ୍ତ ମାସନ୍ତ, କମଳଲୋଚନ ଦାସ, ସୁଶାନ୍ତ ବେରା, ସର୍ବେଶ୍ୱର ପାତ୍ର, ସ୍ୱାଧୀନ ପଣ୍ଡା, ଶୋଭାକର ସାହୁ, ଚନ୍ଦ୍ରବିନ୍ଦୁ ଦାସ, ପର୍ଶୁରାମ ମହାନ୍ତି, ମୁନ୍ନା ମହନ୍ତ, ସୁରଝଙ୍କାର ସେଠୀ ଓ ବିଭୁପଦ ଦାସ ପ୍ରମୁଖ ଭାବେ ଅଂଶଗ୍ରହଣ କରିଥିଲେ। ଜିଲାର ସମସ୍ତ ବ୍ଲକ କମିଟି ପକ୍ଷରୁ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ଦଳୀୟ କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି।

# ହରିୟାଣାର ୫ଜଣିଆ କ୍ରାଇମ ବ୍ରାଞ୍ଚ ଟିମ୍ ନୀଳଗିରିରେ : ଗହଣା ଚୋରି ଘଟଣାରୁ ୧ଗିରଫ

ନୀଳଗିର,୧୮/୦୯ (ନି.ପ୍ର): ହରିୟାଣା ପ୍ରଦେଶର ଗୁରୁଗାଓଁ ଥାନା ଅଧିନସ୍ଥ ଗୁରୁଗ୍ରାମର ଶୁଭ୍ରାଂସୁ ରାଜ ଗଏଲଙ୍କ ଘରେ ନୀଳଗିରି ଥାନା ଅଧିନସ୍ଥ ଭିମେଇ ଗ୍ରାମର କାଶିନାଥ ମଲିକ ଠକର ହିସାବରେ କାର୍ଯ୍ୟ କରି ଆସୁଥିଲା ବେଳେ ସୁଯୋଗ ନେଇ କାଶିନାଥ ଘରର ୨୭ଲକ୍ଷ ଟଙ୍କାର ଅଳଙ୍କାର କୁ ଲୁଟ କରି ଫେରାର ହୋଇଯାଇଥିଲା । ଏ ନେଇ ଘରର ମାଲିକ ଗୁରୁଗାଁଓ ଥାନାରେ ଅଭିଯୋଗ କରିଥିଲେ । ଆଜକୁ ୭ ମାସ ପୂର୍ବରୁ ଚୋରି ହୋଇଥିଲା । ଘଟଣାକୁ ଗୁରୁତ୍ୱ ଦେଇ ହରିୟାଣାର ୫ଜଣିଆ କ୍ରାଇମବ୍ରାଞ୍ଚ ଟିମ୍ ଅଭିଯୁକ୍ତକୁ ୫ଦିନ ପୂର୍ବରୁ ଗିରଫ କରି ଲୁଟ ଗହଣାକୁ ଉଦ୍ଧାର କରିବା ପାଇଁ ନୀଳଗିରିରେ ପହଞ୍ଚିଛନ୍ତି । ନୀଳଗିରି ପୋଲିସ ସହାୟତାରେ କ୍ରାଇମବ୍ରାଞ୍ଚ ଟିମ୍‌ଅଭିଯୁକ୍ତକୁ ଧରି ଭିମେଇ ଗ୍ରାମରେ ପହଞ୍ଚିଥିଲେ । ବହୁତ ଛାନଭିନ କରି ଚୋରି ଗହଣାକୁ ଠାବ କରି ପାରି ନ ଥିଲେ । ଚୋରି ଗହଣାକୁ ବିକ୍ରି କରି ପକ୍କା ଘର ନିର୍ମାଣ କରିଥିବା ଶୁଣିବାକୁ ମିଳୁଛି । ତେବେ ଏ ନେଇ ଗୁରୁଗାଁଅ ଥାନାରେ ୬୮/୨୧ ମାମଲା ରୁଜୁହୋଇଥିବା ବେଳେ ଅଭିଯୁକ୍ତ କାଶିନାଥ ମଲିକକୁ ହରିୟାଣା ନେଇ ଯାଇଛନ୍ତି ।

# ଜାତୀୟ ରାଜପଥ ଖଡଗପୁର ପ୍ରୋଜେକ୍ଟ ଡାଇରେକ୍ଟରଙ୍କ ଭେଲରା ଛକ ପରିଦର୍ଶନ



ବସ୍ତା,୧୮/୦୯ (ନି.ପ୍ର): ବସ୍ତା ଥାନା ଜାତୀୟ ରାଜପଥ ଭେଲରା ଛକ କୁ ପରିଦର୍ଶନରେ ଆସିଲେ ଜାତୀୟ ରାଜପଥ ପ୍ରୋଜେକ୍ଟ ଡାଇରେକ୍ଟର। ଘଟଣାରୁ ପ୍ରକାଶ ଗତ ଦଶବର୍ଷ ଧରି ଏହି ଛକ ନିକଟରେ ଗଳା ପୋଲ ନିର୍ମାଣ ପାଇଁ ଗୋଟିଏ ପାର୍ଶ୍ୱ ରାସ୍ତା କାମ ଚାଲିଥିବା ବେଳେ ପର ମୁହୁର୍ତ୍ତରେ ତାହା ବନ୍ଦ୍ ହୋଇପଡ଼ି ରହିଥିଲା। ଫଳରେ ଏହି ଛକଠାରେ ବାରମ୍ବାର ଦୁର୍ଘଟଣା ଘଟି ଦଶ ବର୍ଷ ମଧ୍ୟରେ ୭୨ ରୁ ଉର୍ଦ୍ଧ ଜୀବନ ଯାଇଥିଲା। ଏହାକୁ ବିରୋଧ କରି ବିଭିନ୍ନ ସଙ୍ଗଠନ , ରାଜନୀତିକ ଦଳ ଏହି ପୋଲ ନିର୍ମାଣ ପାଇଁ ଦାବି କରିଆସୁଥିଲେ। ମାତ୍ର ଜାତୀୟ ରାଜପଥ କର୍ତୃପକ୍ଷ ସେଥିରେ କର୍ଣ୍ଣପାତ କରୁନଥିଲେ। ପରେ ଗତ ପାଞ୍ଚ ତାରିଖ ଗୁରୁଦିବସ ଦିନ ବିଦ୍ୟାଳୟରୁ ଗୁରୁଦିବସ ସାରି ଫେରୁଥିବା ବେଳେ ଏହି ଛକ ନିକଟରେ ସଡ଼କ ଦୁର୍ଘଟଣା ରେ ଶିକ୍ଷକ ଭବାନୀ ମହାପାତ୍ର ପ୍ରଣହାରାଇ ଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ବୁଦ୍ଧିଜୀବୀ ବିଭିନ୍ନ ରାଜନୀତିକ ଦଳ ଜିଲ୍ଲାପାଳ ,ଜାତୀୟ ରାଜପଥ କର୍ତୃପକ୍ଷ ଙ୍କୁ ଆଗାମୀ ପନ୍ଦର ଦିନ ମଧ୍ୟରେ ଏହି ଅର୍ଦ୍ଧନିର୍ମିତ କାର୍ଯ୍ୟକୁ ପୁଣି ଆରମ୍ଭ କରିବାକୁ ଦାବି କରିବା ସହିତ ରାଜପଥ ଅବରୋଧ କରିବାକୁ ଦାବି କରିଥିଲେ। ପରେ ଗତ ପନ୍ଦର ତାରିଖ ଦିନ ପ୍ରାଣ ହରାଇଥିବା ଶିକ୍ଷକ ଭବାନୀ ମହାପାତ୍ର ଙ୍କ ଶୋକ ସଭା ଜାତୀୟ ରାଜପଥ ଉପରେ ସ୍ଥାନୀୟ ଲୋକ ପାଳନ କରିଥିଲେ। ଜାତୀୟ ରାଜପଥ କର୍ତୃପକ୍ଷ ପହଞ୍ଚି ଉକ୍ତ କାର୍ଯ୍ୟ ଆଗାମୀ ଏକ ସପ୍ତାହ ମଧ୍ୟରେ ଆରମ୍ଭ ହେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାକୁ ଭିତ୍ତି କରି ପୀଡି ସୁବ୍ରତ ନାଗ ଘଟଣା ସ୍ଥଳରେ ପହଞ୍ଚି ପରିଦର୍ଶନ କରିଥିଲେ।

## କେରଳରେ ଗତ ୨୪ ଘଂଟାରେ ୧୯,୩୨୫ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ

ତିରୁବନନ୍ତପୁରମ,୧୮/୦୯ (ନି.ପ୍ର): କେରଳରେ ଗତ ୨୪ ଘଂଟାରେ ୧୯,୩୨୫ ନୂଆ କରୋନା ସଂକ୍ରମଣର ମାମଲା ସାମନାକୁ ଆସିଛି । ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଏହା ସହ ରାଜ୍ୟରେ ମୋଟ ସକ୍ରିୟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୧,୮୦,୮୪୨ ହୋଇ ଯାଇଛି ।

# ସାଇକେଲ ଚୋରକୁ ଧରି ନିର୍ଦ୍ଧୁମ ଛେଚିଲେ ଲୋକେ



ବାଲିଆପାଳ,୧୮/୦୯ (ନି.ପ୍ର): ବାଲିଆପାଳଥାନା ଅ'ର୍ଗତ ସିମୁଳିଆ ବଜାରରେ ଆଜି ଜନୈକ ସାଇକେଲ ଚୋର ସାଇକେଲ ଚୋରି ବିକ୍ରୀ କରୁଥିବା ବେଳେ ବଜାରବାସୀଙ୍କ ହାତରେ ଧରାପଡି ନିର୍ଦ୍ଧୁମ ଚେ। ଖାଇବା ସହ ପୋଲିସ ହାତରେ ଜିମ୍ମା ଦେଇଛନ୍ତି । ମିଳିଥିବା ସୂଚନା ମୁତାବକ ବାଲିଆପାଳ ଥାନା କାଳରୂଇ ଗ୍ରାମର ଜନୈକ ବ୍ୟକ୍ତି ସିମୁଳିଆ ମାଚ ମାର୍କେଟକୁ ନିଜ ସାଇକେଲରେ ମାଛ କିଣିବାକୁ ଆସିଥିଲେ । ସାଇକେଲ ଚାବି ମାରି ମାଛ ମାର୍କେଟରୁ ଫେରିବା ପରେ ସାଇକେଲ ପାଇନଥିଲେ ।ସିମୁଳିଆ ଗ୍ରାମର ବାବାଜୀ ଦାସ ନାମକ ଜନୈକ ଯୁବକ ଏହି ସାଇକେଲଟିକୁ ଚୋରି କରି ୩୦୦୦ ହଜାର ଟଙ୍କାରେ ଅନ୍ୟତ୍ର ବିକ୍ରି କରିବା ପାଇଁ ମୂଲଚାଲ କରୁଥିବା ବେଳେ ଗ୍ରମବାସୀଙ୍କ ସ୍ଥାନୀୟ ଲୋକଙ୍କ ହାବୁଡରେ ଧରା ପଡିଯାଇଥିଲେ । ଲୋକମାନେ ବାବାଜିକୁ ମାଛ ହାଟରେ ବାନ୍ଧୀ ନିର୍ଦ୍ଧୁମ ମାଡ ମାରି ଅଚେତ କରିତଳେ ପକାଇ ଦେଇଥିଲେ । ଖବର ପାଇ ବାଲିଆପାଳ ପୋଲିସ ଘଟଣା ସ୍ଥଳରେ ପହଂଚି ବାବାଜୀକୁ ଉଦ୍ଧାର କରି ଥାନାକୁ ନେଇଥିବା ଜଣାଯାଇଛି ।

ବାଲେଶ୍ୱର ରବିବାର, ୧୯ ସେପ୍ଟେମ୍ବର, ୨୦୨୧

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ରୋଟ୍ରାକ୍ଟ କ୍ଲବ ପକ୍ଷରୁ ନବାଗତଙ୍କୁ ସ୍ୱାଗତ

ବାଲେଶ୍ୱର,୧୮/୦୯ (ନି.ପ୍ର): ବାଲେଶ୍ୱର ରୋଟ୍ରାକ୍ଟ କ୍ଲବ ପକ୍ଷରୁ ନବାଗତ ସଦସ୍ୟ ସଦସ୍ୟାଙ୍କୁ ଆଜି ସ୍ୱାଗତ ସମ୍ବର୍ଦ୍ଧିତ କରାଯାଇଛି । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ରୋଟାରୀ ବଭନ କରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ରୋଟାରୀ ରୋଟାରୀ ଜିଲା ଗଭର୍ଣ୍ଣର ପ୍ରଫେସର ଶାନ୍ତନୁ ପାଣି ମୁଖ୍ୟଅତିଥି ଭାବେ ଯୋଗଦେଇ ନବାଗତ ସଦସ୍ୟ ସଦସ୍ୟାଙ୍କୁ କ୍ଲବର କାର୍ଯ୍ୟଧାରା ଓ ଦାୟିତ୍ୱବୋଧତା ସମ୍ପର୍କରେ ଆଲୋକପାତ କରିଥିଲେ। ରୋଟାରୀ କ୍ଲବ ସଭାପତି ଡ.ରାଜଲକ୍ଷ୍ମୀ ଯତି, ରୋଟ୍ରାକ୍ଟ ଚେୟାରମ୍ୟାନ ଡ. ଶ୍ରୀମାନ ଶ୍ରୀଚନ୍ଦନ, ବରିଷ୍ଠ ରୋଟାରିଆନ ସୁବ୍ରତ କର ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାଜସେବା କ୍ଷେତ୍ରରେ ରୋଟାରିଆନଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ କ୍ଲବରେ ଯୋଗଦାନ କରିଥିବା ୩୦ ଜଣ ଯୁବ ସଦସ୍ୟ ସଦସ୍ୟାଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ ତଥା ପ୍ରମାଣପତ୍ର ଦେଇ ଓ ରୋଟ୍ରାକ୍ଟ ପିନ ଲଗାଇ ସ୍ୱାଗତ କରାଯାଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ବୃକ୍ଷରୋପଣ ପ୍ରକଳ୍ପରେ କାର୍ଯ୍ୟ କରିବା ସହିତ ଆସନ୍ତା ୨୯ ତାରିଖ ବିଶ୍ୱ ହୃଦୟ ଦିବସରୁ ଗ୍ରାମାଞ୍ଚଳ ଲୋକଙ୍କ




ମଧୁମେହ ପରୀକ୍ଷା ପାଇଁ ନୂତନ ସଦସ୍ୟ ସଦସ୍ୟାଙ୍କୁ ଦାୟିତ୍ୱ ପ୍ରଦାନ କରାଗଲା। ବାଲେଶ୍ୱର ରୋଟ୍ରାକ୍ଟ କ୍ଲବ ସଭାପତି ଅନୁପ ଦାସ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ପ୍ରଭୁଜ୍ୟୋତି ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ।

## ସାମ୍ବାଦିକଙ୍କ ପରିବାରକୁ କୋଭିଡ ସହାୟତା ପ୍ରଦାନ



ଭୁବନେଶ୍ୱର,୧୮/୦୯ (ନି.ପ୍ର): କୋଭିଡ ସମୟରେ ମୃତ୍ୟୁ ବରଣ କରିଥିବା ଭୁବନେଶ୍ୱରର ୪ଜଣ କାର୍ଯ୍ୟରତ ସାମ୍ବାଦିକଙ୍କ ପରିବାରକୁ ଆଜି ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀ ସନତ କୁମାର ମହାନ୍ତି ୧୫ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଛନ୍ତି । କରୋନା ବିରୁଦ୍ଧ ଲଢେଇରେ କାର୍ଯ୍ୟରତ ବେଳେ କୋଭିଡ ଯୋଦ୍ଧା ଭାବେ ପ୍ରାଣବଳି ଦେଇଥିବା ଏହି ସାମ୍ବାଦିକମାନେ ହେଲେ ଇଂରାଜୀ ଦୈନିକ ପତ୍ରିକା "ଟାଇମ୍ସ ଅଫ ଇଣ୍ଡିଆର" ପ୍ରୀତିମାନ ମହାପାତ୍ର, ଭୁବନେଶ୍ୱର ଓ ବାଲେଶ୍ୱରରୁ ପ୍ରକାଶ ପାଉଥିବା ଓଡ଼ିଆ ଦୈନିକ ଖବରକାଗଜ "ଆଜିକାଲି" ର ସମ୍ପାଦିକା ବିଜୟଲକ୍ଷ୍ମୀ ମହାନ୍ତି, ମୁକ୍ତବୃତ୍ତ (ଫ୍ରିଲାନ୍ସ) ସାମ୍ବାଦିକ ବସନ୍ତ ଦାସ ଓ "ଜି ଓଡ଼ିଶା" ଟିଭି ପ୍ରତିନିଧି ମାନସ ରଞ୍ଜନ ଜୟପୁରିଆ । ଆଜି ବ୍ୟାଙ୍କ ଜରିଆରେ ହିତାଧିକାରୀଙ୍କୁ ଏହି ସହାୟତା ରାଶି ସ୍ଥାନାନ୍ତର କରାଯାଇଛି । ଆଜି ପ୍ରୀତିମାନ ମହାପାତ୍ରଙ୍କ ପତ୍ନୀ ସସ୍ମିତା ସାହୁ ଓ ବିଜୟଲକ୍ଷ୍ମୀଙ୍କ ପୁତ୍ର ନିର୍ମାଲ୍ୟ ମହାନ୍ତି ଏହି ସହାୟତା ରାଶି ଜିଲ୍ଲାପାଳଙ୍କ ଠାରୁ ଗ୍ରହଣ କରିଥିଲେ । ଅନ୍ୟ ଦୁଇଜଣ ହିତାଧିକାରୀ ଆସିପାରିନଥିଲେ ମଧ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପ୍ରେରଣ କରାଯାଇଛି । ଏହି ସହାୟତା ରାଶି ଗ୍ରହଣ ପରିପ୍ରେକ୍ଷୀରେ ସମସ୍ତ ହିତାଧିକାରୀ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏହି ଆର୍ଥିକ ସହାୟତା ପ୍ରଦାନ ବେଳେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଖୋର୍ଦ୍ଧା ଶ୍ରୀ ଅନୁଜ କୁମାର ଦାସ ପଟ୍ଟନାୟକ , ଭୁବନେଶ୍ୱର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ପଠାଣି ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

## ମା'କୋଳରୁ ୧୩ଦିନର ଶିଶୁପୁତ୍ର ନିଖୋଜ : ୫ ଦିନ ପରେ ପୋଖରୀରୁ ମିଳିଲା ମୃତ ଶରୀର

ଜଳେଶ୍ୱର ୧୮/୯(ନି.ପ୍ର) : ମା କୂଳରୁ ୧୩ ଦିନର ଶିଶୁ ପୁତ୍ର ନିଖୋଜ ହେବାର ୫ ଦିନ ପରେ ତାର ମୃତ ଶରୀର ନିକଟସ୍ଥ ଏକ ପୋଖରୀରୁ ମିଳିବାକୁ ନେଇ ବିଭିନ୍ନ କଳ୍ପନାଜଳ୍ପନା ସୃଷ୍ଟି ହୋଇଛି । ଜଳେଶ୍ୱର ଥାନାର ଆରୁହା ପଂଚାୟତ ଅଧିନ ଶାଳିକୋଠା ଗାଁ ୯ ନଂ ୱାର୍ଡ ହରିଜନ ସାହିର ବଳରାମ ଜେନା ଓ ତାଙ୍କ ସ୍ତ୍ରୀ ପୂର୍ଣ୍ଣିମା ଜେନା ଗତ ୧୩ ତାରିଖ ରାତିରେ ୧୩ ଦିନର ପିଲାକୁ କୋଳରେ ଧରି ଶୋଇଥିବା ବେଳେ ରାତିରେ ନିଖୋଜ ହୋଇଥିଲା । ଏ ସମ୍ପର୍କରେ ଥାନାରେ ୩୦୧/୨୧ ମୂଳେ ଏକ ମାମଲା ରୁଜୁ ହୋଇଥିଲା। ଜଳେଶ୍ୱର ପୁଲିସ୍ ବାପା, ମା ଓ ବଡବାପା ଓ ବଡମାକୁ ଅଟକ ରଖି ବିଭିନ୍ନ ଦିଗରୁ ତଦନ୍ତ କରୁଥିଲେ । କିନ୍ତୁ ଘଟଣାରୁ ୫ ଦିନ ପରେ ଆଜି ନିକଟସ୍ଥ ଏକ ପୋଖରୀରୁ ଶିଶୁ ପୁତ୍ରର ମୃତ ଶରୀର ଉଦ୍ଧାର କରାଯାଇଥିଲା। ଏଥିରେ ପୁଲିସ୍‌ର ଏକ ବିଶେଷଜ୍ଞ ଦଳ ଘଟଣାସ୍ଥଳକୁ ଆସି କେତେକ ତଦନ୍ତ ଓ ରିପୋର୍ଟ ସଂଗ୍ରହ କରିଛନ୍ତି । ପରେ ପୁଲିସ୍ ମୃତ ଶରୀରକୁ ନେଇ ଛାନ୍‌ଭିନ୍ କରି ଶବ ବ୍ୟବଚ୍ଛେଦ କରିଛି । ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ପୋଲିସ୍ କହିଛି ।

## ଭଦ୍ରକ କଲେଜର ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ଲାପଟପ୍ ବଣ୍ଟନ

ଭଦ୍ରକ,୧୮/୦୯ (ନି.ପ୍ର): ଆଜି ବିଜ୍ଞାନର ଅଗ୍ରଗତି ଚରମ ସୋପାନରେ ପହଞ୍ଚିଥିବାବେଳେ ଦୃଷ୍ଟିବାଧିତ ଛାତ୍ରଛାତ୍ରୀ ମାନଙ୍କ କ୍ଷେତ୍ରରେ ଲାପଟାପ୍ ଚାଳନା ଆଉ ଦୁରୁହ ବ୍ୟାପାର ହୋଇ ରହିନାହିଁ। ସେମାନଙ୍କୁ ସାଧାରଣ ଛାତ୍ରଛାତ୍ରୀଙ୍କ ଭଳି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରି ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ସରକାର ଏବେ ନୂତନ ଜ୍ଞାନକୌଶଳ ଯୁକ୍ତ ଲାପଟାପ୍ ପ୍ରଦାନ କରିବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଆଜି ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ଲାପଟାପ୍ ବଣ୍ଟନ କାଳରେ ଭଦ୍ରକର ଅତିରିକ୍ତ ଜିଲାପାଳ ମଧୁସୂଦନ ଦାସ କହିଛନ୍ତି।



ଏଠାରେ ସୂଚନାଯୋଗ୍ୟ ଆଜି ଭଦ୍ରକ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଲାପଟପ୍‌କୁ ଭଦ୍ରକ କଲେଜର ସୁବାଶିଷ ରଥ, ମୋଜାହେଦା ଖାତୁନ, ଆନନ୍ଦ ପ୍ରଧାନ, ପର୍ଶୁରାମ ପଣ୍ଡା, ସୀତାରାଣୀ ମହାନ୍ତି, ଅମୀୟ କୁମାର ପାତ୍ର, ପ୍ରଭାତି ପଣ୍ଡା ଓ ଚନ୍ଦ୍ରମଣି ମହାରଣାଙ୍କ ଭଳି ୮ ଜଣ ସ୍ନାତକରେ ପଢୁଥିବା ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମରଂଜନ ଦାସ, ସିଆରଏସ୍‌ଆର ନିର୍ଦ୍ଦେଶକ ଡାକ୍ତର ଭଗବାନ ପରିଡା, କନିଷ୍ଠ କିରାଣୀ ବିଦ୍ଦୁ ଶଙ୍କର ନାୟକଙ୍କ ଉପସ୍ଥିତିରେ ଅତିରିକ୍ତ ଜିଲାପାଳ ଶ୍ରୀ ଦାସ ବଣ୍ଟନ କରିଥିଲେ।

## ଉଚ୍ଚତମ ନ୍ୟାୟାଳୟ ଯିବ ଇପିଏଫ ପେନସନର୍ସ ଆସୋସିଏସନ



ବାଲେଶ୍ୱର,୧୮/୦୯ (ନି.ପ୍ର): ବିଭିନ୍ନ ସରକାରୀ ଉଦ୍ୟୋଗ ଓ ଘରୋଇ ଶିଳ୍ପ ସଂସ୍ଥାରେ ଦୀର୍ଘବର୍ଷ କାର୍ଯ୍ୟକରି ଭବିଷ୍ୟନିଧି ସଂସ୍ଥାରୁ ପେନସନ ପାଉଥିବା କର୍ମଚାରୀମାନଙ୍କ ସଂଗଠନ 'ଅଲ ଓଡ଼ିଶା ଇପିଏଫ ପେନସନର୍ସ ଆସୋସିଏସନ' ଜିଲା କମିଟିର କାର୍ଯ୍ୟକାରୀ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ମଲିକାଶପୁରସ୍ଥିତ ସ୍ୱର୍ଗତ ଅରୁଣ ଦେ ସ୍ମୃତିଭବନ ପରିସରରେ ଆୟୋଜିତ ବୈଠକରେ ଇଂ. ଅନାଦି ଚରଣ ବେହେରା ଅଧ୍ୟକ୍ଷତା କରିଥିଲେ। ଜିଲା ସମ୍ପାଦକ ବିଷ୍ଣୁପ୍ରସାଦ ମହାନ୍ତି ଗତ ବୈଠକର ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ଦେଙ୍କ ସମେତ ଦିବଂଗତ ସଦସ୍ୟମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସମ୍ପ୍ରତିକ ସ୍ଥିତିରେ ପେନସନଭୋଗୀ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଓ ଏହାର ନିରାକରଣ ସମ୍ପର୍କରେ ଉପସ୍ଥିତ କର୍ମକର୍ତ୍ତା ଓ ସଦସ୍ୟମାନେ ଆଲୋଚନା କରିଥିଲେ। ବିଶେଷ କରି ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧି ହୋଇ ଚାଲିଥିବା ବେଳେ ସ୍ୱଳ୍ପ ଭତ୍ତାରେ ସମୁଦ୍ରକୁ ଶଙ୍ଖେ ପାଣି ସଦୃଶ ହୋଇଛି ବୋଲି ଉପସ୍ଥିତ ସଦସ୍ୟମାନେ କହିଥିଲେ। ସର୍ବନିମ୍ନରେ ମାସିକ ୯ହଜାର ଟଙ୍କା ଭତ୍ତା ପ୍ରଦାନ, ମହଙ୍ଗାଭତ୍ତା ସହ ଚିକିତ୍ସା ବୀମା ପ୍ରଦାନ ସଂପର୍କରେ ଉପସ୍ଥିତ ସଦସ୍ୟମାନେ ଆଲୋଚନା କରିଥିଲେ। ରାଜ୍ୟ ସରକାର ସମସ୍ତ ଇପିଏଫ ପେନସନଭୋଗୀଙ୍କୁ ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ସାମିଲ କରିବାକୁ ବୈଠକରେ ଦାବି କରାଯାଇଛି। କେନ୍ଦ୍ର ସରକାର ଦେଶର ବରିଷ୍ଠ ନାଗରିକମାନଙ୍କ ସମସ୍ୟା ପ୍ରତି ଧ୍ୟାନ ଦେବାକୁ ଅନୁରୋଧ କରାଯାଇଛି। କେତେକ ସଂସ୍ଥାର ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ଅଦ୍ୟାବଧି ବକେୟା ପ୍ରାପ୍ୟ ମିଳିନଥିବା ବେଳେ ଏନେଇ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେବାକୁ ନିଷ୍ପତ୍ତି ନିଆଯାଇଛି। ମାସିକ ଏକହଜାର ଟଙ୍କାରୁ କମ ପେନସନ ପାଉଥିବା କର୍ମଚାରୀମାନେ ବହୁ ଦୁଃଖ କଷ୍ଟରେ କାଳାତିପାତ କରୁଥିବା ସଂପର୍କରେ କେତେକ ସଭ୍ୟ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରତ୍ୟେକ ସଂସ୍ଥାର କର୍ମଚାରୀମାନେ ଜିଲ୍ଲାପାଳ କିମ୍ବା ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବାକୁ ନିଷ୍ପତ୍ତି ନିଆଯାଇଛି। ଉଚ୍ଚତମ ନ୍ୟାୟାଳୟର ମୋକଦ୍ଦମା ଖର୍ଚ୍ଚ ଭରଣା ପାଇଁ ସଦସ୍ୟମାନେ ଆର୍ଥିକ ଅନୁଦାନ ପ୍ରଦାନ ପାଇଁ ଅନୁରୋଧ କରାଯାଇଛି। ଇଂ. ହିମାଦ୍ରି ଶେଖର ରାୟ, ଇଂ. ସୁଶିଲ ବାରିକ, ଇଂ. କେଏଲ ଚୌଧୁରୀ, ଶ୍ୟାମସୁନ୍ଦର ଜେନା, ଜୟନ୍ତ ମହାପାତ୍ର, ଇଂ. ଉଜ୍ଜ୍ୱଳ କୁମାର ଚାନ୍ଦ, ଜଳଧର ପଣ୍ଡା, ଶରତ ଦଳାଇ, ଆଶିଷ ଦାଶ, ଅଭିଜିତ ଦାସ, ଯଦୁନାଥ ମହାପାତ୍ର, ସଚୀନ୍ଦ୍ର ଦାସଙ୍କ ସମେତ ଜିଲ୍ଲା କମିଟିର ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, ଆଇନ ପରାମର୍ଶଦାତା ନିରଞ୍ଜନ ପରିଡ଼ା ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ। ଅନନ୍ତ ପିଳା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ବାରିପଦା ସହର ଭିତରେ ଗଜରାଜ: ଭାଂଗିଲା ଘର ଓ ପାଚେରୀ

### ରାତି ତମାମ ଉଜାଗର ହେଲେ ବନବିଭାଗ ଓ ସ୍ଥାନୀୟ ଲୋକେ

ବାରିପଦା,୧୮/୦୯ (ନି.ପ୍ର): ବାରିପଦା ସହର ଭିତରେ ୧୬ ତାରିଖ ବିଳମ୍ବିତ ରାତିରେ ହାତୀ ଆତଙ୍କ ଦେଖିବାକୁ ମିଳିଥିଲା। ଏକ ଦନ୍ତାହାତୀ ବାଟବଣା ହୋଇ ବାରିପଦା ସହର ଭିତରକୁ ପଶିଯାଇଥିବା ବେଳେ ଫେରିଯିବା ପାଇଁ ବାଟ ପାଉ ନଥିଲା। ଯାହାକୁ ନେଇ ଲୋକ ଭୟଭୀତ ହୋଇଯାଇଥିଲେ। ଅନ୍ୟପଟେ ହାତୀଟି ଏ ଗଳିରୁ ସେ ଗଳି ବୁଲିବାରେ ଲାଗିଥିବାରୁ ବନବିଭାଗ ହାତିକୁ ଘଉଡେଇବାକୁ ନାକେଦମ ହୋଇଥିଲା । ବନବିଭାଗ ସହିତ ସ୍ଥାନୀୟ ଲୋକେ ସାରାରାତି ଉଜାଗର ରହି ହାତୀର ଗତିବିଧିକୁ ଲକ୍ଷରେ ରଖିଥିଲେ। ଆଉ କିଛି ଲୋକଙ୍କ ହାତୀ ଦେଖିବା କୌତୁହଳ ପାଇଁ ବନବିଭାଗ କର୍ମଚାରୀ ମାନେ ମଧ ହଟହଟା ହୋଇଥିବାର ଦେଖା ଯାଇଥିଲା । ସୂଚନା ଅନୁଯାୟୀ, ଶାମାଖୁଂଟା ବ୍ଲକ ଅଧିନ ମହୁଲିଆ ଜଙ୍ଗଲରୁ ବାରିପଦା ସହରର ସୁନାମୁହିଁ, ନହରପଦା ଆଦି ଅଂଚଳରେ ଦନ୍ତାହାତିଟି ପ୍ରବେଶ କରିଥିଲା । ହାତୀ ବୁଲୁଥିବା ଦେଖି ଲୋକେମାନେ ବନ ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ। ଏନେଇ ବନବିଭାଗ ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ କାଟ କରିବା ସହିତ ହାତୀଟିର ଗତିବିଧି ଲକ୍ଷ୍ୟରେ ରଖି ହାତୀଟିକୁ ଜନବସତି ଠାରୁ ଦୂର ଜଙ୍ଗଲ ଆଡ଼କୁ ଘଉଡାଇ ନେବା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। କିନ୍ତୁ ଦନ୍ତା ହାତୀଟି ଲୋକଙ୍କ ଗହଳି ତଥା ଗାଡିମଟର ଦେଖି ଧୀରେ ଧୀରେ ସହର ମଧ୍ୟକୁ ପ୍ରବେଶ କରିଥିଲା। ସୁନାମୁହିଁ, କନଭେଂଟ ଛକ , ବାରୁଣୀ, କୃଷ୍ଣଚନ୍ଦ୍ରପୁର ଗୋଳେଇ ଓ ପରେ ମଧୁବନ



ଅଞ୍ଚଳରେ ପ୍ରବେଶ କରିଥିଲା ହାତୀ । ତେବେ ଦୀର୍ଘ ସମୟ ଧରି ହାତିଟି ଜନବସତି ରେ ରହିବା ସହିତ ଜନବସତି ରାସ୍ତାରେ ଘଣ୍ଟା ଘଣ୍ଟା ଧରି ବୁଲିଥିଲା। ବାରିପଦା ରେଞ୍ଜ ବନ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ତତ୍ତ୍ୱାବଧାନରେ ଏକ ଟିମ ହାତୀର ଗତିବିଧି ଲକ୍ଷ୍ୟ କରିବାରେ ନିୟୋଜିତ ରହିଥିଲେ। ଅନ୍ୟପଟେ ବାରିପଦା ଟାଉନ ଥାନା ଅଧିକାରୀ ବିରେନ୍ଦ୍ର କୁମାର ସେନାପତି ଲୋକଙ୍କ ଗହଳିକୁ ଏଡେଇବା କାର୍ଯ୍ୟ ଜାରି ରଖିଥିଲେ। ଶେଷରେ ରାତିତମାମ ପ୍ରୟାସ ପରେ ଭୋର ସକାଳ ସମୟରେ ବନ ବିଭାଗ କର୍ମଚାରୀଙ୍କ ପ୍ରୟାସ ଫଳରେ ହାତୀଟିକୁ ସହରରୁ ଜଙ୍ଗଲ ଆଡ଼କୁ ଘଉଡାଇ ନେବାରେ ସଫଳ ହୋଇଥିଲେ। ବର୍ତ୍ତମାନ ହାତୀଟି ମଞ୍ଜାବନ୍ଧା ଜଙ୍ଗଲ ଭିତରେ ଥିବା ନେଇ ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଦନ୍ତାହାତି ରାତି ଅଧରେ ସହର ରେ ବୁଲୁଥିବାରୁ ଲୋକଙ୍କ ହାତୀ ଦେଖିବାର କୌତୁହଳ ସହିତ ମୋବାଇଲରେ ଫୋଟ ନେବା ପାଇଁ ସ୍ଥାନୀୟ ଅଞ୍ଚଳରେ ବେଶ ଭିଡ଼ ଜମିଥିଲା। ଦନ୍ତାହାତୀ ମଧୁବନ, ସୁନାମୁହିଁ, ରାଣୀସତୀ ମନ୍ଦିର ଆଦି ସ୍ଥାନରେ ସମୁଦାୟ ୩ଗୋଟି ଘର ସମେତ ଗୋଟିଏ ସ୍ଥାନରେ ପାଚେରୀ ଭାଙ୍ଗିଥିବା ନେଇ ବନବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ତେବେ ଦୃତ ଜଙ୍ଗଲ କ୍ଷୟ ଓ ବନାଗ୍ନୀ ଯୋଗୁ ବନ୍ୟପ୍ରାଣୀଙ୍କର ରହଣି ସ୍ଥଳର ପରିବେଶ ସନ୍ତୁଳନ ହରାଉ ଥିବାରୁ ବନ୍ୟପ୍ରାଣୀ ମାନେ ଅନେକ ସମୟରେ ଜନବସତି ମୁହାଁ ହୋଇ ବହୁ ଧନ ଜୀବନ କ୍ଷତି କରିବା ସହିତ ନିଜ ଜୀବନକୁ ମଧ ବିପର୍ଣ୍ଣ କରୁଛନ୍ତି ବୋଲି ପରିବେଶବିତ ମାନେ ମତ ରଖିଛନ୍ତି ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୯ ଗିରଫ, ୮୧୨ ବାହନ ଜବତ

ଭୁବନେଶ୍ୱର, ୧୮/୯(ନିପ୍ର) : ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୯ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୮୧୨ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୨,୫୬,୮୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ମୂଳିଆଖାଳର ଜବର ଦଖଲ ଉଚ୍ଛେଦ : ଜଳ ନିଷ୍କାସନ ସ୍ୱାଭାବିକ

ଜଳେଶ୍ୱର, ୧୮/୯(ନିପ୍ର) : ରାଇବଣିଆ ଥାନା ଅନ୍ତର୍ଗତ ଗୋପାଳପ୍ରସାଦ ନିକଟରେ ପ୍ରବାହିତ ମୂଳିଆଖାଳ ସନ୍ନକଟସ୍ଥ ଏକ ଇଟାଭାଟି 'ମା'ର ଭଂଗା ଇଟା ଓ ବିଭିନ୍ନ ଇଟା ତିଆରି ସାମଗ୍ରୀ ଗଦା ହୋଇଥିବାରୁ ୪ଟି ଗାର ଜଳ ନିଷ୍କାସନ ହୋଇ ପାରୁନଥିଲା । କୁଆଁରପୁର, ଗୋପାଳପ୍ରସାଦ, ଓଲମରା ଓ ମାକିଡିଆ ଗ୍ରାମବାସୀଙ୍କ ପକ୍ଷରୁ ଗୌରଚରଣ ଘୋଷ, ଶିବ ଚରଣ ଘୋଷ, ସୁଧିର କୋଇଲା, ସୁଧାଂଶୁ କୋଇଲା, ଗୋପାଳ ଅଧିକାରୀ, ହରିନାରାୟଣ କୋଇଲା, ସୁରେନ୍ଦ୍ର ଦଣ୍ଡପାଟ ଓ ବସନ୍ତ ବେହେରା ପ୍ରମୁଖ ଜଳେଶ୍ୱର ତହସିଲଦାର ଓ ଉପଜିଲାପାଳଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଆସିଥିଲେ । ଗତ କିଛିଦିନ ପୂର୍ବରୁ ଲଘୁଚାପ ଜନିତ ବର୍ଷା ଯୋଗୁଁ ଉଉପରୋକ୍ତ ବ୍ୟକ୍ତି ଓ ଗ୍ରାମାବସୀଙ୍କ ବ୍ୟାପକ କ୍ଷତି ଘଟିଥିବାରୁ ଆଜି ଜଳେଶ୍ୱର ତହସିଲଦାର ଶଂକର ପଟ୍ଟନାୟକ ଓ ଅତିରିକ୍ତ ତହସିଲଦାର ହେମନ୍ତ ନାୟକ, ରାଇବଣିଆ ଆଇଆଇସି ଗୋପାଳ ସିଂ, ଆର୍‌ଆଇ ସୃଷ୍ଟିଧର ପାତ୍ର ପ୍ରମୁଖ ଘଟଣାସ୍ଥଳକୁ ଯାଇ ଉଚ୍ଛେଦ କରିଛନ୍ତି । ଫଳରେ ପାଣିନିଷ୍କାସନ ହେବା ସହିତ ସାଧାରଣରେ ଆନନ୍ଦ ପ୍ରକାଶ ପାଇଥିଲା ।

## ଧାମନଗର ମୋଟର ଚାଳକ ପକ୍ଷରୁ ୧୭ସେପ୍ଟେମ୍ବର ଚାଳକ ଦିବସ ପାଳନ



ଧାମନଗର,୧୮/୦୯ (ନି.ପ୍ର): ଧାମନଗର ବିଜ୍ଞାପିତ ଅଂଚଳ ପରିଷଦ ଅର୍ନ୍ତଗତ ଧାମନଗର ଟ୍ରେକର ଷ୍ଟାଣ୍ଡ ପରିସରରେ ଓଡ଼ିଶା ମୋଟର ଚାଳକ ସଂଘ ପକ୍ଷରୁ ୧୭ସେପ୍ଟେମ୍ବରକୁ ଚାଳକ ଦିବସ ରୂପେ ପାଳନ କରାଯାଇଛି। ସଂଘର ସଭାପତି କୈଳାଶ ମହାରଣା, ଜିଲ୍ଲା ଚାଳକ ସଂଘର ପ୍ରଭାରୀ ବିରେନ୍ଦ୍ର କୁମାର ଜେନା, ବରିଷ୍ଠ ସଦସ୍ୟ ଭାସ୍କର ଦାସ, ବାଦଲ କୁମାର ପାତ୍ର, ଖଗେଶ୍ୱର ଜେନା, ସତ୍ୟରଂଜନ ତ୍ରିପାଠୀ, ମୁରଲୀଧର ମହାପାତ୍ର, ସରୋଜ ସାହୁ, ଅଶୋକ ବେହେରା ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ପକ୍ଷରୁ ଜାରି ହୋଇଥିବା କୋଭିଡ୍ କଟକଣା ନୀୟମକୁ ମାନି ସଂଘ ପକ୍ଷରୁ ନିରାଡ଼ମ୍ବରରେ ପାଳନ କରାଯାଇଛି।

## ରାଜ୍ୟ ମହିଳା ବିଜେଡି କାର୍ଯ୍ୟକାରୀ ସଭାନେତ୍ରୀ ସୁବାସିନୀ ଜେନାଙ୍କ ବାଲିଆପାଳ ବନ୍ୟାଂଚଳ ଗସ୍ତ



ବାଲିଆପାଳ,୧୮/୦୯ (ନି.ପ୍ର): ସୁବର୍ଣ୍ଣରେଖାରେ ଆସିଥିବା ବନ୍ୟା ହ୍ରାସ ପାଇଥିଲେ ମଧ ତଳ ମୁଣ୍ଡରେ ଥିବା ବାଲିଆପାଳ ବ୍ଲକର ଅନେକ ଗ୍ରାମ ଏବେ ବି ପାଣି ଘେରରେ ରହିଛି । ପ୍ରଶାସନ ପକ୍ଷରୁ ଏ ପର୍ଯ୍ୟ' କ୍ଷତିଗ୍ରସ୍ତ ଲୋକଙ୍କ ପାଖରେ କିଛି ସରକାରୀ ସହାୟତା ପହଂଚିନାହିଁ । ଆଜି ଅପରାହ୍ନରେ ରାଜ୍ୟ ମହିଳା ବିଜେଡି କାର୍ଯ୍ୟକାରୀ ସଭାନେତ୍ରୀ ସୁବାସିନୀ ଜେନା ବନ୍ୟାରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ମଧୁପୁରା ପଂଚାୟତର ଚଡବସ୍ତ କାଳରୂଇ ଓ ଚୌଧୁରୀକୁଦ ଗ୍ରାମ ପରିଦର୍ଶନ କରିଥିଲେ । ଲୋକଙ୍କର ଦୁର୍ଦ୍ଦଶା ସ୍ୱଚକ୍ଷୁରେ ଦେଖି ପ୍ରଶାସନ ସହିତ ଆଲୋଚନା କରି ସହାୟତାର ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଓଡିଶା ମୋ ପରିବାର ପକ୍ଷରୁ କ୍ଷତିଗ୍ରସ୍ତ ଲୋକଙ୍କୁ ଦିନେ ଦୁଇ ଦିନ ମଧରେ ପଲିଥିନ ଏବଂ ଅନ୍ୟାନ ସାମ୍ରଗୀ ଦିଆଯିବ ବୋଲି କହିଥିଲେ। ଗ୍ରାମରେ ଥିବା ନଳକୂପ ଗୁଡିକ ପାଣିରେ ବୁଡି ରହିଥିବାରୁ ଲୋକମାନେ ଦୂଷିତ ପାଣି ପିଉଥିବା ଅଭିଯୋଗ କରିଥିଲେ । ଏ ବିଷୟରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ସହିତ ଆଲୋଚନା କରି ଲୋକଙ୍କ ପାଇଁ ବିଶୁଦ୍ଧ ପାଳିର ବ୍ୟବସ୍ଥା କରାଯିବ ବୋଲି ସେ ପ୍ରତିଶୃତି ଦେଇଥିଲେ । ଶ୍ରୀମତୀ ଜେନାଙ୍କ ଏହି ଗସ୍ତ ସମୟରେ ତାଙ୍କ ସହିତ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ମଧୁପୁରା ପଂଚାୟତ ସମିତି ସଦସ୍ୟଙ୍କ ପ୍ରତିନିଧି ମନ୍ମଥ ବାରିକ, ବ୍ଲକ ଯୁବ ବିଜେଡି ସାଧାରଣ ସଂପାଦକ ପ୍ରତାପକେଶରୀ ସାହୁ, ବ୍ଲକ ଯୁବ ବିଜେଡି ସଭାପତି ସୟ ପ୍ରଧାନ, ଯୁବ ବିଜେଡି ନେତା ଲମ୍ବୋଦର ମାହାନା, ବାବାଜୀ ସାହୁ ପ୍ରମୁଖ ସାମିଲ ଥିଲେ ।

## ଅତଡା ଖସିଥିବା ସ୍ଥାନରେ ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ : ଅସ୍ଥାୟୀ ବନ୍ଧ ନିର୍ମାଣ ନିର୍ଦ୍ଦେଶ

ଜଳେଶ୍ୱର ୧୮/୯(ନି.ପ୍ର) : ଗତ ଶୁକ୍ରବାର ସଂଧ୍ୟାରେ ବାଲେଶ୍ୱର ଜିଲାର ଜଳେଶ୍ୱର ନିକଟ ସୁବର୍ଣ୍ଣରେଖା ନଦୀର ଗୁରୁଦାସ ସେତୁ ସନ୍ନିକଟସ୍ଥ ନଦୀବନ୍ଧରେ ପ୍ରାୟ ୪୦ମିଟର ଲମ୍ବର ଅତଡା ଖସି ବିପଦ ସୃଷ୍ଟି କରିଥିଲା । ଶିଖରପୁର ଠାରୁ ଲକ୍ଷ୍ମଣନାଥ ପର୍ଯ୍ୟନ୍ତ ଟେଷ୍ଟ ରିଲିଫ ନଦୀ ବନ୍ଧର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବାରୁ ବିଧାୟକ ଅଶ୍ୱନୀ ପାତ୍ର ବାରିପଦାସ୍ଥିତ ସୁବର୍ଣ୍ଣରେଖା ଜଳସେଚନା ପ୍ରକଳ୍ପର ମୁଖ୍ୟଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଫଳରେ ଆଜି ଶନିବାର ସକାଳ ୮ଟାରେ ମୁଖ୍ୟଯନ୍ତ୍ରୀ ଇଂ ତରଣୀସେନ୍ ଧଳ ନଦୀବନ୍ଧ ବୁଲି ଦେଖିଛନ୍ତି । ଗତକାଲି ରାତିରେ ଅନ୍ୟଏକ ଅତଡା ଖସିବା ଦ୍ୱାରା ୬୦ ମିଟର ନଦିବନ୍ଧ ପ୍ରତି ବିପଦ ସୃଷ୍ଟି ହୋଇଛି । ସେଠାରେ ବାଉଁଶ ପୋତି ବାଲି ବସ୍ତା ପକାଇ ତୁରନ୍ତ ଅସ୍ଥାୟୀ ମରାମତି କରିବାକୁ ଅଧିକ୍ଷଣ ଯନ୍ତ୍ରୀ ପ୍ରଭାସଚନ୍ଦ୍ର ପ୍ରଧାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେବଳ ଏତିକି ନୁହେଁ, ବନ୍ଧର ଘଳିଆ ପଡିଥିବା, ବନ୍ଧ ଫାଟି ବିପଦ ସୃଷ୍ଟି କରିଥିବା ସ୍ଥାନମାନଙ୍କରେ ମରାମତି କରିବାକୁ ସେ କହିଛନ୍ତି। ଶ୍ରୀ ଧଳ ଏହାପରେ ମାକିଡିଆ, କୁଆଁରପୁର ଯାଇ ସେଠାରେ ପୂର୍ବରୁ ହୋଇଥିବା ପଥର ପେକିଂ ଓ ସ୍ପୋର ଗୁଡିକୁ ବୁଲି ଦେଖିଥିଲେ । ପଥର ପେକିଂର କେତେକ ସ୍ଥାନରେ ପଥର ଖସି ଯାଇଥିବାରୁ ସେ ସବୁ ସ୍ଥାନରେ ବାଲିବସ୍ତା ପକାଇ ଅଟକାଇବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। କୁଆଁରପୁର ସ୍କୁଲ ଠାରେ ନିର୍ମାଣ ହୋଇଥିବା ଗାର୍ଡୱାଲ ଭାଂଗି ପଡିଥିବା ଓ ରାଧାକାନ୍ତ ଘୋଷଙ୍କ ଘର ନିକଟରେ ପଥର ପେକିଂ ସୁରକ୍ଷିତ ନ ଥିବାର ଦେଖି ମରାମତି କରିବାକୁ କହିଛନ୍ତି । ଏହାପରେ ସେ ଜଳ ସମ୍ପଦ ବିଭାଗର ଜଳେଶ୍ୱର କାର୍ଯ୍ୟାଳୟ ଠାରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ପ୍ରିୟବ୍ରତ ସିଂ, ସହକାରୀ ଯନ୍ତ୍ରୀ ଧିରେନ୍ଦ୍ର ଦାସ, ବିଧାୟକ ଅଶ୍ୱିନୀ ପାତ୍ର, ପ୍ରତୀପ କୁମାର ପ୍ରଧାନ ପ୍ରମୁଖ ନଦୀବନ୍ଧ ସୁରକ୍ଷା ନେଇ ସମୀକ୍ଷା କରିଥିଲେ। ଏପରିକି ଜଳେଶ୍ୱରର ରିଂ ବନ୍ଧ ନିର୍ମାଣ ସଂପର୍କରେ ଆଲୋଚନା ହୋଇଥିଲା । ମହମ୍ମଦନଗର ପାଟଣାଠାରୁ ମାଣିକଚକ ଯାଏ ନଦୀବନ୍ଧର ଉଚ୍ଚତା କମାଇ ବନ୍ଧକୁ ଓସାରିଆ ଓ ସୁଦୃଢ଼ କରାଯିବା ସମ୍ପର୍କରେ ଆଲୋଚନା ହୋଇଥିଲା ।

## କୁଲଡିହା ଅଭୟାରଣ୍ୟରୁ ଶିକାରୀ ଗିରଫ: ଦେଶୀ ବନ୍ଧୁକ ଜବତ

ନୀଳଗିରି,୧୮/୦୯ (ନି.ପ୍ର): ନୀଳଗିରି କୁଲଡିହା ଅଭୟାରଣ୍ୟରେ ଶୀକାର କରୁଥିବା ବେଳେ ଜଣେ ଶିକାରୀକୁ ବନବିଭାଗ ଗିରଫ କରିବା ସହ ଏକ ଦେଶୀ ବନ୍ଧୁକ କୁ ଜବଦ କରିଛନ୍ତି । ସୂଚନା ଅନୁସାରେ ନୀଳଗିରି କୁଲଡିହା ଅଭୟାରଣ୍ୟର ଜଡ଼ାଗଡ଼ି ଠାରେ ବରହମପୁର ଥାନା ଅଧିନସ୍ଥ କେ.ସି.ପୁର ପଞ୍ଚାୟତର ରାଉଦିଆ ଗ୍ରାମର ଶୁକୁରା ସିଂ (୨୫) କୁ ଗିରଫ କରିବା ସହ ତାଙ୍କ ଠାରୁ ଏକ ଦେଶୀ ବନ୍ଧୁକ ଜବଦ କରିଛନ୍ତି । କୁଲଡିହା ଭାରପ୍ରାପ୍ତ ରେଞ୍ଜର ମନୱାର ଖାଁଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ଗାର୍ଡ ଅଞ୍ଜନ କୁମାର ଦାସ ଶିକାରୀକୁ ଗିରଫ କରିଥିଲେ। ଏ ନେଇ ବନ ବିଭାଗ ପକ୍ଷରୁ ୧୯ କେ/୨୧-୨୨ ରେ ମାମଲା ରୁଜୁ ହୋଇଅଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo